# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 175 ଭାଗ ୩୪ | ସଂଖ୍ୟା ୧୭୫ | Tuesday 15 September 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୧୫ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସବୁ ଭାଷା ଶିଖ, ମାତ୍ର ମାତୃଭାଷାକୁ ଛାଡ଼ ନାହିଁ

ପୃଷ୍ଠା ୬






# ଦୀପ ଜାଳି ପ୍ରଧାନମନ୍ତ୍ରୀଙ୍କୁ ଆଶୀର୍ବାଦ ଦେବେ ରାଜ୍ୟବାସୀ



- ମୋଦିଙ୍କ ଜନ୍ମଦିନରେ ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମ
- ଘରେ ଘରେ ଓ ମନ୍ଦିରରେ ପ୍ରଜ୍ୱଳିତ ହେବ ଆଶୀର୍ବାଦ ଦୀପ
- ଜନକଲ୍ୟାଣକାରୀ ଯୋଜନା ହିତାଧିକାରୀ ଶେୟାର କରିବେ ଫଟୋ

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ଅବସରରେ ରାଜ୍ୟବ୍ୟାପୀ ଏକ ମାସ ଧରି ସେବା ସଂକଳ୍ପ ଅଭିଯାନ ପାଳିତ ହେବ। ଏହି ଅବସରରରେ ଆସନ୍ତା ୧୭ ତାରିଖରେ ସାରା ରାଜ୍ୟରେ ଆଶୀର୍ବାଦ ଦୀପ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅପିଲ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା-ତପସ୍ୟା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ଅଦମ୍ୟ ନେତୃତ୍ୱ ଆଜି ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ର ଭାବେ ଗଢ଼ିତୋଳିଛି। ଆସନ୍ତା ୧୭ରେ ତାଙ୍କର ୭୬ତମ ଜନ୍ମଦିନ ଅବସରରେ ମାସେବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେଉଛି, ଯେଉଁଥିରେ 'ସେବା ଜ୍ୟୋତି ଯାତ୍ରା', 'ନମୋ ସେବା ଗାଥା', 'ସ୍ୱପ୍ନର ଭାରତ', 'ପରିବର୍ତ୍ତନର କାହାଣୀ', 'ବିକଶିତ ଭାରତ ସଂକଳ୍ପ ଯାତ୍ରା', ବୃକ୍ଷରୋପଣ ଓ ରକ୍ତଦାନ ଶିବିର ପରି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହି ସେବା ସଂକଳ୍ପ ଅଭିଯାନ ଅବସରରେ ୧୭ରେ ସାରା ଓଡ଼ିଶାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ସେଦିନ ସକାଳେ କିମ୍ବା ସନ୍ଧ୍ୟାରେ ନିଜ ପୃଷ୍ଠା-୬

### ସୁରକ୍ଷା ନିୟମର ଖୁଲମ୍‌ଖୁଲ୍ଲା ଉଲ୍ଲଂଘନ

# ଏଆଇ ତିଆରି କରୁଛି କ୍ଷେପଣାସ୍ତ୍ର

- ଆନ୍ଥ୍ରୋପିକ୍‌ର ଚାଞ୍ଚଲ୍ୟକର ରିପୋର୍ଟ
- ପ୍ରସ୍ତୁତ ହେଉଥିଲା ରୋବୋଟିକ୍ସ ଓ ମିସାଇଲ୍ ଗାଇଡାନ୍ସ
- ଆମେରିକା ସେନାର ଗତିବିଧି ଟ୍ରାକ କରୁଥିଲା ଇରାନ




ନୂଆଦିଲ୍ଲୀ, ୧୪।୯ (ସଂଚାର ବ୍ୟୁରୋ): କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଗାମୀ ୧୦ ବର୍ଷରେ ମାନବ ସଭ୍ୟତାକୁ ଧ୍ୱଂସ କରିବ। ଏନେଇ ବହୁ ବିଶେଷଜ୍ଞ କ୍ରମାଗତ ଭାବେ ଗତ କିଛି ସପ୍ତାହ ଧରି ସତର୍କ କରାଇ ଆସୁଛନ୍ତି। ଏଭିତରେ ଏବେ ସଫ୍ଟୱେର୍ 'କ୍ଲାଉଡ'ର ଦୁରୁପଯୋଗକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱର ପ୍ରମୁଖ ଏଆଇ ଗବେଷଣା ସଂସ୍ଥା ଆନ୍ଥ୍ରୋପିକ୍‌ର ସଦ୍ୟତମ ସୁରକ୍ଷା ରିପୋର୍ଟ ସାରା ବିଶ୍ୱକୁ ଚିନ୍ତାରେ ପକାଇଛି। ଏହି ରିପୋର୍ଟ ଅନୁଯାୟୀ, 'କ୍ଲାଉଡ' ଏଆଇ ମଡେଲକୁ ବ୍ୟବହାର କରି କ୍ଷେପଣାସ୍ତ୍ର ସଫ୍ଟୱେର୍ ନିର୍ମାଣ, ବ୍ୟାପକ ସାମରିକ ଗୁପ୍ତଚର ବୃତ୍ତି ଏବଂ ନାଗରିକଙ୍କ ଉପରେ ନଜର ରଖିବା ଭଳି ଗୁରୁତର ଅପରାଧିକ କାର୍ଯ୍ୟ କରାଯାଉଥିଲା। ଏଥିପାଇଁ କମ୍ପାନୀ ଗତ ୨୦୨୫ ଡିସେମ୍ବରରୁ ୨୦୨୬ ଅଗଷ୍ଟ ଏଇ ୮ ମାସ ମଧ୍ୟରେ ଏଆଇର ଜୈବିକ ବ୍ୟବହାର ହେଉଥିବା ଦେଶରେ ତା'ର ବ୍ୟବହାର ବ୍ୟାନ କରିଛି।

ରିପୋର୍ଟ ଅନୁଯାୟୀ ୫ଟି ସବୁଠାରୁ ଗୁରୁତର ଘଟଣା ସାମ୍ନାକୁ ଆସିଛି। ୟେମେନ୍‌ର ଏକ ସଶସ୍ତ୍ର ଗୋଷ୍ଠୀ କ୍ଲାଉଡ୍ ଏଆଇ ସାହାଯ୍ୟରେ ରୋବୋଟିକ୍ସ ଓ ମିସାଇଲ୍ ଗାଇଡାନ୍ସ ଏବଂ ନାଭିଗେସନ୍ ସଫ୍ଟୱେର୍ କୋଡ୍ ପ୍ରସ୍ତୁତ କରୁଥିଲେ। ସେହିଭଳି ଇରାନ୍ ସହ ଜଡ଼ିତ ସାଇବର୍ ଗୋଷ୍ଠୀ ଆମେରିକୀୟ ନୌସେନାର ଯୁଦ୍ଧ ଜାହାଜ ଓ ସୈନ୍ୟଙ୍କ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଏହି ଏଆଇକୁ ବ୍ୟବହାର କରୁଥିଲେ।

ଏଥିସହ ଆଫ୍ରିକୀୟ ଦେଶ ମାଲିରେ ପ୍ରାୟ ୨.୫ କୋଟି ସିମ୍ କାର୍ଡ ଏବଂ ନାଗରିକଙ୍କ କଲ୍, ମେସେଜ୍ ଉପରେ ସାମୂହିକ ନଜର ରଖିବା ପାଇଁ ଏକ ସର୍ଭେଲାନ୍ସ ସିଷ୍ଟମ୍ ତିଆରିରେ ଏଆଇର ସାହାଯ୍ୟ ନିଆଯାଇଥିଲା। ସିରିଆରେ ଉଇଘୁର ସଂଖ୍ୟାଲଘୁଙ୍କ ଡାଟା ପ୍ରୋଫାଇଲିଂ ଓ ସେମାନଙ୍କୁ ଟାର୍ଗେଟ୍ କରିବା ପାଇଁ ଚୀନ୍ ପୃଷ୍ଠା-୬

# କମିଲା କିଶୋରୀ ମାତୃତ୍ୱ ହାର

### ଆଦିବାସୀବହୁଳ ଜିଲ୍ଲାରେ ଚିନ୍ତା ବଢ଼ାଉଛି ବାଲ୍ୟ ବିବାହ



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଓଡ଼ିଶାରେ କିଶୋରୀ ମାତୃତ୍ୱ ହାରରେ ହ୍ରାସ ଘଟିଛି, ମାତ୍ର ଆଦିବାସୀବହୁଳ ଜିଲ୍ଲାଗୁଡ଼ିକରେ ବାଲ୍ୟ ବିବାହ ଏବେ ବି ଗୁରୁତର ଚିନ୍ତାର ବିଷୟ ପାଲଟିଛି। ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ, ରାଜ୍ୟରେ ୧୫ରୁ ୧୯ ବର୍ଷ ବୟସ୍କା ଝିଅମାନଙ୍କ ମଧ୍ୟରେ ଗର୍ଭଧାରଣ ହାର ୭.୫ ପ୍ରତିଶତରୁ କମି ୬.୫ ପ୍ରତିଶତରେ ପହଞ୍ଚିଛି। ମହିଳା ଶିକ୍ଷାର ପ୍ରସାର, ଇଣ୍ଟରନେଟ୍ ସୁବିଧାର ଉପଲବ୍ଧତା ଓ ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବୃଦ୍ଧି ଯୋଗୁଁ କେତେକ ଜିଲ୍ଲାରେ ସ୍ଥିତିରେ ସୁଧାର ଆସିଛି। କଟକ ଜିଲ୍ଲାରେ କିଶୋରୀ ଗର୍ଭଧାରଣ ହାର ସର୍ବନିମ୍ନ ୦.୯ ପ୍ରତିଶତ ପୃଷ୍ଠା-୬

### ଗଣେଶ ପୂଜାରେ ଶେଷ ଯାତ୍ରା

# ପୃଥକ୍ ଦୁର୍ଘଟଣାରେ ୮ ମୃତ, ୩ ଗୁରୁତର

ଭୁବନେଶ୍ୱର/ପଟ୍ଟାମୁଣ୍ଡାଇ, ୧୪।୯ (ସଂଚାର ବ୍ୟୁରୋ): ଆଜି ପବିତ୍ର ଗଣେଶ ପୂଜାରେ ସବୁଠି ଥିଲା ଖୁସିର ମାହୋଲ୍। ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ପୂଜାରେ ସମସ୍ତେ ଲୀନ ହୋଇ ଖୁସିରେ ମଜ୍ଜିଯାଇଥିଲେ। କିନ୍ତୁ ୭ଟି ପରିବାରରେ ଆଜି ଖୁସି ପରିବର୍ତ୍ତେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼। କାରଣ ସେମାନଙ୍କର କେହି ନିଜ ଲୋକଙ୍କ ଜୀବନରେ ଆଜି ଆସିଛି ସାୟାହ୍ନ। ସେମାନଙ୍କ ପାଇଁ ଗଣେଶ ପୂଜାରେ ଯାତ୍ରା ସାଜିଛି ଶେଷ ଯାତ୍ରା। ରାଜ୍ୟରେ ପୃଥକ୍ ଦୁର୍ଘଟଣାରେ ଆଜି ଦିନକ ଭିତରେ ୮ ଜଣଙ୍କ ଜୀବନ ଯାଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଥିରେ ଗୋଟିଏ ପରିବାରର ମା' ଓ ପୁଅ ମଧ୍ୟ ସାମିଲ୍ ଅଛନ୍ତି।



ମିଳିଥିବା ସୂଚନାନୁସାରେ, ନୂଆଁଖାଇ ପାଇଁ ଘରକୁ ଯାଉଥିଲେ। ବାଟରେ ଛକିଥିଲା ଯମ। ମର୍ମନ୍ତୁଦ ଦୁର୍ଘଟଣାରେ ମା' ଓ ପୁଅ ମୃତ୍ୟୁବରଣ କରିଛନ୍ତି। ଏଥିସହ ଏହି ଘଟଣାରେ ବାପା ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ସମ୍ବଲପୁର ଠେଲକୋଲୋଇ ଥାନା କ୍ଷେତ୍ରରେ ଘଟିଛି ଏହି ଭୟଙ୍କର ଦୁର୍ଘଟଣା। ପରିବାରର ୩ ଜଣ ସଦସ୍ୟ ବାଇକରେ ଯାଉଥିବା ସମୟରେ ମୋନଙ୍କୁ ପଛପଟୁ ଏକ ପୃଷ୍ଠା-୬



କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲ୍‌ଙ୍କ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗ୍ରପୂଜ୍ୟ ଗଣପତିଙ୍କ ପୂଜାର୍ଚ୍ଚନା କରୁଛନ୍ତି।

# ପଞ୍ଚାୟତ ଓ ପୌର ନିର୍ବାଚନ ଘୁଞ୍ଚିବା ଆଶଙ୍କା

### କ୍ଷେତ୍ର ପ୍ରସ୍ତୁତ ପାଇଁ ସମୟ ନେବ ସରକାରୀ ଦଳ



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଆସନ୍ତା ୨୦୨୭ ମାର୍ଚ୍ଚ ମାସରେ ରାଜ୍ୟରେ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ନିର୍ଦ୍ଧାରିତ ସମୟରେ ହେବା ନେଇ ବଡ଼ ଧରଣର ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟ ନିର୍ବାଚନ କମିଶନ ଦୃଢ଼ ଭାବେ ମାର୍ଚ୍ଚ ଶେଷ ସପ୍ତାହ କିମ୍ବା ଏପ୍ରିଲ ପ୍ରଥମ ସପ୍ତାହ ମଧ୍ୟରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କହୁଛନ୍ତି। ହେଲେ ସୂତ୍ର ଅନୁଯାୟୀ ଶାସକ ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ହୋଇନି।

ଆଭ୍ୟନ୍ତରୀଣ ସ୍ଥିରତା, ପ୍ରଶାସନିକ ପ୍ରସ୍ତୁତିର ଧୀମା ଗତି ଓ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ନହେବା କାରଣରୁ ନିର୍ବାଚନ ଆଉ କିଛିଦିନ ଘୁଞ୍ଚିବା ଏକପ୍ରକାର ନିଶ୍ଚିତ ମନେ ହେଉଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜନପ୍ରତିନିଧିଙ୍କ କାର୍ଯ୍ୟକାଳ ସମ୍ପୂର୍ଣ୍ଣ ହେବା ପରେ ନିର୍ବାଚନ ନ କରାଇ ପଞ୍ଚାୟତ ଓ ପୌର ସଂସ୍ଥାଗୁଡ଼ିକରେ ପ୍ରଶାସକ ନିଯୁକ୍ତି କରିବାକୁ ସରକାରୀ ସ୍ତରରେ ଯୋଜନା ଚାଲିଛି। ରାଜନୈତିକ ସମୀକ୍ଷକଙ୍କ ମତରେ, ନିର୍ବାଚନ ଟାଳିବା ପଛରେ ଏକାଧିକ ସାଙ୍ଗଠନିକ ଓ ପ୍ରଶାସନିକ ଗଣିତ ଲୁଚି ରହିଛି।

ସାଧାରଣ ନିର୍ବାଚନକୁ ଅଢ଼େଇ ବର୍ଷ ବିତି ଯାଇଥିଲେ ବି ତୃଣମୂଳ ସ୍ତରରେ ସଂଗଠନ ସମ୍ପୂର୍ଣ୍ଣ ଭାବେ ବିଜେପି ମୁଠାକୁ ଆସିନି। ୱାର୍ଡ, ପଞ୍ଚାୟତ ଓ ପୌରାଞ୍ଚଳ ସ୍ତରରେ ନେତା ଓ କର୍ମୀଙ୍କ ମଧ୍ୟରେ ଥିବା ସମନ୍ୱୟ ଅଭାବକୁ ଦୂର ନକରି ସିଧାସଳଖ ଭୋଟ୍ ମଇଦାନକୁ ଓହ୍ଲାଇବାକୁ ଶାସକ ଗୋଷ୍ଠୀ ବିପଦପୂର୍ଣ୍ଣ ମନେ କରୁଛନ୍ତି।

ସେହିପରି ନୂତନ ଗ୍ରାମପଞ୍ଚାୟତ, ବ୍ଲକ ଓ ପୌରାଞ୍ଚଳଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ ଏବଂ ସଂରକ୍ଷଣ ଚିଠା ପ୍ରସ୍ତୁତି କାର୍ଯ୍ୟ ଅଧୁରା ରହିଛି। ବିଭିନ୍ନ ଜିଲ୍ଲାରୁ ଆସିଥିବା ଆପତ୍ତି ଓ ଅଭିଯୋଗର ଶୁଣାଣି ପ୍ରକ୍ରିୟା ଶେଷ ହେବାକୁ ଅଧିକ ସମୟ ଲାଗିବ। ଏତେ ପୃଷ୍ଠା-୬

### ସେବା ସଂକଳ୍ପ ଅଭିଯାନ ପାଇଁ ଧର୍ମେନ୍ଦ୍ରଙ୍କ ପ୍ରସ୍ତୁତି ବୈଠକ

# ମୋଦିଙ୍କ ସୁଶାସନକୁ ସ୍ମରଣୀୟ କରିବାକୁ ଆହ୍ୱାନ



ସମ୍ବଲପୁର, ୧୪।୯ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଓ ଜନସେବାର ୨୫ ବର୍ଷ ପୂର୍ତ୍ତି ଅବସରରେ ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

ଆସନ୍ତା ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ମାସେ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ - ନର ସେବା ହିଁ ନାରାୟଣ ସେବା' ପାଳନ କରାଯିବ। ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନ ଓ ତୃଣମୂଳ ସ୍ତରର ମାତୃଶକ୍ତିଙ୍କୁ ମିଶାଇ ଏହି ସେବା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁର ଜିଲ୍ଲାର ପ୍ରାୟ ସମସ୍ତ ନିର୍ବାଚନମଣ୍ଡଳୀରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଖୁବ୍‌ଶୀଘ୍ର ସମସ୍ତଙ୍କ ସହ ଆଲୋଚନା କରି କାର୍ଯ୍ୟକ୍ରମର ଅନ୍ତିମ ଯୋଜନା ଚୂଡ଼ାନ୍ତ କରାଯିବ। ଏହି ସମୟସୀମା ମଧ୍ୟରେ ମା' ସମଲେଶ୍ୱରୀ ମନ୍ଦିରରେ ମହାଦୀପ ଦାନ କରାଯିବ। ସମ୍ବଲପୁର ସହରର ସମସ୍ତ ସ୍ଥାନରେ ଘରେ ଦୀପ ପ୍ରଜ୍ୱଳନ କରାଯିବ। ସମ୍ବଲପୁର ସହରର ସମସ୍ତ ୱାର୍ଡରେ ଓ ଜିଲ୍ଲାର ସମସ୍ତ ପଞ୍ଚାୟତରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯିବ। ଏହି ମହା ସ୍ୱଚ୍ଛତା ଅଭିଯାନରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ, ସାମାଜିକ ସଂଗଠନ, ରାଜନେତା, ଅବସରପ୍ରାପ୍ତ ଶିକ୍ଷକ ଓ ଆଞ୍ଚଳିକ ମାତୃଶକ୍ତି ସାମିଲ ହେବେ। ରକ୍ତଦାନ ଶିବିର ଓ ବିଧାନସଭା/ବ୍ଲକ ସ୍ତରରେ 'ସେବା ସେତୁ' ଶିବିର ମାଧ୍ୟମରେ ସରକାରୀ ଯୋଜନାର ସିଧାସଳଖ ଲାଭ ପ୍ରଦାନ କରାଯିବ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ କାର୍ଯ୍ୟରତ ଅଙ୍ଗନବାଡ଼ି ଦିଦି, ଆଶା ଦିଦି, ମାତୃଭବନ କର୍ମୀଙ୍କ ସମେତ ସମସ୍ତ ମାତୃଶକ୍ତିଙ୍କୁ ସାର୍ବଜନୀନ ଭାବେ ସମ୍ବର୍ଦ୍ଧିତ କରାଯିବ। ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ନିରବଚ୍ଛିନ୍ନ ସେବା ଓ ସୁଶାସନର ଯାତ୍ରାକୁ ସ୍ମରଣୀୟ କରିବା ପାଇଁ 'ନର ସେବା ହିଁ ନାରାୟଣ ସେବା' ମନ୍ତ୍ରରେ ଜନସାଧାରଣଙ୍କ ସେବାରେ ସମର୍ପିତ ହେବାକୁ ସାଂସଦ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।


सत्यमेव जयते



## ନୂଆଁଖାଇ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହା ଏକ କୃଷିଭିତ୍ତିକ ପର୍ବ । ଏହି ପରିପ୍ରେକ୍ଷୀରେ ମୁଁ ରାଜ୍ୟର କୃଷକ ଭାଇଭଉଣୀ ତଥା ରାଜ୍ୟବାସୀଙ୍କର ସୁଖ ଓ ସମୃଦ୍ଧି କାମନା କରିବା ସହ କୃଷିକ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



## ନୂଆଁଖାଇ ତିହାର୍ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଁଖାଇ ଜୁହାର୍!

ପବିତ୍ର ନୂଆଁଖାଇ ତିହାର୍‌ର ଉଧେ ସମ୍‌କୁ ମୋର୍ ଅଭିନନ୍ଦନ୍ ଆର୍ ଜୁହାର୍।

ନୂଆଁ ଧାନ୍ ଘରକେ ଆନିକରି ନିଜର ଇଷ୍ଟ ଦେବାଦେବୀଙ୍କୁ ପୂଜା କରି, ସଭେ ମିଶିକରି ନୂଆଁ ଖାଏବାର୍ ଇ ମହାନ୍ ପରମ୍ପରା- ଆମର୍ ସଂସ୍କୃତି, ଭାଇଚାରା ଆର୍ ଏକତାର୍ ସବୁନୁ ବଡ଼ ପ୍ରତୀକ୍ ଆଏ । ନୂଆଁ ଆଶା, ନୂଆଁ ସପନ୍ ଆର୍ ବହୁତ୍ ଖୁସି ନେଇକରି ଆସିଥିବାର୍ ଇ ମହାନ ତିହାର୍ ସମକର୍ ଜୀବନ୍ କେ ସୁଖ, ଶାନ୍ତି ଆର୍ ସମୃଦ୍ଧିଥି ଭରି ଦଉ- ମାଁ ସମଲେଇଙ୍କର ପାହାତଲେ ଇଟା ହିଁ ଗୁହାରି କରୁଛେଁ ।

ସମକର ନୂଆଁଖାଇ ଭଲ୍ ସେ କଟୁ, ମାଁ ସମଲେଇ ସମକୁ ଭଲ୍ ସେ ରଖୁନ୍!

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/97/2627

# ୭୮ ବର୍ଷରେ ବି ମିଳୁନି ଭତ୍ତା

କେନ୍ଦ୍ରାପଡ଼ା,୧୪।୯(ସଂଚାର ବ୍ୟୁରୋ): ବୟସ ୭୮ । ରୋଗାକ୍ରାନ୍ତ ଶରୀର । ଚାଲିବାକୁ ବଳ ନାହିଁ । ନିୟମିତ ଔଷଧ ଖାଇବାକୁ ମଧ୍ୟ ଅର୍ଥର ଅଭାବ । ଏଭଳି ଜଣେ ଅସହାୟ ବୃଦ୍ଧାଙ୍କ ପାଇଁ ସରକାରୀ ଭତ୍ତା ହେଉଛି ଏକମାତ୍ର ଆଶା । ହେଲେ ସେହି ଭତ୍ତା ପାଇଁ ତାଙ୍କୁ ଚାରି ବର୍ଷ ହେଲା ଅପେକ୍ଷା କରିବାକୁ ପଡୁଛି । ଏପରିକି ପ୍ରଶାସନ ନିକଟରୁ ମିଳିଥିବା ପ୍ରତିଶ୍ରୁତିର ତିନି ମାସ ପରେ ବି ସମସ୍ୟାର ସମାଧାନ ହୋଇନାହିଁ।

ଗରଦପୁର ଅଞ୍ଚଳର ୭୮ ବର୍ଷୀୟା ବାସନ୍ତୀ ପାଣିଙ୍କ ଏଭଳି ଦୁର୍ଦ୍ଦଶା ଏବେ ସାମାଜିକ ସୁରକ୍ଷା ଯୋଜନାର ବାସ୍ତବ ଚିତ୍ରକୁ ପଦାରେ ପକାଇଛି । ୨୦୨୨ ଅକ୍ଟୋବର ୧୦ ତାରିଖରେ ସେ ଶେଷ ଥର ପାଇଁ ବୃଦ୍ଧଭତ୍ତା ପାଇଥିଲେ । ଏହାପରଠାରୁ ତାଙ୍କୁ ଆଉ ଭତ୍ତା ମିଳିନାହିଁ।

ଭତ୍ତା ପୁନଃ ଚାଲୁ କରିବା ପାଇଁ ବାସନ୍ତୀଙ୍କ ପରିବାର ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଗରଦପୁର ବ୍ଲକ ପର୍ଯ୍ୟନ୍ତ ଦୌଡ଼ିବା ପରେ ମଧ୍ୟ ମିଳିଛି କେବଳ ଆଶ୍ୱାସନା । ପରିବାର ପକ୍ଷରୁ ଅଭିଯୋଗ ଅନୁଯାୟୀ, ଗରଦପୁର ବିଡିଓ ମଧ୍ୟ ଭତ୍ତା ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପ୍ରତିଶ୍ରୁତିର ପ୍ରାୟ ତିନି ମାସ ବିତିବାକୁ ବସିଥିଲେ ମଧ୍ୟ ବାସନ୍ତୀଙ୍କୁ ଭତ୍ତା ମିଳିନାହିଁ।

**ଏବେ ବାଲେଶ୍ୱର ଯିବାକୁ ପରାମର୍ଶ!**

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବର୍ତ୍ତମାନ ବାସନ୍ତୀଙ୍କ ଭତ୍ତା ବାଲେଶ୍ୱରରୁ ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଉଥିବା ପରିବାର ଅଭିଯୋଗ କରିଛି । ଏଥିପାଇଁ ବୃଦ୍ଧାଙ୍କୁ ବାଲେଶ୍ୱର ଜିଲ୍ଲାକୁ ଯିବାକୁ ପଡ଼ିବ ବୋଲି କୁହାଯାଉଥିବା ଅଭିଯୋଗ ହୋଇଛି।

ରୋଗାକ୍ରାନ୍ତ ଓ ଶଯ୍ୟାଶାୟୀ ୭୮ ବର୍ଷୀୟା ବାସନ୍ତୀଙ୍କ ପକ୍ଷରେ ଏଭଳି ଦୂର ଯାତ୍ରା କରିବା କେତେଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ । ଯେଉଁ ବୃଦ୍ଧାଙ୍କୁ ସରକାରୀ ସହାୟତା ତାଙ୍କ ଘର ପାଖରେ ପହଞ୍ଚିବା କଥା, ତାଙ୍କୁ ଯଦି ଭତ୍ତା ପାଇଁ ଅନ୍ୟ ଜିଲ୍ଲାକୁ ଯିବାକୁ ପଡ଼େ, ତେବେ ସାମାଜିକ ସୁରକ୍ଷା



ବ୍ୟବସ୍ଥା କାହା ପାଇଁ— ଏହି ପ୍ରଶ୍ନ ଏବେ ଉଠିଛି ।

ବାସନ୍ତୀଙ୍କ କହିବା କଥା, ବୟସ ବଢ଼ିବା ସହ ରୋଗ ଯନ୍ତ୍ରଣା ମଧ୍ୟ ବଢ଼ିଛି। ଭତ୍ତା ଟଙ୍କା ମିଳିଲେ ଔଷଧ କିଣିବାରେ କିଛିଟା ସହାୟତା ମିଳିଥାନ୍ତା।

**ପ୍ରତିଶ୍ରୁତି ଦେଇ ଚୁପ୍ ବସିଛି ପ୍ରଶାସନ**

**ବାଲେଶ୍ୱର ଯିବାକୁ କହୁଛି ବିଭାଗ**

ହେଲେ ନିଜ ହକ୍‌ର ଟଙ୍କା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି।

**ଆଶ୍ୱାସନା ନୁହେଁ, ସମାଧାନ ଦରକାର**

ଜଣେ ୭୮ ବର୍ଷୀୟା ବୃଦ୍ଧାଙ୍କ ଭତ୍ତା ସମସ୍ୟା ଯଦି ଚାରି ବର୍ଷ ଧରି ସମାଧାନ ହୋଇନାହିଁ ଏବଂ ବାରମ୍ବାର ଆଶ୍ୱାସନ ଦେବା ପରେ ବି ସେ ଖାଲି ହାତରେ ରହିଛନ୍ତି, ତେବେ ଏହା ପ୍ରଶାସନିକ ବ୍ୟବସ୍ଥା ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି।

ପରିବାର ପକ୍ଷରୁ ଦାବି ହୋଇଛି, ବାସନ୍ତୀଙ୍କ ଅବସ୍ଥାକୁ ବିଚାରକୁ ନେଇ ପ୍ରଶାସନ ତୁରନ୍ତ ତାଙ୍କ ଭତ୍ତା ଚାଲୁ କରୁ । ଆବଶ୍ୟକ ହେଲେ ପ୍ରଶାସନିକ ସ୍ତରରେ ତଥ୍ୟ ଯାଞ୍ଚ କରି ବାଲେଶ୍ୱର ଯିବାର ଅସୁବିଧାରୁ ବୃଦ୍ଧାଙ୍କୁ ମୁକ୍ତ କରାଯାଉ।

ଚାରି ବର୍ଷର ଅପେକ୍ଷା ପରେ ଏବେ ବାସନ୍ତୀଙ୍କ ଆବଶ୍ୟକତା ଆଉ ଏକ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ସମାଧାନ।

## ବାଲିଆ ଶିଶୁବିଦ୍ୟା ମନ୍ଦିରରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା



କେନ୍ଦ୍ରାପଡ଼ା,୧୪।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅଧିନ ଭାଗବତପୁର ପଞ୍ଚାୟତର ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭାରତ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶା ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି।

ସଂସ୍ଥାନ ସହିତ ସମ୍ବନ୍ଧିତ କେନ୍ଦ୍ରାପଡା ଜିଲ୍ଲାର ୭୮ଟି ବିଦ୍ୟାଳୟରେ ୬୭୫ଜଣ ପ୍ରତିଯୋଗୀ ବିଭିନ୍ନ ପ୍ରକଳ୍ପ ସହିତ ଏହି ମେଳାରେ ଯୋଗଦେଇଥିଲେ। ସଂସ୍ଥାନ ପକ୍ଷରୁ ପ୍ରଦୀପ କୁମାର ନାୟକ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହି ମେଳାକୁ ଉଦଘାଟନ କରିଥିଲେ। ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଶ୍ରୀ ନାୟକ ପରିଚାଳନା କରିଥିଲେ। ବିଜ୍ଞାନମେଳାରେ ବିଚାରପତି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ବିଜୁସାରଥ ସାହୁ, ଆଇଟିପୁର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ରାଉତ ଓ ବାଲିଆ ମହିଳା ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା ନିହାରିକା ତ୍ରିପାଠୀ ପ୍ରମୁଖ ଯୋଗଦେଇ କୁନି କୁନି ବୈଜ୍ଞାନିକମାନଙ୍କ ସୃଜନଶୀଳତାକୁ ମୂଲ୍ୟାୟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ମୁରଲୀଧର ରଥ, ବିଦ୍ୟାମନ୍ଦିର ସମ୍ପାଦକ ରାଜଗୋପାଳ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା



ମାର୍ଶାଘାଇ,୧୪।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ବ୍ୟବସାୟିକ ପ୍ରତିଷ୍ଠାନରେ ଗଜାନନଙ୍କ ପୂଜା ଆଡମ୍ବରରେ ପାଳିତ ହୋଇଛି । ମାର୍ଶାଘାଇ ମୁଖ୍ୟ ବଜାରର ଜୁଣ ଛକ ବ୍ଲୁ ଷ୍ଟାର କ୍ଲବ, ଗଣପତି ଛକ, ବାଁଲି କଷୋଟି ବ୍ଲାକଷ୍ଟାର କ୍ଲବ ରେ ବଡ଼ ବଡ଼ ମୂର୍ତ୍ତି ପୂଜା ପାଇଛନ୍ତି । ମାର୍ଶାଘାଇ କଲେଜର ଡିଏସଏ ଆସୋସିଏସନରେ ମୁଖ୍ୟ ପୂଜା କରାଯାଇଥିବା ବେଳେ ଛାତ୍ରୀନିବାସ ଓ ଯୁକ୍ତ ତିନି ବିଜ୍ଞାନ ଏବଂ କଳା ବିଭାଗର ସମସ୍ତ ସମ୍ମାନ ବିଭାଗ ଶ୍ରେଣୀଗୃହରେ ପୃଥକ ଭାବରେ ଗଜାନନଙ୍କ ପୂଜା କରାଯାଇଛି । ସେହିପରି ମାର୍ଶାଘାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅନ୍ତେଇ ବିଜୁ ପଟ୍ଟନାୟକ କଲେଜ, କରିଲପାଟଣା କଲେଜ ସମେତ ମାର୍ଶାଘାଇ ଜୁଣ ଛକର ରୟାଲ ଗାଇଡ଼ କୋଚିଂ ସେଣ୍ଟର, ରିଜୋ ନାନ୍ସ କ୍ଲାସେସ, କେୟାର କୋଚିଂ ସେଣ୍ଟର, ଡାଫୋଡିଲ ଇଂଲିଶ ମିଡିୟମ ସ୍କୁଲ, ମାର୍ଶାଘାଇ ଇଂଲିଶ ମିଡିୟମ ସ୍କୁଲ, ଡ଼ଲଫିନ ଯୁକ୍ତ ୨ ବିଜ୍ଞାନ ଆବାସିକ ବିଦ୍ୟାଳୟ, ତାରିଣୀ ଶିକ୍ଷାନୁଷ୍ଠାନ ସମୂହ ଆଦିରେ ଗଜାନନଙ୍କ ପୂଜା ଧୂମଧାମରେ କରାଯାଇଛି ।

## ପୂଜା ମଣ୍ଡପରେ କଂଗ୍ରେସ ନେତା ଶିବୁ ଲେଙ୍କା



ମାର୍ଶାଘାଇ,୧୪।୯(ସଂଚାର ବ୍ୟୁରୋ): ପବିତ୍ର ଗଣେଶ ପୂଜା ଅବସରରେ ମାର୍ଶାଘାଇ ବ୍ଲକ ତଥା ମାର୍ଶାଘାଇ ଥାନା ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପ ବୁଲି ଗଜାନନଙ୍କ ଦର୍ଶନ କରିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଭ୍ରାଂଶୁ ଶେଖର ଲେଙ୍କା(ଶିବୁ ଲେଙ୍କା) । ଏହି ଥାନା ଅଧିନ ତେରଗାଁ ପଞ୍ଚାୟତ ଘୋଡ଼ାବନ୍ଧ ଗ୍ରାମର ଯୁବକର୍ମୀ ମାନଙ୍କୁ ଦ୍ୱାରା ପୂଜା କରାଯାଉଥିବା ଗଣେଶ ପୂଜା ମଣ୍ଡପରେ ଦର୍ଶନ କରିବା ସହିତ ଯୁବକ ମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ନେତା ରତିକାନ୍ତ ବେଉରା, ଅଙ୍ଗୁଲାଇ ପଞ୍ଚାୟତର ଯୁବନେତା ପ୍ରଶାନ୍ତ ମଲିକ ପ୍ରମୁଖ ସାଥିରେ ସାମିଲ ଥିଲେ। ଘୋଡ଼ାବନ୍ଧ ଗ୍ରାମର ଯୁବକମାନେ କଂଗ୍ରେସ ନେତାଙ୍କୁ ସ୍ୱାଗତ କରିଥିଲ।

## ଗଜାନନ ପୂଜାରେ ଆଳି ଉତ୍ସବ ମୁଖର



ଆଳି,୧୪।୯(ସଂଚାର ବ୍ୟୁରୋ): ଗଜାନନ ପୂଜା ନିମନ୍ତେ ସମଗ୍ର ଆଳି ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି, ଉଚ୍ଚ ତୋରଣ ରେ ଝଲସୁଛି ଶ୍ରୀଗଣେଶ ମେଢ଼। ମାନପୁର ଗ୍ରାମର ମା ମଙ୍ଗଳା ଯୁଥ କ୍ଲବର୍ ଗଜାନନ ପୂଜା ଧୁମ ଧାମରେ କଳସ ଯାତ୍ରା ବାଜା ବାଣ ରୋଷଣୀ କରି ମଣ୍ଡପରେ ସମସ୍ତ ନୀତିକାନ୍ତିରେ ପୂଜାର୍ଚ୍ଚନା ଚାଲୁଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସରପଞ୍ଚ ରେଷ୍ମା ରାଣୀ ମଲିକ ଓ ତାଙ୍କ ପ୍ରତିନିଧି ସମସ୍ତ ମଣ୍ଡପ ବୁଲି ଗଜାନନ ଦର୍ଶନ କରିଥିଲେ। ଅନ୍ୟପଟେ ବିଭିନ୍ନ ଶିକ୍ଷାନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀମାନେ ଉପବାସ କରି ପୁଷ୍ପାଞ୍ଜଳି ଦେବା ପରେ ଭୋଜନ କରିଥାନ୍ତି। ପୁରପଲ୍ଲୀରେ ଶ୍ରୀଗଣେଶ ପୂଜା ଯେତିକି ଆଡମ୍ବରରେ ଆୟୋଜନ କରାଯାଇଛି। ଡ଼ିଜେ ବାଜା ତ କେଉଁଠି ନାଚଗୀତ ହେଲେ ସରକାରଙ୍କ ନୂଆ ନିୟମ ଟିକେ ସଂକୁଚିତ କରୁଥିବାର ପରିଲକ୍ଷିତ ହୋଇଛି।

## ଶିକ୍ଷାନୁଷ୍ଠାନରୁ ୱାର୍ଡ, ସବୁଠି ଗଣେଶମୟ



କୋରାପୁଟ,୧୪।୯(ସଂଚାର ବ୍ୟୁରୋ): ବିଘ୍ନବିନାଶକ ପ୍ରଭୁ ଶ୍ରୀ ଗଣେଶଙ୍କ ଆଗମନରେ ଭକ୍ତିମୟ ହୋଇଉଠିଛି କୋରାପୁଟ ସହର। ସହରଠାରୁ ଗ୍ରାମାଞ୍ଚଳ, ବିଦ୍ୟାଳୟଠାରୁ ବିଭିନ୍ନ ୱାର୍ଡ— ସବୁଠି ଶ୍ରଦ୍ଧା, ଉତ୍ସାହ ଓ ଆନନ୍ଦର ସହ ପାଳିତ ହୋଇଛି ଗଣେଶ ପୂଜା। ପୂଜା ମଣ୍ଡପରେ ଭକ୍ତିର ପରିବେଶ, ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଉତ୍ସବର ମାହୋଲକୁ କରିଥିଲା ଆହୁରି ରଙ୍ଗିନ।

କୋରାପୁଟ ସହରର ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ତେନ୍ତୁଳିଗୁଡ଼ା ପ୍ରାଥମିକ ବିଦ୍ୟାଳୟ, ରେଳବାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପୁଲିସ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପୂଜାର ଆୟୋଜନ କରାଯାଇଥିଲା। ବିଦ୍ୟାଳୟ ପରିସରରେ ବିଘ୍ନହର୍ତ୍ତାଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଗଣେଶ ପୂଜାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖାଦେଇଥିଲା ଶିକ୍ଷକ-ଶିକ୍ଷୟିତ୍ରୀମାନେ ମଧ୍ୟ ପିଲାମାନଙ୍କ ସହ ପୂଜାରେ ଯୋଗଦେଇ ଉତ୍ସବର ଆନନ୍ଦ ବାଣ୍ଟିଥିଲେ। ଏହା ଫଳରେ ବିଦ୍ୟାଳୟ ପରିସରରେ ଭକ୍ତି ସହିତ ଭାଇଚାରା ଓ ସାମୂହିକତାର ପରିବେଶ ସୃଷ୍ଟି ହୋଇଥିଲା।ଅନ୍ୟପକ୍ଷରେ, କୋରାପୁଟ ପୌର ପରିଷଦର ୨ ନମ୍ବର ୱାର୍ଡ ଅନ୍ତର୍ଗତ ପୂଜାରୀପୁଟ ଗଣେଶ ପୂଜା କମିଟି ପକ୍ଷରୁ ମଧ୍ୟ ଧୁମଧାମରେ ପାଳିତ ହୋଇଥିଲା ଗଜାନନଙ୍କ ପୂଜା। ଆକର୍ଷଣୀୟ ଆଲୋକସଜ୍ଜା ଓ ସୁନ୍ଦର ସାଜସଜ୍ଜାରେ ପୂଜାସ୍ଥଳୀର ଶୋଭା ବଢ଼ିଥିଲା। ପୂଜାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଭକ୍ତି ଓ ଉତ୍ସାହର ପରିବେଶ ଦେଖିବାକୁ ମିଳିଥିଲା।

## ବିଦ୍ୟୁତ ଆଘାତରେ ରାଜମିସ୍ତ୍ରୀ ମୃତ

ଆଳି,୧୪।୯(ସଂଚାର ବ୍ୟୁରୋ): ଭାରା ବାନ୍ଧିବା ହେଲା କାଳ।ଆଳି ଥାନା ଅରଗଳ ଗ୍ରାମରେ ସରକାରୀ ଅନୁଦାନରେ ଏକ କ୍ଲବ ଘର କାର୍ଯ୍ୟରେ ଭାରା ବାନ୍ଧୁଥିବା ବେଳେ ଉପରେ ୧୧ କେଭି ବିଦ୍ୟୁତ ସହ ଭାରା ଲାଗିଯିବାରୁ ୩୫ ବର୍ଷୀୟ ରାଜମିସ୍ତ୍ରୀଙ୍କ ମୃତୁ ଘଟିଛି।ରାଜମିସ୍ତ୍ରୀଙ୍କ ସୈଫୁର ରହେମାନ୍ ମୋଲା ଘର ପଶ୍ଚିମବଙ୍ଗ କେନୀଙ୍ଗ ଅଞ୍ଚଳରେ ବୋଲି ଜଣା ପଡ଼ିଛି। ସୈଫୁର ଙ୍କୁ ରାଜକନିକା ସ୍ୱାସ୍ଥ୍ୟ ଗୋଷ୍ଠି କେନ୍ଦ୍ରକୁ ନେଇଥିବା ବେଳେ ତାଙ୍କୁ ଡକ୍ଟର ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ଭାଇ ଆଳି ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ସୈଫୁର ଆସନ୍ତା କାଲି ଶବ ବ୍ୟବଛ୍ଛଦ ହେବ ବୋଲି ଜଣା ପଡ଼ିଛି।

## ପଟ୍ଟାମୁଣ୍ଡାଇ କଲେଜରୁ ଚୋରି, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୧୪।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାର ୨ୟ ବୃହତମ କଲେଜ ପଟ୍ଟାମୁଣ୍ଡାଇ କଲେଜ ବାଳକ ହଷ୍ଟେଲରୁ ଗତକାଲି ସନ୍ଧ୍ୟା ସମୟରେ ଚୋରୀ ହୋଇଛି । ପଟ୍ଟାମୁଣ୍ଡାଇ କଲେଜ ବାଳକ ହଷ୍ଟେଲର ୩ଟି ଝରକାର ଲୁହା ଗ୍ରିଲ ଓ ଗୋଟିଏ ଆଲମିରା ଚୋରୀ ହୋଇଥିବା ନେଇ ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷଙ୍କ ପକ୍ଷରୁ ପ୍ରାଧ୍ୟାପକ ଡ଼ ରମେଶ କୁମାର ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଛନ୍ତି । ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ଏହି ଚୋରୀ ମାମଲାର ତଦନ୍ତ ଆରମ୍ଭ କରିଛି ।

# ଦିବ୍ୟାଙ୍ଗ ଚନ୍ଦନଙ୍କ ସହିତ ଲୁଚକାଳି ଖେଳୁଛି ପ୍ରଶାସନ

**● ୧୫ ମାସ ପରେ ବି ଅନ୍ତ୍ୟୋଦୟରେ କଲେନି ସାମିଲ ● ଖାଦ୍ୟ କମିଶନର ବି ଦେଇଥିଲେ ପ୍ରତିଶ୍ରୁତି**

ମହାକାଳପଡ଼ା,୧୪।୯(ସଂଚାର ବ୍ୟୁରୋ): ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ଯୋଗ୍ୟତା ଥାଇ ମଧ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। ପ୍ରଶାସନର ତଦନ୍ତ ରିପୋର୍ଟ ରେ ଫାଙ୍କା ହେଲେ ସାମିଲ୍ କରାଯିବା ରିପୋର୍ଟ କୁ ୧୫ ମାସ ପୁରିଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ଜଣେ ଯୋଗ୍ୟ ଦିବ୍ୟାଙ୍ଗଙ୍କୁ ଯୋଜନାରେ ସାମିଲ୍ ନକରି ପ୍ରଶାସନ ଲୁଚକାଳି ଖେଳୁଥିବା ଅଭିଯୋଗ ହୋଇଛି।

ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଛନ୍ଦା ଗ୍ରାମର ରଘୁନାଥ ପାଇଟାଳଙ୍କ ଏକମାତ୍ର ପୁତ୍ର ହେଉଛନ୍ତି ୮୦ ପ୍ରତିଶତ ଦିବ୍ୟାଙ୍ଗ ଚନ୍ଦନ ପାଇଟାଳ। ଚନ୍ଦନଙ୍କ ବାପା ରଘୁନାଥ ଜଣେ ମାନସିକ ବିକାର ଗ୍ରସ୍ତ ଓ ମାଆ ସେବ ଜଣେ ସାଧାରଣ ଗୃହିଣୀ। ମଧୁବାବୁ ପେନସନ ଯୋଜନାରେ ମିଳୁଥିବା ବାପା ମାଆଙ୍କ ବାର୍ଦ୍ଧକ୍ୟ ଭତ୍ତା ଓ ଚନ୍ଦନଙ୍କ ଭିନ୍ନକ୍ଷମ ଭତ୍ତାକୁ ଛାଡିଦେଲେ ରୋଜଗାରର ଅନ୍ୟ କୌଣସି ଉତ୍ସ ନାହିଁ। ରାସନ୍ କାର୍ଡରେ ମାସକୁ ମିଳୁଥିବା ୧୫ କିଲୋ ଚାଉଳ ତିନି ପ୍ରାଣୀଙ୍କ ପାଇଁ ନିଅଣ୍ଟ। ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହେବା ପାଇଁ ସେ ଯୋଗ୍ୟ ଥିବାବେଳେ ତାଙ୍କୁ ଯୋଜନାରୁ ବଞ୍ଚିତ ହେବାକୁ ପଡିଛି।



ଏନେଇ 'ସଂଚାର'ରେ ଲଗାତାର ଖବର ପ୍ରକାଶ ପାଇଥିଲା। ପ୍ରକାଶିତ ଖବରକୁ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ବିଭାଗୀୟ କାର୍ଯ୍ୟାଳୟ କୁ ଚିଠି ଲେଖିଥିଲେ। ପ୍ରଭାତଙ୍କ ଚିଠି ପରେ ରାଜସ୍ୱ ବିଭାଗୀୟ କମିଶନର, କେନ୍ଦ୍ରୀୟ ବିଭାଗ, କଟକ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ୧୦ ଜୁଲାଇ ୨୦୨୪, ଚିଠି ନମ୍ବର ୭୭୩୮ ରେ ନିର୍ଦ୍ଦେଶ ଦେଇଥିଲେ। ଏହାପରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ବ୍ଲକ୍ କୁ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ ସମିତି ମହାକାଳପଡ଼ା ତରଫରୁ ୫ ମାର୍ଚ୍ଚ ୨୦୨୫, ଚିଠି ନମ୍ବର ୮୧୯ ରେ ପଞ୍ଚାୟତରେ ବର୍ତ୍ତମାନ କୌଣସି ଫାଙ୍କା ନାହିଁ ଓ ଆଗାମୀ ଦିନରେ ଅନ୍ତ୍ୟୋଦୟ ରେ ସ୍ଥାନ ଫାଙ୍କା ହେଲେ ଚନ୍ଦନଙ୍କ ରାସନ୍ କାର୍ଡକୁ ଅନ୍ତ୍ୟୋଦୟ ରେ ସାମିଲ୍ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ହେଲେ ଉକ୍ତ ରିପୋର୍ଟ ଦାଖଲକୁ ୧୫ ମାସ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷପ ଦେଖିବାକୁ ମିଳିଲା ନାହିଁ। ଯାହା ଫଳରେ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ୧୧ ସେପ୍ଟେମ୍ବର ୨୦୨୫ ରେ ରାଜ୍ୟ ଖାଦ୍ୟ କମିଶନଙ୍କ ୨ ଜଣ ସଦସ୍ୟା ସଂଯୁକ୍ତା ମହାନ୍ତି ଓ ପ୍ରେମଶିଳା କେରକେଟ୍ଟା ମହାକାଳପଡ଼ା ବ୍ଲକ ଗସ୍ତରେ ଆସିଥିବା ବେଳେ ଚନ୍ଦନ ପାଇଟାଳଙ୍କୁ ଡକାଇ ତୁରନ୍ତ ଅନ୍ତ୍ୟୋଦୟ ଯୋଜନା ରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇକି ଯାଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଚନ୍ଦନଙ୍କୁ କାହିଁକି ଅନ୍ତ୍ୟୋଦୟ ରେ ସାମିଲ୍ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି।

# ସେବା ସଙ୍କଳ୍ପ ଅଭିଯାନ ପାଳନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୪।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାର ତଥା ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ ସେପ୍ଟେମ୍ବର ଠାରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ "ସେବା ସଂକଳ୍ପ ଅଭିଯାନ' ପାଳନ ଉପଲକ୍ଷେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସେବା ସଂକଳ୍ପ ଅଭିଯାନ ପାଳନ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ତଥା ସୁପରିଚାଳନା ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ଯଥା ଆଶୀର୍ବାଦର ଦୀପ, ସ୍ୱପ୍ନର ଭାରତ, ଚିତ୍ରାଙ୍କନ ଓ ଭାଷଣ ପ୍ରତିଯୋଗିତା, ପଥପ୍ରାନ୍ତ ନାଟକ, ଆଙ୍ଗନ ବା ଉତ୍ସବ, ପରିବର୍ତ୍ତନର କାହାଣୀ, ବିକଶିତ ଭାରତ ସଂକଳ୍ପ ଯାତ୍ରା, ସେବାଜ୍ୟୋତି କଳସ ଯାତ୍ରା, ରଙ୍ଗୋଲି ରାଷ୍ଟ୍ର, ସେବାରେ ମୋର ଯୋଗଦାନ, ରାଷ୍ଟ୍ରୀୟ ନବ ସୃଜନର ଆହ୍ୱାନ, ସେବା ସେତୁ ଅଭିଯାନ ପ୍ରସ୍ତୁତି କାର୍ଯ୍ୟକ୍ରମ ଗୁଡିକରେ ସ୍ଥାନୀୟ ସାଂସଦ, ବିଧାୟକ, ଅନ୍ୟାନ୍ୟ ଜନ ପ୍ରତିନିଧି ଓ ଜନ ସାଧାରଣଙ୍କୁ ସାମିଲ କରାଯାଇ ଆୟୋଜନ କରିବା ସହ କାର୍ଯ୍ୟକ୍ରମର ଅଧିକ ଲୋକପ୍ରିୟତା ଓ ପ୍ରଚାର ପ୍ରସାର ପାଇଁ ସୋସିଆଲ ଇନଫ୍ଲୁଏନ୍ସର ମାନଙ୍କୁ ସାମିଲ କରାଇ ପ୍ରମୁଖ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏହାର ପ୍ରଚାର ପ୍ରସାର କରିବା ଉପରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଷଦ ଭାବେ ଆଲୋଚନା କରିଥିଲେ ।

ଉକ୍ତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ନୋଡାଲ ଅଫିସର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଳ୍ପ ଅଧିକାରୀ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ଗୋପାଳପୁର ବରିଷ୍ଠ ନାଗରିକ ମଞ୍ଚର ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଆଳି,୧୪।୯(ସଂଚାର ବ୍ୟୁରୋ): ସାମ୍ପ୍ରତିକ ସମୟରେ ତଥା ଚାକଚକ୍ୟ ଦୁନିଆରେ ହଜି ଯାଉଛି ପ୍ରକୃତ ଜୀବନ । ଯୌଥ ପରିବାରର ବିଲୟ ଘଟୁଛି ଯଦ୍ୱାରା ପରିଣତ ବୟସରେ ଅବହେଳିତ, ଲାଂଛିତ ହେଉଛନ୍ତି ବରିଷ୍ଠ ନାଗରିକ । ଯିଏ ସାରା ଜୀବନ ନିଜ ପରିବାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଛନ୍ତି ଆଜି ସେ କୋଣଠେସା । ସେମାନଙ୍କର ଦୁଃଖ, ଯନ୍ତ୍ରଣା ଲାଘବ ନହେବା ଯାଏଁ ସୁଖ, ଶାନ୍ତି ଓ ବିକାଶର ପଥ ଆଗେଇବ ନାହିଁ । ତେଣୁ ବରିଷ୍ଠ ନାଗରିକଙ୍କ ସୁଖମୟ ଜୀବନ ପାଇଁ ପ୍ରତ୍ୟେକ ବ୍ୟକ୍ତି ଓ ସମାଜ ଯତ୍ନବାନ ହେବା ଆବଶ୍ୟକ ବୋଲି ଆଳି ବ୍ଲକର ଗୋପାଳପୁର (ପତ୍ରପୁର) ବରିଷ୍ଠ ନାଗରିକ ମଞ୍ଚର ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ପୂର୍ବତନ ପ୍ରଶାସକ କେଳୁ ଚରଣ ସ୍ୱାଇଁ ମୁଖ୍ୟ ଅତିଥି, କବି ତଥା ଲେଖକ ପ୍ରମୋଦ ମଲ୍ଲିକ ମୁଖ୍ୟବକ୍ତା ଓ ସମାଜସେବୀ ସନ୍ତୋଷ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବର୍ଦ୍ଧନା ପର୍ବରେ ଆଳି ମାଟିର ସୁଯୋଗ୍ୟ ସନ୍ତାନ ନ୍ୟାୟମୂର୍ତ୍ତି ସଞ୍ଜୟ ସାହୁ, ପ୍ରଫେସର ଗୁରୁଚରଣ ବେହେରା, ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଅବିନାଶ ରାଉଳ ଓ ବିଶିଷ୍ଟ ଭଲିବଲ ତାରକା ସଞ୍ଜୟ ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

ମଞ୍ଚର ସଭାପତି ପ୍ରଫେସର ଦାମୋଦର ରାଉଳଙ୍କ ତତ୍ତ୍ୱାବଧାନରେ ଉପସଭାପତି କ୍ଷିରୋଦ ପରିଡା, କୋଷାଧକ୍ଷ ଅଭୟ ସାହୁ, ମହେଶ୍ୱର ପ୍ରଧାନ, ମାଗୁଣି ଚରଣ ବିଶ୍ୱାଳ, ସୁରେଶ ରାଉତ, ଭରତ ସାହୁ, କାର୍ତ୍ତିକ ଦାସ, ସାବିତ୍ରୀ ସାହୁ, ମାନସୀ ଦାସ, ଶିକ୍ଷକ ହେମନ୍ତ ଦାସ, ପ୍ରମୋଦ ମଲ୍ଲିକ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଫେସର ଅନିରୁଦ୍ଧ ରାଉଳ ଏବଂ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ମଧ୍ୟବର୍ତ୍ତୀ ପର୍ଯ୍ୟାୟରେ ଯୋଗଦେବା ଫଳରେ ଉତ୍ସବଟିର ଶୋଭା ବର୍ଦ୍ଧିତ କରିଥିଲା ।

# ବୃଦ୍ଧାଶ୍ରମରେ ଫିଟନେସ୍ ଜିମ୍‌ର ବାର୍ଷିକ ଉତ୍ସବ

**କେକ୍ କାଟି ନୁହେଁ, ବୟସ୍କ ମା'-ବାପାଙ୍କ ଆଶୀର୍ବାଦ ନେଇ ପାଳିଲେ ବାର୍ଷିକୋତ୍ସବ**

ମହାକାଳପଡ଼ା,୧୪।୯ (ସଂଚାର ବ୍ୟୁରୋ): ଆଜିର ଯୁବପିଢ଼ି ନିଜକୁ ସୁସ୍ଥ ଓ ସୁନ୍ଦର ରଖିବା ପାଇଁ ଜିମ୍‌ର ଆଶ୍ରୟ ନେଉଛନ୍ତି। ସାଧାରଣତଃ ଜିମ୍ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ କେକ୍ କାଟି ଧୁମ୍‌ଧାମରେ ପାଳନ କରାଯାଏ। ତେବେ ଏହି ପରମ୍ପରାଠାରୁ ଭିନ୍ନ ଢଙ୍ଗରେ ଏକ ନିଆରା ପଦକ୍ଷେପ ନେଇଛି କେନ୍ଦ୍ରାପଡ଼ା ସହରର ସାନମଙ୍ଗଳା ଛକ ନିକଟସ୍ଥ ଫିଟନେସ୍ ଅଡିସନ୍ ଜିମ୍।

ଜିମ୍‌ର ବାର୍ଷିକ ଉତ୍ସବକୁ ଆନନ୍ଦ ଓ ଉତ୍ସାହର ସହ ପାଳନ କରିବା ସହିତ ବୟସ୍କ ମା'-ବାପାଙ୍କ





ଆଶୀର୍ବାଦ ନେବାର ଏକ ଅଭିନବ ପ୍ରୟାସ କରିଛନ୍ତି ଜିମ୍‌ର କର୍ମକର୍ତ୍ତା। ମହାକାଳପଡ଼ା ବ୍ଲକ ରାମନଗର-ଖରନାସି ସ୍ଥିତ ବୃଦ୍ଧାଶ୍ରମରେ ଏହି ବାର୍ଷିକ ଉତ୍ସବ ହରିବୋଲ, ହୁଳହୁଳି ଓ 'ଜୟ ଜଗନ୍ନାଥ' ଧ୍ୱନିରେ ପାଳିତ ହୋଇଥିଲା।

ଏହି ଅବସରରେ ଜିମ୍‌ର ମୁଖ୍ୟ ଶ୍ରୀନିବାସ ବେହେରା କହିଥିଲେ, "ପ୍ରକୃତ ଖୁସି ସେଇଠି ମିଳିଥାଏ, ଯେଉଁଠି ଆଶୀର୍ବାଦ ଥାଏ।" ଏହି ଚିନ୍ତାଧାରାକୁ ନେଇ ଜିମ୍‌ର ବାର୍ଷିକ ଉତ୍ସବକୁ ବୃଦ୍ଧାଶ୍ରମରେ ପାଳନ କରାଯାଇଥିବା କୁହାଯାଇଛି। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ୍ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ବୃଦ୍ଧାଶ୍ରମର ପରିଚାଳକ ପବିତ୍ର ପରିଡ଼ା, ଜିମ୍‌ର ଟ୍ରେନର ସୁଶାନ୍ତ କୁମାର ବାରିକ, ଦିବ୍ୟ ରଞ୍ଜନ ସ୍ୱାଇଁ ଓ ପ୍ରିୟ ରଞ୍ଜନ ସାହୁଙ୍କ ସମେତ ବୃଦ୍ଧାଶ୍ରମର ବୟସ୍କ ମା'-ବାପା ଏବଂ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସାଧାରଣ ଆଡ଼ମ୍ବରରୁ ଦୂରେଇ ବୟସ୍କ ମା'-ବାପାଙ୍କ ସହ ଖୁସି ବାଣ୍ଟିବା ଓ ସେମାନଙ୍କ ଆଶୀର୍ବାଦ ନେଇ ବାର୍ଷିକୋତ୍ସବ ପାଳନ କରିବାର ଏହି ପ୍ରୟାସ ସାମାଜିକ ଦାୟିତ୍ୱବୋଧ, ମାନବିକତା ଓ ଯୁବପିଢ଼ିଙ୍କ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଛି।

# ବିଦ୍ୟାଳୟରୁ ହରିଲୁଟ ଅଭିଯୋଗ, ତଦନ୍ତ କେବେ ?

ଗରଦପୁର,୧୪।୯(ସଂଚାର ବ୍ୟୁରୋ): ସରକାରୀ ବିଦ୍ୟାଳୟର ଅନୁଦାନ ଓ ସରକାରୀ ଅର୍ଥର ବିନିଯୋଗରେ ସ୍ୱଚ୍ଛତା ଓ ଜବାବଦେହିତାକୁ ନେଇ ସରକାର ବାରମ୍ବାର ଗୁରୁତ୍ୱ ଦେଉଛନ୍ତି । ହେଲେ ଗରଦପୁର ଅଞ୍ଚଳର ଜଣେ ସରକାରୀ ଶିକ୍ଷକଙ୍କୁ ନେଇ ଉଠିଥିବା ଏକାଧିକ ଅଭିଯୋଗ ଏବେ ବିଭାଗୀୟ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି । ସମ୍ପୃକ୍ତ ଶିକ୍ଷକ ଯେଉଁ ବିଦ୍ୟାଳୟରେ ଦାୟିତ୍ୱରେ ଥିଲେ, ସେଠାରେ ମେଡିକାଲ ଖର୍ଚ୍ଚ ଦର୍ଶାଇ ଜାଲ ବିଲ୍ ମାଧ୍ୟମରେ ବହୁ ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି । ଏପରିକି ଗରଦପୁରର ଏକ ନିର୍ଦ୍ଦିଷ୍ଟ ଦୋକାନରୁ ତିନି ବଣ୍ଡଲ ବିଲ୍ ନିଆଯାଇଥିବା ନେଇ ଦୋକାନୀ ସ୍ୱୀକାର କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ତେବେ ଏହି ଅଭିଯୋଗର ସତ୍ୟତା କେତେ, ତାହା ସରକାରୀ ଯାଞ୍ଚ ପରେ ହିଁ ସ୍ପଷ୍ଟ ହୋଇପାରିବ ।

କିନ୍ତୁ ପ୍ରଶ୍ନ ହେଉଛି— ଏଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ମଧ୍ୟ ବିଭାଗ ପକ୍ଷରୁ ତଦନ୍ତ ହୋଇଛି କି? ସମ୍ପୃକ୍ତ ଦୋକାନରୁ ବିଲ୍ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯାଇଛି କି? ମେଡିକାଲ ବିଲ୍‌ରେ ଦର୍ଶାଯାଇଥିବା ଔଷଧ କିମ୍ବା ଚିକିତ୍ସା ଖର୍ଚ୍ଚର ବାସ୍ତବତା ଯାଞ୍ଚ ହୋଇଛି କି?

**ଅଭିଯୋଗର ତାଲିକା ଲମ୍ବା:** କେବଳ ମେଡିକାଲ ବିଲ୍ ନୁହେଁ, ସମ୍ପୃକ୍ତ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟର ବିଭିନ୍ନ ଯୋଜନା ଓ ଅନୁଦାନରେ ଅନିୟମିତତା ନେଇ ମଧ୍ୟ ଅଭିଯୋଗ ଉଠିଛି ।

**ମେଡିକାଲ ବିଲ୍‌କୁ ନେଇ ଗୁରୁତର ଅଭିଯୋଗ**

**ଦୋକାନୀଙ୍କ ସ୍ୱୀକାରୋକ୍ତି ସତ୍ତ୍ୱେ କାହିଁକି ନିରବ ବିଭାଗ ?**

ମଧ୍ୟାହ୍ନ ଭୋଜନ ଖର୍ଚ୍ଚରେ ଅନିୟମିତତା, ବିଦ୍ୟାଳୟ ବିକାଶ ପାଇଁ ଆସୁଥିବା ସରକାରୀ ଅନୁଦାନରେ ହେରଫେର, ମେଡିକାଲ ବିଲ୍‌ରେ ଅନିୟମିତତା, ସରକାରୀ ଚାକିରି ସହିତ ବ୍ୟକ୍ତିଗତ କୋଚିଂ କେନ୍ଦ୍ର ଚଳାଇବା ଏବଂ ପରିବାରର ରାସନ କାର୍ଡ ସମ୍ପର୍କିତ ଅଭିଯୋଗ ମଧ୍ୟ ଚର୍ଚ୍ଚାକୁ ଆସିଛି ।

ଏସବୁ ଅଭିଯୋଗର ପ୍ରତ୍ୟେକଟିର ସତ୍ୟତା ଯାଞ୍ଚ କରିବା ଏବେ ବିଭାଗର ଦାୟିତ୍ୱ । ଅଭିଯୋଗ ମିଥ୍ୟା ହୋଇଥିଲେ ତାହା ମଧ୍ୟ ସରକାରୀ ତଦନ୍ତ ମାଧ୍ୟମରେ ସ୍ପଷ୍ଟ ହେବା ଆବଶ୍ୟକ ।

**ଅଡିଟ୍ ହେବ ତ?:** ସମ୍ପୃକ୍ତ ଶିକ୍ଷକ ଯେଉଁ ବିଦ୍ୟାଳୟଗୁଡ଼ିକରେ ଦାୟିତ୍ୱରେ ଥିଲେ, ସେଠାରେ ମିଳିଥିବା ସରକାରୀ ଅନୁଦାନ, ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଯୋଜନାର ଅର୍ଥ ବିନିଯୋଗର ସ୍ୱତନ୍ତ୍ର ଯାଞ୍ଚ କରାଯିବ କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ ।

ସେହିପରି ସରକାରୀ ଚାକିରି କରୁଥିବା ଜଣେ ଶିକ୍ଷକ ବ୍ୟକ୍ତିଗତ ଭାବେ କୋଚିଂ କେନ୍ଦ୍ର ଚଳାଉଥିବା ଅଭିଯୋଗରେ ମଧ୍ୟ ବିଭାଗୀୟ ନିୟମ ଅନୁଯାୟୀ ଯାଞ୍ଚ ହେବା ଆବଶ୍ୟକ ବୋଲି ଦାବି ହେଉଛି ।

**ତଦନ୍ତ କେବେ?:** ସରକାରୀ ବିଦ୍ୟାଳୟକୁ ମିଳୁଥିବା ଅର୍ଥ ସାଧାରଣ ଲୋକଙ୍କ ଟଙ୍କା । ତେଣୁ ଏହାର ବିନିଯୋଗରେ ଅନିୟମିତତା ନେଇ ଅଭିଯୋଗ ଆସିଲେ ବିଭାଗ ନିରବ ରହିବା ଅପେକ୍ଷା ନିରପେକ୍ଷ ତଦନ୍ତ କରିବା ଆବଶ୍ୟକ ।

ମେଡିକାଲ ବିଲ୍‌ରୁ ଆରମ୍ଭ କରି ବିଦ୍ୟାଳୟର ଅନୁଦାନ, ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ଅଭିଯୋଗ-ସବୁକିଛିର ଦସ୍ତାବିଜ ଯାଞ୍ଚ କରାଯାଇ ସତ୍ୟାସତ୍ୟ ସାମ୍ନାକୁ ଆସିବା ଦରକାର ।

ଅଭିଯୋଗ ସତ୍ୟ ହେଲେ ଦୋଷୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ହେଉ। ଅଭିଯୋଗ ମିଥ୍ୟା ହେଲେ ତାହା ମଧ୍ୟ ତଦନ୍ତ ମାଧ୍ୟମରେ ସ୍ପଷ୍ଟ ହେଉ । ଏବେ ଅପେକ୍ଷା ବିଭାଗୀୟ ତଦନ୍ତକୁ । ପ୍ରଶ୍ନ ଗୋଟିଏ— ତଦନ୍ତ କେବେ ଏବଂ ଜବାବଦେହିତା କେବେ ?

# ବଜାରକୁ ଆସିବ ଓମଫେଡର ଆଇସକ୍ରିମ୍ ଓ ପାଣି



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ (ଓମଫେଡ୍) ପ୍ୟାକେଟ୍ ଯୁକ୍ତ ପାନୀୟ ଜଳ ଓ ଆଇସକ୍ରିମ୍ ବଜାରକୁ ଆଣିବ। ଏହାଦ୍ୱାରା ଉତ୍ପାଦର ପରିସର ବୃଦ୍ଧି ହୋଇପାରିବ। ଆଗାମୀ ଉତ୍ପାଦଗୁଡ଼ିକ ବିଷୟରେ ସୂଚନା ଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଏନେଇ ଓମଫେଡ୍ ବୋର୍ଡ ସହ ଆଲୋଚନା ଚାଲିଛି। ବୋର୍ଡର ଅନୁମୋଦନ ମିଳିବା ପରେ ଏହି ନୂଆ ଉତ୍ପାଦଗୁଡ଼ିକ ବଜାରରେ ଉପଲବ୍ଧ ହେବ।

ପ୍ୟାକେଟ୍ ଯୁକ୍ତ ପାନୀୟ ଜଳ ଓ ନୂଆ ପ୍ରକାରର ଆଇସକ୍ରିମ୍ ବଜାରକୁ ଆସିବା ଫଳରେ ବଜାରରେ ଓମଫେଡ୍‌ର ଉପସ୍ଥିତି ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ରାଜ୍ୟର ବିଭିନ୍ନ ସ୍ଥାନରେ କ୍ଷୀର, ପନିର ଏବଂ ଛେନାରେ ଭେଜାଲ ମିଶ୍ରଣ ନେଇ ଆସୁଥିବା ଖବର ମଧ୍ୟରେ ଗୁଣବତ୍ତା ନେଇ ମନ୍ତ୍ରୀ କହିଛନ୍ତି ଯେ ଓମଫେଡ୍ କଠୋର ଗୁଣବତ୍ତା ମାନକ ବଜାୟ ରଖିଥାଏ ଏବଂ ଏହାର କ୍ଷୀର ପାଇଁ ତିନି-ସ୍ତରୀୟ ଯାଞ୍ଚ ପ୍ରକ୍ରିୟା ଅନୁସରଣ କରାଯାଏ। ଭେଜାଲକୁ ଆଦୌ ଅନୁମତି ଦିଆଯାଏ ନାହିଁ।

ସେ ଆହୁରି ମଧ୍ୟ କହିଛନ୍ତି, ଯଦି କୌଣସି ଭେଜାଲ ଧରାପଡ଼େ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ତେବେ ଓମଫେଡ୍ କ୍ଷୀରର ସଂଗ୍ରହ ମୂଲ୍ୟ ଲିଟର ପିଛା ଦୁଇ ଟଙ୍କା ବୃଦ୍ଧି କରାଯିବା ଉପରେ ମନ୍ତ୍ରୀ କହିଛନ୍ତି ଯେ ଏହି ମୂଲ୍ୟ ସଂଶୋଧନର ଲକ୍ଷ୍ୟ ହେଉଛି ଦୁଗ୍ଧ ଚାଷୀଙ୍କୁ ଉତ୍ତମ ଆୟ ଯୋଗାଇବା ଏବଂ ସେମାନଙ୍କୁ ଅଧିକ ଆତ୍ମନିର୍ଭରଶୀଳ ହେବାରେ ସହାୟତା କରିବା।

### ‘ସେବା ସଂକଳ୍ପ ଅଭିଯାନ’ ପାଇଁ ପ୍ରସ୍ତୁତି ବୈଠକରେ ମନମୋହନ

# ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ



ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ବିଶ୍ୱର ଅଦ୍ୱିତୀୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଅକ୍ଟୋବର ୧୭ ତାରିଖ ଦିନ ଜନସେବା ଏବଂ ସମର୍ପଣର ୨୫ ବର୍ଷ ପୂରଣ କରିବେ। ଏନେଇ ତାଙ୍କ ଜନ୍ମଦିବସ ଆସନ୍ତା ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ ‘ସେବା ସଂକଳ୍ପ ଅଭିଯାନ’ ପାଳନ କରାଯିବ। ମୋଦି ନିରନ୍ତର ଭାବେ ଗତ ୨୫ ବର୍ଷ ଧରି ଯେଉଁଭଳି ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ସୁଶାସନ ଦେଇଛନ୍ତି, ତାହା କୌଣସି ସାମାନ୍ୟ ଅନୁଭୂତି ନୁହେଁ। ସେଥିରୁ ପ୍ରେରଣା ନେଇ ଓଡ଼ିଶାରେ ‘ସେବା ସଂକଳ୍ପ ଅଭିଯାନ’କୁ ଏକ ବୃହତ୍ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବିଜେପି ସମବାୟ ପ୍ରକୋଷ୍ଠ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ରାଜ୍ୟ ସଭାପତି ମନମୋହନ ସାମଲ ସମବାୟବିତ୍‌ମାନଙ୍କୁ ଆହ୍ୱାନ ଦେଇଛନ୍ତି।

ଦେଶର ଶାସନଭାର ଦାୟିତ୍ୱ ନେବା ପରେ ପ୍ରଧାନମନ୍ତ୍ରୀ ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣିତ କରିବା ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ ପ୍ରତିବର୍ଷ ମୋଦି ସରକାର ୬୦୦୦ ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପଠାଇ ସେମାନଙ୍କ ମେରୁଦଣ୍ଡକୁ ସୁଦୃଢ଼ କରିଛନ୍ତି। ଏଥିସହ ବୁଣାକାରମାନଙ୍କ ବିକାଶ ତଥା ‘ବୁଣାକାର ବୀମା’ ଯୋଜନା, ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ ‘ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା’ ଯୋଜନା, ଗୋଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ‘କାମଧେନୁ’ ଯୋଜନା ମାଧ୍ୟମରେ ସମବାୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ମୋଦିଜୀଙ୍କ ନେତୃତ୍ୱ ଓ କେନ୍ଦ୍ରୀୟ ସମବାୟମନ୍ତ୍ରୀ ଅମିତ୍ ଶାହଙ୍କ ଦିଗ୍‌ଦର୍ଶନରେ ସମବାୟ କ୍ଷେତ୍ରରେ ଆଜି ଏକ ନୂଆ ଉତ୍ସାହ ତଥା ବୈପ୍ଳବିକ ପରିବର୍ତ୍ତନ ଆସିଛି ବୋଲି ‘ସେବା ସଂକଳ୍ପ ଅଭିଯାନ’ ଉପଲକ୍ଷେ ବିଜେପି ସମବାୟ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଶ୍ରୀ ସାମଲ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଓଡ଼ିଶା ବିଜେପି ପ୍ରକୋଷ୍ଠ ସମୂହର ରାଜ୍ୟ ସହ ପ୍ରଭାରୀ ସୁଦୀପ୍ତ ରାୟ କହିଛନ୍ତି ଯେ ମୋଦିଙ୍କ ଲମ୍ବା ସମୟର ଜନକଲ୍ୟାଣକାରୀ ନୀତି, ଓଡ଼ିଶା ପ୍ରତି ତାଙ୍କ ଭଲ ପାଇବା ତଥା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ତାଙ୍କର ଆବେଗପୂର୍ଣ୍ଣ ଭକ୍ତି ପାଇଁ ତାଙ୍କ ଜନ୍ମଦିନରେ କୃତଜ୍ଞତା ଜ୍ଞାପନ କରିବା ପାଇଁ ୧୩ଟି ପ୍ରମୁଖ ସେବା ଦାୟିତ୍ୱ ଦଳ ପକ୍ଷରୁ ନିଆଯାଇଛି। ତାହାକୁ ନିଷ୍ଠାର ସହ ଜିଲ୍ଲା ଓ ମଣ୍ଡଳ ସ୍ତରର କର୍ମକର୍ତ୍ତାମାନେ ପାଳନ କରିବେ। ଏହାଛଡ଼ା ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ପୂର୍ବତନ ସମବାୟ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ସମବାୟ ନିବନ୍ଧକ ସୁଦର୍ଶନ ନାୟକ, ପୂର୍ବତନ ସାଂସଦ ମୁକ୍ତିକାନ୍ତ ମଣ୍ଡଳ, ପବିତ୍ର ମୋହନ ଦାସ, ଅକ୍ଷୟ କୁମାର ମହାନ୍ତି, ସ୍ତମ୍ଭକାର ପ୍ରତାପ ସାମଲ ପ୍ରମୁଖ ଯୋଗଦେଇଥିଲେ।

# ଧଉଳିରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ପାର୍ବଣରେ ରକ୍ତରଞ୍ଜିତ ହୋଇଛି ରାଜଧାନୀ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜନୈକ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଧଉଳି ଥାନାଞ୍ଚଳରେ ୨୦ରୁ ଅଧିକ ଦୁର୍ବୃତ୍ତ ୬ଟି ଗାଡ଼ିରେ ଆସି ଉକ୍ତ ଯୁବକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଛନ୍ତି ଧଉଳି ଅଞ୍ଚଳର ରଜନୀକାନ୍ତ ନାୟକ। ରଜନୀକାନ୍ତ ପେସାରେ ଜଣେ ସିକ୍ୟୁରିଟି ଗାର୍ଡ ହୋଇଥିବା ବେଳେ ସେ ଧଉଳି ପାଦଦେଶରେ ବସିଥିବା ସମୟରେ ୬ଟି ଗାଡ଼ିରେ ଆସିଥିଲେ ୨୦ରୁ ଅଧିକ ଦୁର୍ବୃତ୍ତ। ହଠାତ୍ ତାଙ୍କୁ ଘେରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଶକ୍ତ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଧଉଳି ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଯାଞ୍ଚ କରି ଆକ୍ରମଣକାରୀଙ୍କୁ ଚିହ୍ନଟ ପାଇଁ ତଦନ୍ତ ଚଳାଉଛି।

# ପତ୍ନୀଙ୍କୁ ପିଟି ପିଟି ମାରିଦେଲା ସ୍ୱାମୀ



ବରଗଡ଼,୧୪।୯(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାରେ ଘଟିଛି ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ପତ୍ନୀକୁ ପିଟି ପିଟି ମାରିଦେଲା ସ୍ୱାମୀ। ବରଗଡ଼ରେ ଘଟିଛି ଏହି ବଡ଼ ଅଘଟଣ। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବରଗଡ଼ ଜିଲ୍ଲା ଅତାବିରା ଥାନା ଅନ୍ତର୍ଗତ ଅମ୍ଲିପାଲି ପଞ୍ଚାୟତର ଗଡ଼ତିଆ ଟିକ୍ରା ଗାଁରେ ଘଟିଛି ଏହି ହତ୍ୟାକାଣ୍ଡ। ସ୍ତ୍ରୀକୁ ପିଟି ପିଟି ଜୀବନ ନେଇଯାଇଛି ସ୍ୱାମୀ। ମୃତକ ଜଣଙ୍କ ହେଲେ ଭାଗ୍ୟବତୀ ଖଡ଼ିଆ ଓ ଅଭିଯୁକ୍ତ ସ୍ୱାମୀ ରାଜକୁମାର ଖଡ଼ିଆ। ଘଟଣାସ୍ଥଳରେ ପହଞ୍ଚି ଅତାବିରା ଥାନା ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଖବର ପାଇ ଅତାବିରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ପୁଲିସ ପକ୍ଷରୁ ଘଟଣାର ଛାନଭିନ୍ ଆରମ୍ଭ ହୋଇଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ଘଟଣାସ୍ଥଳରୁ ଆବଶ୍ୟକ ତଥ୍ୟ ଓ ପ୍ରମାଣ ସଂଗ୍ରହ କରାଯାଉଥିବା ବେଳେ ପରିବାର ଓ ସ୍ଥାନୀୟ ଲୋକଙ୍କଠାରୁ ମଧ୍ୟ ପଚରାଉଚରା କରାଯାଉଛି। ଏହି ଘଟଣାକୁ ନେଇ ଗଡ଼ତିଆ ଟିକ୍ରା ଗାଁରେ ଶୋକ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ ତଦନ୍ତ ଶେଷ ହେବା ପରେ ହିଁ ଘଟଣାର ପ୍ରକୃତ କାରଣ ଓ ହତ୍ୟାକାଣ୍ଡ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିବ।

# ଭିଣୋଇଙ୍କ ଦଶାହ ତୁଠରେ ଶଳାଙ୍କ ମୃତ୍ୟୁ

ଅନୁଗୋଳ,୧୪।୯(ସଂଚାର ବ୍ୟୁରୋ): ଭିଣୋଇ ଦଶାହ ତୁଠରେ ଶଳାର ମୃତ୍ୟୁ। ମାଡେଲିଆ ଯୋରରେ ଦଶାହ ତୁଠରେ ଗାଧୋଉଥିବା ବେଳେ ହୋମ୍ ପାଇପରେ ଫସି ଜୀବନ ହାରିଛନ୍ତି ଯୁବକ। ମୃତ ବ୍ୟକ୍ତି ଜଣଙ୍କ ହେଲେ ଅନୁଗୁଳ ଜିଲ୍ଲା ଯୁକୁବୁ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ବିମଳ କିଶୋର ସାହୁ। ଏପଟେ ଦଶାହ କର୍ମ ବେଳେ ଶଳାର ମୃତ୍ୟୁକୁ ନେଇ ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେବା ସହ ଉତ୍ତେଜନା ଦେଖାଦେଇଛି। ମିଳିଥିବା ସୂଚନାନୁସାରେ, ଆଜି ଡୁମୁଣି ଗାଁରେ ବିମଳଙ୍କ ଭିଣୋଇ ଗିରୀଶ ବିଶ୍ୱାଳଙ୍କ ଦଶାହ କର୍ମ ଥିଲା। ବହୁ ସମ୍ପର୍କୀୟଙ୍କ ସହ ବିମଳ ଦଶାହ ତୁଠକୁ ଖିଅର ହେବାକୁ ଯାଇଥିଲେ। ତେବେ ସେଠାରେ ସେ ଖିଅର ହେବା ପରେ ଯୋରରେ ଗାଧୋଉଥିବା ସମୟରେ ଯୋରର ପାଣି ସ୍ରୋତ ତାଙ୍କୁ ଟାଣି ନେଇଥିଲା। ଫଳରେ ସେ ଯୋରର ବାଇପାସ୍ ରାସ୍ତାର ହୋମ ପାଇପ ଭିତରେ ଫସିଯାଇଥିଲେ। ସେଠାରେ ଉପସ୍ଥିତ ଲୋକେ ଯେତେ ଚେଷ୍ଟା କଲେ ବି ତାଙ୍କୁ ଉଦ୍ଧାର କରିପାରି ନ ଥିଲେ। ସେମାନେ ତୁରନ୍ତ ଜେସିବି ଡକାଇ ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।

# ପରୀକ୍ଷା ବେଳେ ମୋବାଇଲ୍ ଓ ସ୍କୁଟର ଚୋରି, ୩ ଗିରଫ

ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ପରୀକ୍ଷା ସେଣ୍ଟର ଥିଲା ମୋବାଇଲ୍ ଚୋରଙ୍କ ଟାର୍ଗେଟ୍। ପରୀକ୍ଷା ଦେଉଥିବା ବେଳେ ପରୀକ୍ଷାର୍ଥୀଙ୍କ ମୋବାଇଲ୍ ଓ ବାଇକ୍ ଚୋରି। ଏଭଳି ଏକ ମୋବାଇଲ୍ ଚୋର ଗ୍ୟାଙ୍ଗକୁ ମାଡ଼ି ବସିଛି ଭୁବନେଶ୍ୱର ଇନଫୋସିଟି ଥାନା ପୁଲିସ। ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଜବତ ହୋଇଛି ଚୋରି ସ୍କୁଟର ସହ ୨୬ଟି ମୋବାଇଲ୍।



ଖାଲି ମୋବାଇଲ୍ ନୁହେଁ, ୪୩ଟି ମୋବାଇଲ୍ ଡିସପ୍ଲେ ଓ ୪୮ଟି ମଦର ବୋର୍ଡ ମଧ୍ୟ ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଦୁଷ୍ମନ୍ତ ସୁବୁଦ୍ଧି, ରାକେଶ କୁମାର ସାହୁ ଓ ମାନସ ବେହେରା। ନିଟ୍ ପିଜି ପରୀକ୍ଷା ଦେବାକୁ ପଟିଆସ୍ଥିତ ଆଲ୍‌କେମ୍ ଗ୍ଲୋବାଲ, ଆଇଡିଜେଡ୍‌ଆଇକୁ ଆସିଥିଲେ ଡାକ୍ତର ଶୁଭମୟ ବେରା। ତେବେ ପରୀକ୍ଷା ସମୟରେ ତାଙ୍କ ହୋଣ୍ଡା ଆକ୍ଟିଭା ସ୍କୁଟର ଓ ମୋବାଇଲ୍ ଚୋରି ହୋଇଥିଲା। ଏନେଇ ସେ ଇନ୍‌ଫୋସିଟି ଥାନାରେ ଏତଲା ଦେବା ପରେ ପୁଲିସ୍ ଆରମ୍ଭ କରିଥିଲା ତଦନ୍ତ। ତଦନ୍ତରେ ୩ ଅଭିଯୁକ୍ତଙ୍କୁ ଧରିବା ସହ ପୁଲିସ୍ ଚୋରି ସ୍କୁଟର ଓ ମୋବାଇଲ୍ ଜବତ କରିଛି। ଦୁଷ୍ମନ୍ତଙ୍କଠାରୁ ୨ଟି ମୋବାଇଲ୍, ରାକେଶଙ୍କଠାରୁ ୧୮ଟି ମୋବାଇଲ୍, ୪୩ଟି ଡିସପ୍ଲେ ଓ ୪୮ଟି ମଦର ବୋର୍ଡ ଏବଂ ମାନସଠାରୁ ୬ଟି ମୋବାଇଲ୍ ଜବତ ହୋଇଛି। ଅନଲାଇନ ପରୀକ୍ଷା କେନ୍ଦ୍ରକୁ ଟାର୍ଗେଟ୍ କରି ଏମାନେ ଏଭଳି ଚୋରି କରୁଥିଲେ ନା ଏହା ପଛରେ ଆଉ କୌଣସି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି କି ନାହିଁ, ତା’ ଜାଣିବା ସକାଶେ ଇନଫୋସିଟି ପୁଲିସ୍ ତା’ର ଖୋଳତାଡ଼ ଜାରି ରଖିଛି।

# ଶୋଇଥିବା ବେଳେ ଲାଗିଲା ନିଆଁ, ଜଣେ ମୃତ

ରାଉରକେଲା,୧୪।୯(ସଂଚାର ବ୍ୟୁରୋ): ରାଉରକେଲାରେ ବନ୍ଦ ଘରେ ଶୋଇଥିବା ବେଳେ ନିଆଁ ଲାଗି ବାପାଙ୍କ ମୃତ୍ୟୁ ହୋଇଛି। ଏଥିସହ ଅଳ୍ପକେ ବର୍ତ୍ତିଯାଇଛନ୍ତି ପୁଅ। ବନ୍ଦ ଘରେ ଶୋଇଥିବା ବେଳେ ନିଆଁରେ ପୋଡ଼ି ହୋଇ ୬୦ ବର୍ଷୀୟ ଜିତେନ୍ଦ୍ର ସାହାଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଏକ ଘରେ ପୁଅ ରୋହିତ ଶୋଇଥିବା ଯୋଗୁଁ ଅଳ୍ପକେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ରାଉରକେଲା ରେଲୱେ କଲୋନୀ ମଧୁସୂଦନପାଲିରେ ଏହି ଅଘଟଣ ଘଟିଛି। ତେବେ କେମିତି ଓ କେଉଁ ପରିସ୍ଥିତିରେ ନିଆଁ ଲାଗିଲା, ସେନେଇ ତଦନ୍ତ ଆରମ୍ଭ କରିଛି ପ୍ଳାଣ୍ଟ ସାଇଟ୍ ଥାନା ପୁଲିସ। ମଧୁସୂଦନପାଲିରେ ଜିତେନ୍ଦ୍ର, ପତ୍ନୀ ଓ ତାଙ୍କ ପୁଅ ରୋହିତ ରହନ୍ତି। ପତ୍ନୀ ଦେହ ଭଲ ନ ଥିବାରୁ ସେ କିଛି ଦିନ ପୂର୍ବରୁ ଝିଅ ଘରକୁ ଚାଲିଯାଇଥିଲେ। ବୋହୂ ଓ ସାନ ଝିଅ ତାଙ୍କ ଅଜା ଘରକୁ ଯାଇଥିବା ବେଳେ ବାପା ଜିତେନ୍ଦ୍ର ତାଙ୍କ ପୁଅ ରୋହିତ ସହ ଘରେ ରହୁଥିଲେ। ଗତକାଲି ରାତିରେ ଖାଇବା ପରେ ଜିତେନ୍ଦ୍ର ଗୋଟିଏ ଘରେ ଓ ରୋହିତ ଅନ୍ୟ ଘରେ ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ଦୁଇଟା ପରେ ଜିତେନ୍ଦ୍ର ଶୋଇଥିବା ଘର ଜଳୁଥିବା ଦେଖି ପଡ଼ୋଶୀମାନେ ପାଟି କରିବା ସହ ରୋହିତ ପାଖ ପଡ଼ୋଶୀଙ୍କୁ ଡାକିଥିଲେ। ଅଗ୍ନିଶମ କାର୍ଯ୍ୟାଳୟକୁ ଖବର ଦେବା ସହ ପୁଅ ରୋହିତ ଓ ପଡ଼ୋଶୀ ନିଆଁକୁ ଆୟତ୍ତ ଓ ଜିତେନ୍ଦ୍ରଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଘର ଭିତର ପଟୁ ବନ୍ଦ ଥିବାରୁ ଜିତେନ୍ଦ୍ରଙ୍କୁ ଉଦ୍ଧାର କରାଯାଇପାରି ନ ଥିଲା।

### ■ କଟକରୁ ଅପହୃତ, ବାଲେଶ୍ୱରରୁ ଉଦ୍ଧାର

# ବ୍ୟାଙ୍କ ଅଧିକାରୀ ଅପହରଣ ମାମଲାରେ ୨ ଗିରଫ

କଟକ,୧୪।୯(ସଂଚାର ବ୍ୟୁରୋ): କଟକରୁ ଅପହୃତ ହୋଇଥିବା ବ୍ୟାଙ୍କ୍ ଅଧିକାରୀ ବାଲେଶ୍ୱରରୁ ଉଦ୍ଧାର ହୋଇଛନ୍ତି। ଏହି ଅପହରଣ ଘଟଣାରେ ମଧୁପାଟଣା ପୁଲିସକୁ ମିଳିଛି ବଡ଼ ସଫଳତା। ବାଲେଶ୍ୱର ଜିଲ୍ଲାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଦୁଇ ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଗମ୍ଭାରୀର ରାମଚନ୍ଦ୍ର ଦାସ ଓ ସିଙ୍ଗଲା ଥାନାଞ୍ଚଳର ରାଜକୁମାର ସାହୁ। ମିଳିଥିବା ସୂଚନାନୁସାରେ, ଋଣ ନ ମିଳିବାରୁ ବ୍ୟାଙ୍କ ମ୍ୟାନେଜର ମନୋଜ କୁମାର ସାହୁଙ୍କୁ ଅପହରଣ କରିଥିଲେ ଦୁର୍ବୃତ୍ତ। ମନୋଜଙ୍କୁ ଘରୁ ଡାକିନେଇ ତାଙ୍କୁ ଅପହର୍ତ୍ତାମାନେ କାର୍‌ରେ ନେଇ ପଳାଇଥିଲେ। ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ ମନୋଜଙ୍କ ପତ୍ନୀ। ପରବର୍ତ୍ତୀ ସମୟରେ ଅପହର୍ତ୍ତା ମନୋଜଙ୍କ ପତ୍ନୀଙ୍କୁ ଫୋନ କରି ଟଙ୍କା ଦେଲେ ହିଁ ତାଙ୍କ ସ୍ୱାମୀଙ୍କୁ ଛାଡ଼ିବେ ବୋଲି କହିଥିଲେ। ପୂର୍ବରୁ ଅପହରଣକାରୀ ମନୋଜଙ୍କ ପାଖରେ ଆକାଉଣ୍ଟ ଖୋଲିଥିଲେ। ଋଣ ମିଳିବାର ପ୍ରତିଶ୍ରୁତି ମଧ୍ୟ ସେମାନଙ୍କୁ ମିଳିଥିଲା, କିନ୍ତୁ ଶେଷରେ ଋଣ ମିଳି ନ ଥିଲା। ତେଣୁ ଏଥିରେ ଉତ୍ତ୍ୟକ୍ତ ହୋଇ ଦୁର୍ବୃତ୍ତମାନେ ଶେଷରେ ବ୍ୟାଙ୍କ ଅଧିକାରୀଙ୍କୁ ଅପହରଣ କରିନେଇଥିଲେ।

### ● ଚାରି କ୍ୟାଡରର ଯୁଗ୍ମ ସମନ୍ୱୟ ପରିଷଦ ଗଠିତ

# ୫ ଦଫା ଦାବି ନେଇ ସଂଗଠିତ ଲଢ଼େଇ ପାଇଁ ସଙ୍କଳ୍ପ



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଆଜି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ ଏବଂ ସମାଜ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ, ଯୋଗାଣ ନିରୀକ୍ଷକ (ଆଇଓଏସ), ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (ୱ୍ୱଇଓ) ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସଏସଓ) ଏହି ଚାରି କ୍ୟାଡରର ପ୍ରତିନିଧିମାନଙ୍କୁ ନେଇ ଯୁଗ୍ମ ସମନ୍ୱୟ ପରିଷଦ(ଜେସିସି)ର ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଛି।

ଏହି ସଭାରେ କର୍ମଚାରୀମାନଙ୍କ ସ୍ୱାର୍ଥ ସମ୍ବଳିତ ୫ ଦଫା ପ୍ରମୁଖ ଦାବି ଉପରେ ଆଲୋଚନା ହୋଇଥିଲା। ସେଗୁଡ଼ିକ ହେଲା: ପ୍ରାରମ୍ଭିକ ପେ ଲେଭେଲକୁ ଲେଭେଲ-୧୦କୁ ଉନ୍ନୀତ କରିବା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ପାଇଁ ପଦୋନ୍ନତି ସଂରକ୍ଷଣ ତଥା ଓପିଏସସି ମାଧ୍ୟମରେ ପ୍ରାରମ୍ଭିକ ଚୟନ ବ୍ୟବସ୍ଥା କରିବା, ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା କରିବା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ମାନଙ୍କ ପାଇଁ ଆବଶ୍ୟକ ସହାୟକ କର୍ମଚାରୀ ନିଯୁକ୍ତି କରିବା ଏବଂ କ୍ଷେତ୍ର ପରିଦର୍ଶନ ପାଇଁ ଉପଯୁକ୍ତ ଯାତାୟାତ ସୁବିଧା ପ୍ରଦାନ ତଥା ସୁରକ୍ଷାର ଆଇନଗତ ସହାୟତା ପ୍ରଦାନ କରିବା।

ଚାରି କ୍ୟାଡରର ପ୍ରତିନିଧିମାନେ ସେମାନଙ୍କ ଦାବି ଓ ସ୍ୱାର୍ଥର ସୁରକ୍ଷା ପାଇଁ ଏକତାବଦ୍ଧ ଭାବେ ଆଗାମୀ ଦିନରେ କାର୍ଯ୍ୟ କରିବାକୁ ସଙ୍କଳ୍ପ ନେଇଥିଲେ।

# ପୂର୍ବତଟ ରେଳପଥ ମୁଖ୍ୟାଳୟରେ ହିନ୍ଦୀ ପଖୱାଡା-୨୦୨୬ ଆରମ୍ଭ




ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥ ମୁଖ୍ୟାଳୟରେ ସେପ୍ଟେମ୍ବର ୧୪ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ପଖୱାଡା-୨୦୨୬ ଆରମ୍ଭ ହୋଇଛି। ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରଗତିଶୀଳ ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ରାଜଭାଷା ହିନ୍ଦୀର ଗୁରୁତ୍ୱ ସମ୍ପର୍କରେ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏହି ପକ୍ଷବ୍ୟାପୀ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜଭାଷା ଶପଥ ପାଠ କରାଇଥିଲେ। ନିଜ ଅଭିଭାଷଣରେ ସେ ୧୯୪୯ ମସିହା ସେପ୍ଟେମ୍ବର ୧୪ ତାରିଖରେ ଭାରତୀୟ ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ପ୍ରଦାନ କରାଯାଇଥିବାର ପୃଷ୍ଠଭୂମି ସମ୍ପର୍କରେ ସୂଚନା ଦେଇଥିଲେ। ହିନ୍ଦୀର ବ୍ୟବହାର କେବଳ ଗୋଟିଏ ଦିନ କିମ୍ବା ପଖୱାଡା ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ। ସରକାରୀ କାର୍ଯ୍ୟରେ ନିୟମିତ ଭାବେ ହିନ୍ଦୀର ବ୍ୟବହାର ବୃଦ୍ଧି କରିବା ଆବଶ୍ୟକ ବୋଲି ଶ୍ରୀ ଫୁଙ୍କୱାଲ କହିଥିଲେ।

ଏହି ପାଳନର ଏକ ଅଂଶ ସ୍ୱରୂପ, ବିଭିନ୍ନ ପ୍ରତିଯୋଗିତା ଏବଂ କାର୍ଯ୍ୟକ୍ରମ ଆୟୋଜନ କରାଯିବ, ଯେଉଁଥିରେ ରେଳ ସୁରକ୍ଷା ସ୍ଲୋଗାନ ଲିଖନ ପ୍ରତିଯୋଗିତା, ଯାତ୍ରୀ ଅଭିଯୋଗ ନିରାକରଣ ଚିଠା ପ୍ରସ୍ତୁତି ପ୍ରତିଯୋଗିତା, ହିନ୍ଦୀ ବନାନ ଓ ବାକ୍ୟ ସଂଶୋଧନ ପ୍ରତିଯୋଗିତା, ରେଳ ସମ୍ବନ୍ଧୀୟ ଶବ୍ଦ ସନ୍ଧାନ ଓ ସଙ୍କେତ ଚିହ୍ନଟ ପ୍ରତିଯୋଗିତା, କୁଇଜ୍ ପ୍ରତିଯୋଗିତା ଏବଂ ହିନ୍ଦୀ କର୍ମଶାଳା ଅନ୍ତର୍ଭୁକ୍ତ। ଏହି ସବୁ କାର୍ଯ୍ୟକଳାପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ କାମରେ ଧୀରେ ଧୀରେ ହିନ୍ଦୀ ଭାଷା ବ୍ୟବହାର କରିବା ପାଇଁ ପ୍ରୋତ୍ସାହିତ କରିବା।

ସରକାରୀ କାର୍ଯ୍ୟରେ ରାଜଭାଷାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ନୀତି ଅନୁଯାୟୀ ପ୍ରତିବର୍ଷ ସମଗ୍ର ଭାରତୀୟ ରେଳବାଇରେ ହିନ୍ଦୀ ପଖୱାଡା ପାଳନ କରାଯାଏ।

### ● ଏମଏମଡିଆର ଆଇନ ସଂଶୋଧନ ପ୍ରସଙ୍ଗ

# ଆଇନ ପ୍ରତ୍ୟାହାର ନ ହେଲେ ଅର୍ଥନୈତିକ ଅବରୋଧ କରିବ ବିଜେଡି



ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ): ଏମଏମଡିଆର ଆଇନ ସଂଶୋଧନ ରାଜ୍ୟ ସ୍ୱାର୍ଥବିରୋଧୀ ବୋଲି ଅଭିହିତ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଇଥିବା ଚିଠିର ଉତ୍ତର ଏପର୍ଯ୍ୟନ୍ତ ମିଳି ନ ଥିବାରୁ କ୍ଷୋଭ ପ୍ରକାଶ କରିଛି ବିଜେଡି। ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ କରୁଥିବା ଏମଏମଡିଆର ଆଇନ ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛି ଦଳ।

ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଡ ଅରୁଣ କୁମାର ସାହୁ ସରକାରଙ୍କୁ ଘେରିଛନ୍ତି। ଡ. ସାହୁ କହିଛନ୍ତି ଯେ ବିରୋଧୀ ଦଳ ନେତା ଏମଏମଡିଆର ଆଇନ ସଂଶୋଧନ ରାଜ୍ୟର ସ୍ୱାର୍ଥବିରୋଧୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବିଧାନସଭାର ବିଶେଷ ଅଧିବେଶନ ଓ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ କହିଥିଲେ। କିନ୍ତୁ ଏଯାବତ ଏହି ଚିଠିର ଉତ୍ତର ରଖିବାକୁ ଉଚିତ ମଣିନାହାନ୍ତି ମୁଖ୍ୟମନ୍ତ୍ରୀ। ଶିଷ୍ଟାଚାର ଓ ସୌଜନ୍ୟତା ଭୁଲିଯାଇଥିବା ସରକାରଙ୍କୁ ଆମେ କେତୋଟି ପ୍ରଶ୍ନ ପଚାରିବାକୁ ଚାହୁଁଛୁ। ଏମଏମଡିଆର ଆଇନ ସଂଶୋଧନ ମାଧ୍ୟମରେ ଖଣିର ମାଲିକାନା ରାଜ୍ୟ ହାତରୁ ଛଡ଼େଇ ନିଆଯାଇଛି। ଖଣି ହାତରେ ନ ଥିବା ବେଳେ କେନ୍ଦ୍ର ସରକାରଙ୍କ ହାତଟେକା ଦାନକୁ ଅପେକ୍ଷା କରି ରହିଥିବା ରାଜ୍ୟ ସରକାର କେଉଁ ଅଧିକାର ନେଇ ୟୁଏଇ ଗସ୍ତ କରି ପୁଞ୍ଜିନିବେଶ ପାଇଁ ଆହ୍ୱାନ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟ ସ୍ୱାର୍ଥ ସମ୍ବନ୍ଧରେ ଉଠାଯାଇଥିବା ଏମଏମଡିଆର ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନିରବ ରହିଛନ୍ତି। ସର୍ବଦଳୀୟ ବୈଠକ ଡାକିବା ପାଇଁ କୁହାଯାଇଥିଲା, ତାକୁ ମଧ୍ୟ ସେ ଅଣଦେଖା କରିଛନ୍ତି। ରାଜ୍ୟ ଖଣିରୁ ବାର୍ଷିକ ରାଜସ୍ୱ ବାବଦକୁ ୧୨ ହଜାର କୋଟି ଟଙ୍କା କ୍ଷତି ହେବ। ତେଣୁ ଏମଏମଡିଆର ଆଇନ ପ୍ରତ୍ୟାହାର ନ କଲେ ବିଜେଡି ପକ୍ଷରୁ ରାଜ୍ୟରେ ଅର୍ଥନୈତିକ ଅବରୋଧ କରାଯିବ।

# ଗଣମାଧ୍ୟମ ଆଗରେ ମୁହଁ ଖୋଲିବାରୁ ଆକ୍ରମଣ



ମହାକାଳପଡ଼ା/ମାର୍ଶାଘାଇ, ୧୪।୯ (ସଂଚାର ବ୍ୟୁରୋ): ଗଣମାଧ୍ୟମ ଆଗରେ ମୁହଁ ଖୋଲିବାରୁ ତିନି ଜଣ ବ୍ୟକ୍ତି ଗତକାଲି ବିଳମ୍ବିତ ରାତିରେ ଦମ୍ପତିଙ୍କ ଘରେ ପଶି ଜାତିଆଣ ଆକ୍ଷେପ କରିବା ସହ ମାଡ଼ ମାରିଥିଲେ। ଏଥିସହ ସେମାନେ ଦମ୍ପତିଙ୍କୁ ଜୀବନରେ ମାରିଦେବାକୁ ବି ଧମକ ଦେବା ସହ ଘର ପୋଡ଼ି ଦେବାକୁ ଧମକ ଦେଇଥିଲେ। ଏନେଇ ଦମ୍ପତି ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

**ମାର୍ଶାଘାଇ ଥାନାରେ ଦମ୍ପତିଙ୍କ ଏତଲା**

କରଞ୍ଜ ଗ୍ରାମର ପିଙ୍କି ଯେନା (୩୪) ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କରଞ୍ଜ ପଞ୍ଚାୟତରେ ପିଡିଏସ ଚାଉଳ ଯୋଗାଣରେ ବ୍ୟାପକ ହେରଫେର କରାଯାଇଛି। ଏନେଇ ତାଙ୍କ ସ୍ୱାମୀ ଜନକର ଯେନା ଓ ସ୍ୱାମୀଙ୍କ ବନ୍ଧୁ ମିଶି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଗତକାଲି ଏକ ଚାଉଳ ବୋଝେଇ ପିକଅପ ଭ୍ୟାନ୍ ମାର୍ଶାଘାଇ ପୁଲିସ ଜବତ କରିଥିଲା। ଏହି ଖବର ପ୍ରସାରିତ ହେବା ପରେ ଗଣମାଧ୍ୟମ ପ୍ରତିନିଧି କରଞ୍ଜ ଗ୍ରାମକୁ ଯାଇ ଲୋକଙ୍କ ମତାମତ ନେଇଥିଲେ। ତାଙ୍କ ସ୍ୱାମୀ ମଧ୍ୟ ସୂଚନା ଆଧାରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖିଥିଲେ। ରାତି ୧୦ଟା ସମୟରେ ପିଙ୍କି ଓ ଜନକର ଘରେ ଶୋଇଥିବା ସମୟରେ ସେହି ଗ୍ରାମର ତିନି ଜଣ ବ୍ୟକ୍ତି ତାଙ୍କ କବାଟ ବାଡେଇ ଜାତିଗତ ଆକ୍ଷେପ ସହ ଅଶାଳୀନ ଭାଷା କହି ଜନକରଙ୍କୁ ବାହାରକୁ ଆସିବାକୁ କହିଥିଲେ। ସ୍ୱାମୀଙ୍କୁ ବାହାରକୁ ନଛାଡ଼ି ପିଙ୍କି ନିଜେ କବାଟ ଖୋଲିବାରୁ ସେମାନେ ପିଙ୍କିଙ୍କ ସହ ତାଙ୍କ ସ୍ୱାମୀଙ୍କୁ ମଧ୍ୟ ଜାତିଆଣ ଆକ୍ଷେପ କରି, ମାଡ଼ ମାରି, ଜୀବନରେ ମାରିଦେବା ସହ ଘର ପୋଡ଼ି ଦେବା ପାଇଁ ଧମକ ଦେଇଛନ୍ତି। ପିଙ୍କିଙ୍କ ଏତଲା ଆଧାରରେ ମାର୍ଶାଘାଇ ଥାନା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।


## ନୂଆଁଖାଇ ଜୁହାର - ୨୦୨୬

### ନୂଆ ଧାନ, ନୂଆ ଆଶା, ନୂଆ ସ୍ୱାସ୍ଥ୍ୟ

ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ବଲାଙ୍ଗିର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ନୂଆ ଧାନ ଯେମିତି ସମୃଦ୍ଧି ଆଣେ, ସ୍ୱାସ୍ଥ୍ୟ ହିଁ ସେହିପରି ଜୀବନର ପ୍ରକୃତ ସମ୍ପଦ। ଆସନ୍ତୁ ଏହି ନୂଆଁଖାଇରେ ସଂକଳ୍ପ ନେବା ଯେପରିକି ଜିଲ୍ଲାର ମାତୃ ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାର କମାଇବାରେ ସହଯୋଗ କରିବା,ସମସ୍ତ ଯୋଗ୍ୟ କନ୍ୟାକୁ ଜରାୟୁ ଗ୍ରୀବା କର୍କଟ ସୁରକ୍ଷା ଟୀକା (ଏଚପିଭି) ଦେବା, ୩୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତେ ବିପି ଓ ସୁଗାର ଯାଞ୍ଚ କରିବା, ଟି.ବି. ମୁକ୍ତ ଭାରତ କାର୍ଯ୍ୟ କ୍ରମରେ ସହଯୋଗ କରିବା, କୁଷ୍ଠ ମୁକ୍ତ ଭାରତ କାର୍ଯ୍ୟକ୍ରମରେ ସହଯୋଗ କରିବା, କନ୍ୟା ଭ୍ରୁଣ ହତ୍ୟାକୁ ବିରୋଧ କରିବା ଏବଂ ଆମ ପରିବେଶ ସାଫା ରଖିବା ମେଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ବଲାଙ୍ଗିର ଆପଣଙ୍କ ସେବାରେ ସର୍ବଦା ପ୍ରସ୍ତୁତ

ଡାକ୍ତର- ଶ୍ରୀମତୀ ପୁଷ୍ପାଞ୍ଜଳି ମିଶ୍ର
ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ବଲାଙ୍ଗିର



## ନୂଆଖାଇ ଜୁହାର

BALANGIR
ISO 9001

ବଲାଙ୍ଗିର ସଦାଇପାଲି, ପଲ୍ଲିଶ୍ରୀ ବିହାର ଠାରେ ପ୍ରତିଷ୍ଠିତ ଇଣ୍ଡିଏନ ନର୍ସିଂ କାଉନସିଲ(ଆଇ.ଏନ୍.ସି)ମଞ୍ଜୁରୀ ପ୍ରାପ୍ତ ସୁଶ୍ରୀ ନର୍ସିଂ କଲେଜ(ସାଇଟ) ଏମ.ଏସ୍.ସି. ନର୍ସି, ବି.ଏସ୍.ସି. ନର୍ସି, ଜି. ଏନ୍.ଏମ୍. ନର୍ସିଂ, ଏ.ଏନ୍.ଏମ୍. ନର୍ସିଂ, ସାଇଟ ଇଞ୍ଜିନିୟରିଂ, ସୁଶ୍ରୀ ଆଇ.ଟି.ଆଇ, ସୁଶ୍ରୀ ଡି.ଏମ୍.ଏଲ୍.ଟି ଓ ଡି.ଏମ୍.ଆର୍.ଟି ପରିବାର ତରଫରୁ ସମସ୍ତଙ୍କୁ ନୂଆଖାଇ ଜୁହାର ।

ଡ. ନାରାୟଣ ପ୍ରସାଦ ମିଶ୍ର, ସଂପାଦକ








ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

# ବାସ୍ତବତା ବନାମ ଏଆଇ ଜ୍ୟୋତିଷ

ଆଜିର ଡିଜିଟାଲ୍ ଯୁଗରେ ଜ୍ୟୋତିଷ ଶାସ୍ତ୍ର ଏକ ନୂତନ ରୂପ ଧାରଣ କରିଛି। ମୋବାଇଲ୍ ଆପ୍, ୱେବ୍‌ସାଇଟ୍ ଏବଂ ଚାଟ୍‌ବଟ୍‌ଗୁଡ଼ିକ କେବଳ କିଛି ସେକେଣ୍ଡରେ ଜନ୍ମ କୁଣ୍ଡଳୀ ତିଆରି କରି ଭବିଷ୍ୟତ କହିଦେଉଛନ୍ତି। 'ଆଇଏ ଜ୍ୟୋତିଷ' ବା 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଷ୍ଟ୍ରୋଲଜି' ଏବେ ଲକ୍ଷ ଲକ୍ଷ ଲୋକଙ୍କ ଦୈନନ୍ଦିନ ଜୀବନର ଅଂଶ ହୋଇଯାଇଛି। କିନ୍ତୁ ପ୍ରଶ୍ନ ଉଠେ ଏହା ପ୍ରକୃତ ଜ୍ୟୋତିଷ ଶାସ୍ତ୍ରର ବିକଶିତ ରୂପ ନା କେବଳ ଲୋକଙ୍କ ମନକୁ ଆକର୍ଷିତ କରି ଲାଭ ଉପାର୍ଜନ କରିବାର ଏକ ଚତୁର ଟେକ୍ନୋଲୋଜି ଖେଳ?

ପାରମ୍ପରିକ ଜ୍ୟୋତିଷ ଶାସ୍ତ୍ର ହଜାର ହଜାର ବର୍ଷର ପୁରୁଣା। ଏହା ଗ୍ରହ, ନକ୍ଷତ୍ର, ରାଶି ଓ ସେମାନଙ୍କ ଗତିବିଧି ଉପରେ ଆଧାରିତ। ଭାରତୀୟ ବୈଦିକ ଜ୍ୟୋତିଷରେ ଗ୍ରହଙ୍କ ସ୍ଥିତି, ଦଶା, ଗୋଚର ଆଦିର ଗଭୀର ଗଣନା କରାଯାଏ। ଏକ ଅନୁଭବୀ ଜ୍ୟୋତିଷ କେବଳ ଗଣିତ ନୁହେଁ, ବରଂ ବ୍ୟକ୍ତିର ଜୀବନ, ପରିବେଶ, ମାନସିକ ଅବସ୍ଥା ଓ କର୍ମଫଳକୁ ମଧ୍ୟ ବିଚାର କରନ୍ତି। ଏହା ଏକ ବ୍ୟକ୍ତିଗତ ଓ ଗଭୀର ପ୍ରକ୍ରିୟା। କିନ୍ତୁ ଆଜିର ଏଆଇ ଜ୍ୟୋତିଷ ସମ୍ପୂର୍ଣ୍ଣ ଭିନ୍ନ। ଏହା ବିଶାଳ ଡାଟାବେସ୍, ଆଲଗୋରିଦମ୍ ଓ ମେସିନ୍ ଲର୍ଣ୍ଣିଂ ଉପରେ ନିର୍ଭର କରେ। ଜନ୍ମ ତାରିଖ, ସମୟ ଓ ସ୍ଥାନ ଦେଇଦେଲେ କମ୍ପ୍ୟୁଟର ତୁରନ୍ତ ଏକ କୁଣ୍ଡଳୀ ତିଆରି କରି ଭବିଷ୍ୟତ କହିଦିଏ। ଏହା ଦ୍ରୁତ, ଶସ୍ତା ଓ ସହଜ। କିନ୍ତୁ ଏଥିରେ ମାନବୀୟ ବୁଦ୍ଧି, ଅନୁଭୂତି ଓ ଗଭୀର ବିଚାରର ଅଭାବ ରହିଛି।



ଏଆଇ ଜ୍ୟୋତିଷ ପ୍ରକୃତରେ କାମ କରେ କି? ବୈଜ୍ଞାନିକ ଦୃଷ୍ଟିରୁ ଜ୍ୟୋତିଷ ନିଜେ ଏକ ବିବାଦୀୟ ବିଷୟ। ବୈଜ୍ଞାନିକମାନେ କହନ୍ତି ଯେ ଗ୍ରହଙ୍କ ଅବସ୍ଥିତି ଓ ମାନବ ଜୀବନ ମଧ୍ୟରେ କୌଣସି ପ୍ରତ୍ୟକ୍ଷ କାରଣ ବା ପ୍ରଭାବ ସମ୍ପର୍କ ପ୍ରମାଣିତ ହୋଇନାହିଁ। ତଥାପି ଲକ୍ଷ ଲକ୍ଷ ଲୋକ ଏହାକୁ ବିଶ୍ୱାସ କରନ୍ତି କାରଣ ଏହା ଆଶା, ଭୟ ଓ ଅନିଶ୍ଚିତତାକୁ ନିୟନ୍ତ୍ରଣ କରିବାର ଏକ ମାନସିକ ସାଧନ ଭାବରେ କାମ କରେ। ଏଆଇ ଏହି ମାନସିକତାକୁ ଆହୁରି ବଢ଼ାଇ ଦେଇଛି। ଏହା ବାରମ୍ବାର ସାଧାରଣ, ଅସ୍ପଷ୍ଟ ଓ ସର୍ବସାଧାରଣ ଭାବିତ କଥା କହେ, ଯେପରି 'ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଆସିବ', 'ସମ୍ପର୍କରେ ସତର୍କ ରୁହନ୍ତୁ' ବା 'ଆର୍ଥିକ ସ୍ଥିତିରେ ଉନ୍ନତି ହେବ'। ଏହି ପ୍ରକାର ଭାଷା ଯେକୌଣସି ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ ହୋଇପାରେ। ଏହାକୁ "ବାର୍ନମ୍ ପ୍ରଭାବ" କୁହାଯାଏ, ଯେଉଁଠି ଲୋକେ ସାଧାରଣ କଥାକୁ ନିଜ ଜୀବନ ସହ ମିଶାଇ ନିଅନ୍ତି।

ଏଆଇ ଜ୍ୟୋତିଷର ସବୁଠାରୁ ବଡ଼ ସମସ୍ୟା ହେଉଛି ଏହାର ବ୍ୟବସାୟିକ ମନୋଭାବ। ଅନେକ ଆପ୍ ଓ ୱେବ୍‌ସାଇଟ୍ ମାଗଣାରେ ଆକର୍ଷିତ କରି ପରେ ପଇସା ନେଇ 'ବିଶେଷ ରିପୋର୍ଟ', 'ଉପାୟ' ବା 'ରତ୍ନ' ବିକ୍ରି କରନ୍ତି। ଏହା ଲୋକଙ୍କ ଭୟ, ଅଜ୍ଞାନ ଓ ଆଶାକୁ ବ୍ୟବସାୟର ମାଧ୍ୟମ କରି ଦେଇଛି। ଯେଉଁଠି ପାରମ୍ପରିକ ଜ୍ୟୋତିଷ ଏକ ଗୁରୁ-ଶିଷ୍ୟ ପରମ୍ପରା ଓ ନୈତିକତା ଉପରେ ନିର୍ଭର କରେ, ସେଠି ଏଆଇ କେବଳ ଡାଟା ଓ ଲାଭ ଉପରେ ଚାଲେ। ଏହା ଲୋକଙ୍କୁ ନିଜ ବିଚାର ଶକ୍ତିରୁ ଦୂରେଇ ନେଇ ଏକ ଯନ୍ତ୍ର ଉପରେ ନିର୍ଭରଶୀଳ କରିଦିଏ। ତଥାପି ଏହାକୁ ସମ୍ପୂର୍ଣ୍ଣ ନାକାରିବା ମଧ୍ୟ ଭୁଲ୍। ଏଆଇ ଜ୍ୟୋତିଷ କେତେକ କ୍ଷେତ୍ରରେ ଉପଯୋଗୀ ହୋଇପାରେ। ଏହା ଜ୍ୟୋତିଷ ଗଣନାକୁ ଦ୍ରୁତ ଓ ସହଜ କରିଛି। ଯେଉଁମାନେ ପାରମ୍ପରିକ ଜ୍ୟୋତିଷଙ୍କ ପାଖକୁ ଯିବାକୁ ସମର୍ଥ ନୁହଁନ୍ତି, ସେମାନେ ଏହାର ସହାୟତା ନେଇପାରନ୍ତି। କିନ୍ତୁ ଏହାକୁ 'ସତ୍ୟ' ବା 'ନିର୍ଦ୍ଦିଷ୍ଟ ଭବିଷ୍ୟତ' ଭାବରେ ଗ୍ରହଣ କରିବା ବିପଜ୍ଜନକ। ଜୀବନର ପ୍ରତ୍ୟେକ ଘଟଣା ଗ୍ରହଙ୍କ ଉପରେ ନିର୍ଭର କରେ ନାହିଁ। ଆମର କର୍ମ, ନିଷ୍ପତ୍ତି, ପରିଶ୍ରମ ଓ ସାମାଜିକ ପରିବେଶ ଅଧିକ ଗୁରୁତ୍ୱପୂର୍ଣ୍ଣ।

ଶେଷରେ କହିବାକୁ ହେଲେ, ଏଆଇ ଜ୍ୟୋତିଷ ଏକ ଟେକ୍ନୋଲୋଜି ଖେଳ, ଯାହା ଲୋକଙ୍କ ମନକୁ ଆକର୍ଷିତ କରି ବ୍ୟବସାୟ କରୁଛି। ଏହା ପାରମ୍ପରିକ ଜ୍ୟୋତିଷର ଗଭୀରତାକୁ ପ୍ରତିସ୍ଥାପିତ କରିପାରିବ ନାହିଁ। ଯଦି କେହି ଜ୍ୟୋତିଷକୁ ବିଶ୍ୱାସ କରନ୍ତି, ତେବେ ସେ ଏକ ଅନୁଭବୀ ଓ ନୈତିକ ଜ୍ୟୋତିଷଙ୍କ ପରାମର୍ଶ ନେବା ଉଚିତ। ଏଆଇକୁ କେବଳ ଏକ ମନୋରଞ୍ଜନ ବା ସାଧାରଣ ମାର୍ଗଦର୍ଶନ ଭାବରେ ଦେଖିବା ଉଚିତ, ଜୀବନର ନିୟନ୍ତା ଭାବରେ ନୁହେଁ। ପ୍ରକୃତ ଶକ୍ତି ଆମ ହାତରେ- ଆମର ବିଚାର, କର୍ମ ଓ ସଂକଳ୍ପରେ। ଟେକ୍ନୋଲୋଜି ସାହାଯ୍ୟ କରିପାରେ, କିନ୍ତୁ ଏହା କେବେହେଲେ ମାନବ ବୁଦ୍ଧି ଓ ବିଶ୍ୱାସର ସ୍ଥାନ ନେଇପାରିବ ନାହିଁ।

# ଡିଜିଟାଲ ପେମେଣ୍ଟ ଓ ଏନଏଫସି ସ୍କାମ



ସୁକାନ୍ତ କୁମାର ଛାଟୋଇ

ଅନେକ ସମୟରେ ଦେଖାଯାଏ ଯେ ଜଣଙ୍କର କାର୍ଡ଼ର ସହଯୋଗ ନ ନେଇ କିମ୍ବା ବିନା ପିନ୍ ନମ୍ବରରେ ମଧ୍ୟ ଆକାଉଣ୍ଟରୁ ଟଙ୍କା ଏକ ପ୍ରକାର ପୋଛି ହୋଇଯାଉଛି। ଏପରି ଡିଜିଟାଲ ଠକାମୀ ଅତିବ ଆଶ୍ଚର୍ଯ୍ୟଜନକ ହୋଇଥିଲେ ମଧ୍ୟ ଅନେକ ଲୋକଙ୍କର ପଇସା ଲୁଟ ହୋଇଯାଉଛି। ଡିଜିଟାଲ ପେମେଣ୍ଟର ବର୍ଦ୍ଧିତ ବ୍ୟବହାର ସହିତ ସାଇବର ଠକେଇର ନୂଆ ନୂଆ ତରିକା ମଧ୍ୟ ସାମ୍ନାକୁ ଆସୁଛି। ଏଥିମଧ୍ୟରୁ ଗୋଟିଏ ହେଉଛି ଏନଏଫସି ଠକେଇ। ଯେଉଁଥିରେ ଠକମାନେ କାହାର କାର୍ଡ଼ ନ ନେଇ କିମ୍ବା ସେମାନଙ୍କର ପିନ୍ ନ ମାଗି ଟାର୍ଗେଟ କରିବାକୁ ଚେଷ୍ଟା କରନ୍ତି। ଏହି ସ୍କାମରେ ଓଟିପି କିମ୍ବା ପାସୱାର୍ଡ଼ ନ ମାଗି ଆପଣଙ୍କ ୱାଲେଟ ସଫା କରି ହେବ। ଏନଏଫସି ଠକେଇରେ ଠକମାନେ ଟ୍ୟାପ ଏଣ୍ଡ ପେ ବୈଶିଷ୍ଟ୍ୟର ସୁଯୋଗ ନିଅନ୍ତି। ଯଦି ଡେବିଟ କିମ୍ବା କ୍ରେଡ଼ିଟ କାର୍ଡ଼ରେ କଣ୍ଟାକ୍ଟଲେସ ପେମେଣ୍ଟ ସକ୍ଷମ ଅଛି, ତେବେ ଟାର୍ଗେଟ ହୋଇପାରନ୍ତି। ତେଣୁ ଏହି ଠକେଇ କିପରି କାମ କରେ ଏବଂ ଏହାକୁ ଏଡ଼ାଇବା ପାଇଁ କଣ ସତର୍କତା ଅବଲମ୍ବନ କରାଯିବା ଉଚିତ ତାହା ବୁଝିବା ଗୁରୁତ୍ୱପୂର୍ଣ୍ଣ।

ଏନଏଫସି କିମ୍ବା ନିକଟ କ୍ଷେତ୍ରରେ ଯୋଗାଯୋଗ ଏକ ଏପରି ପ୍ରଯୁକ୍ତିବିଦ୍ୟା ଯାହା କାର୍ଡ଼ ପାଖରେ ଫୋନ କିମ୍ବା ବ୍ୟାଙ୍କ କାର୍ଡ଼ ଆଣି କଣ୍ଟାକ୍ଟଲେସ ପେମେଣ୍ଟ କରିବାକୁ ଅନୁମତି ଦିଏ। ସାଇବର ଅପରାଧୀମାନେ ଏହି ଟେକ୍‌ନିକ୍‌ର ଫାଇଦା ଉଠାଇବାକୁ ଚେଷ୍ଟା କରନ୍ତି। ଯଦି ଏକ କାର୍ଡ଼ରେ ଟ୍ୟାପ ଟୁ ପେ ସିଷ୍ଟମ ସକ୍ଷମ ଥାଏ ଏବଂ କାର୍ଡ଼ ରିଡ଼ରର ବହୁତ ନିକଟତର ଥାଏ, ତେବେ ଟଙ୍କା କାରବାର କରିବାକୁ ଚେଷ୍ଟା କରାଯାଇ ପାରିବ। ଏହି କାରଣରୁ ଲୋକମାନଙ୍କୁ ଭିଡ଼ ସ୍ଥାନରେ ଅଧିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଯାହାଦ୍ୱାରା ସେମାନଙ୍କର କାର୍ଡ଼ କୌଣସି ଅଜଣା ଡିଭାଇସ ସହିତ ସଂସ୍ପର୍ଶରେ ନ ଆସେ।

ଯେଉଁମାନଙ୍କର ଡେବିଟ କିମ୍ବା କ୍ରେଡିଟ କାର୍ଡ଼ରେ କଣ୍ଟାକ୍ଟଲେସ ପେମେଣ୍ଟ ସକ୍ଷମ ଅଛି, ସେମାନେ ତାଙ୍କର କାର୍ଡ଼ ଏବଂ ଫୋନ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ବସ ଭିଡ଼ରେ, ମେଟ୍ରୋ ଷ୍ଟେସନ, ବଜାର କିମ୍ବା ସାର୍ବଜନୀନ ସ୍ଥାନରେ ଯାତ୍ରା କରିବା ସମୟରେ ଆପଣଙ୍କର ବ୍ୟାଗ ଓ ୱାଲେଟ ସୁରକ୍ଷିତ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣଙ୍କୁ ଏହି ସୁବିଧାର ଆବଶ୍ୟକତା ନାହିଁ, ତେବେ ଏହାକୁ ଅକ୍ଷମ କରିବା ପାଇଁ ଆପଣ ଆପଣଙ୍କର ବ୍ୟାଙ୍କ ସହିତ ଯୋଗାଯୋଗ କରିପାରିବେ। ଆପଣଙ୍କର ବ୍ୟାଙ୍କ କିମ୍ବା କାର୍ଡ଼ ଆପ୍ ବ୍ୟବହାର କରି ଏହାକୁ ନିୟନ୍ତ୍ରଣ ମଧ୍ୟ କରିପାରିବେ। ଯେକØଣସି ସନ୍ଦେହଜନକ କାରବାର ପ୍ରତି ତୁରନ୍ତ ସତର୍କ ହେବା ପାଇଁ ବ୍ୟାଙ୍କ କାରବାର ସତର୍କତା ଉପରେ ନଜର ରଖିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଏନଏଫସି ଠକେଇରୁ ରକ୍ଷା ପାଇବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସର୍ବଦା ଆପଣଙ୍କ କାର୍ଡ଼ ଏବଂ ଫୋନକୁ ସୁରକ୍ଷିତ ରଖବା ଏବଂ ଅଜଣା ବ୍ୟକ୍ତିମାନଙ୍କ ସଂସ୍ପର୍ଶରେ ନ ଆସିବା କିମ୍ବା ଅତି ନିକଟତର ହେବାକୁ ନଦେବା। କୌଣସି ଅଜଣା କାରବାରକୁ ତୁରନ୍ତ ଚିହ୍ନଟ କରିବା ପାଇଁ ନିୟମିତ ଭାବରେ ନିଜର ବ୍ୟାଙ୍କ ଆକଉଣ୍ଟ ଏସଏମଏସ ଏବଂ ବିଜ୍ଞପ୍ତି ଯାଞ୍ଚ କରିବା। ଯଦି ଆପଣଙ୍କର କାର୍ଡ଼ ହଜି ଯାଏ କିମ୍ବା କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଲକ୍ଷ୍ୟ କରନ୍ତି ତେବେ ଏହାକୁ ତୁରନ୍ତ ବ୍ୟାଙ୍କକୁ ଜଣାନ୍ତୁ। ବ୍ୟାଙ୍କ ପରାମର୍ଶ ଅନୁଯାୟୀ ପୋଲିସର ସାଇବର ସେଲର ସହାୟତା ମଧ୍ୟ ନେଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣଙ୍କର ଡେବିଟ୍ କାର୍ଡ଼, ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଡ଼ ଗୁଡ଼ିକ ଯେପରି ଅଜଣା ଅପରିଚିତ ଲୋକଙ୍କ ହାତରେ ନ ପଡ଼େ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ। ଟିକିଏ ସତର୍କତା ଆପଣଙ୍କୁ ଡିଜିଟାଲ ଠକେଇରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ।

ପୋପରଡ଼ା, ନୂଆ ବଜାର, କଟକ
ମୋବାଇଲ୍:୮୨୪୯୨୬୦୬୨୧



# କର୍କଟ ସହ ଯୁଝୁଛି ଶୈଶବାବସ୍ଥା



ଡା. ରାଜକିଶୋର ପଣ୍ଡା

ଶିଶୁ, ଦେଶର ଭବିଷ୍ୟତ। ସମାଜର ନିର୍ମାଣ ନିମନ୍ତେ ଆବଶ୍ୟକ ରହିଛି ଏକ ସୁସ୍ଥ ଓ ପ୍ରତିଭାବାନ୍ ଶୈଶବ। ବାଲ୍ୟକାଳ ହେଉଛି ଜୀବନର ସେହି ସ୍ୱର୍ଣ୍ଣିମ ସମୟ, ଯେଉଁଥିରେ ସ୍ୱପ୍ନର ମୂଳଦୁଆ ପଡ଼ିଥାଏ, ସମ୍ଭାବନାର ଡେଣା ବିକଶିତ ହୋଇଥାଏ ଓ ଭବିଷ୍ୟତର ଦିଗ ନିର୍ଣ୍ଣିତ ହୁଏ। କିନ୍ତୁ ଆଜି ଏହି ଶୈଶବାବସ୍ଥା କର୍କଟ ଭଳି ଜଟିଳ ବ୍ୟାଧିର ଶିକାର ହୋଇଛି, ଯାହାକି ପିଲାମାନଙ୍କ ଜୀବନର ବହୁ ମୂଲ୍ୟବାନ ସମୟକୁ ଛଡ଼ାଇ ନେବା ସହିତ ସେମାନଙ୍କ ମୃତ୍ୟୁର ମଧ୍ୟ ଏକ ପ୍ରମୁଖ କାରଣ ପାଲଟିଛି। ଏହା କେବଳ ଜୀବନଶୈଳୀ ଓ ପ୍ରାକୃତିକ ପରିବର୍ତ୍ତନର ପରିଣାମ ନୁହେଁ, ବରଂ ବ୍ୟବସ୍ଥା ସହିତ ଜଡ଼ିତ ପ୍ରସଙ୍ଗ ମଧ୍ୟ ଅଟେ। ଚିନ୍ତାଜନକ ବିଷୟ ହେଉଛି କି, ବାଲ୍ୟାବସ୍ଥାରେ କର୍କଟ ଯୋଗୁଁ ହେଉଥିବା ମୃତ୍ୟୁର ଚଉରାନବେ ପ୍ରତିଶତ ଓ ପଞ୍ଚାଅଶୀ ପ୍ରତିଶତ ନୂଆ ମାମଲା ମଧ୍ୟମ ଏବଂ ସ୍ୱଳ୍ପ ଆୟ ବିଶିଷ୍ଟ ଦେଶମାନଙ୍କରେ ଦେଖିବା ପାଇଁ ମିଳୁଛି। ଏହାର ଅର୍ଥ ଯେଉଁ ଦେଶରେ ସମ୍ବଳ କମ୍ ସେଠାରେ କର୍କଟର ପ୍ରାଦୁର୍ଭାବ ସବୁଠାରୁ ଅଧିକ। ଏହି ଦେଶଗୁଡ଼ିକ ମଧ୍ୟରେ ଭାରତ ମଧ୍ୟ ଅନ୍ୟତମ ଯେଉଁଠାରେ ପ୍ରତିବର୍ଷ ପାଖାପାଖି ସତର ହଜାର ଶିଶୁ କର୍କଟ କାରଣରୁ ମୃତ୍ୟୁବରଣ କରୁଛନ୍ତି। କ୍ୟାନ୍‌ସର ସହ ସଂଗ୍ରାମ କେବଳ ବ୍ୟକ୍ତିଗତ ନୁହେଁ, ବରଂ ଆର୍ଥିକ, ସାମାଜିକ ଓ ବୈଚାରିକ ସ୍ତରରେ ମଧ୍ୟ ଦେଖିବା ପାଇଁ ମିଳୁଛି।

ସ୍ୱନାମଧନ୍ୟ ଚିକିତ୍ସା ବିଜ୍ଞାନ ପତ୍ରିକା "ଦି-ଲାନ୍‌ସେଟ୍" (ଝଷର ଖବଭମରଯ୍ଯ) ରେ ପ୍ରକାଶିତ ରିପୋର୍ଟ "ଗ୍ଲୋବାଲ୍ ବର୍ଡନ୍ ଅଫ୍ ଡିଜିଜ - ୨୦୨୩" ଶୈଶବାବସ୍ଥାରେ କ୍ୟାନ୍‌ସର ସଙ୍କଟର ଭୟାବହତାକୁ ଉଜାଗର କରୁଛି। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ପ୍ରଣାଳୀର ବିଫଳତା ଓ ସ୍ୱାସ୍ଥ୍ୟ ସେବାର ଅସମାନତାର ଚିତ୍ରକୁ ସମ୍ମୁଖକୁ ଆଣୁଛି, ଯେଉଁଥିରେ ସେହି ଦେଶଗୁଡ଼ିକ ବେଶୀ କଷ୍ଟ ପାଉଛନ୍ତି, ଯେଉଁମାନଙ୍କର ସଂସାଧନ ସୀମିତ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦୁର୍ବଳ। ରିପୋର୍ଟ ଅନୁଯାୟୀ ୨୦୨୩ ରେ ସମଗ୍ର ବିଶ୍ୱରେ ବାଲ୍ୟାବସ୍ଥା କର୍କଟରେ ପ୍ରାୟ ୩.୭୭ ଲକ୍ଷ ନୂଆ ମାମଲା ସାମନାକୁ ଆସିଥିଲା ଓ ପାଖାପାଖି ୧.୪୪ ଲକ୍ଷ ଶିଶୁଙ୍କର ଏହି କାରଣରୁ ମୃତ୍ୟୁ ହୋଇଥିଲା। ତେଣୁ ଏହା ସ୍ପଷ୍ଟ ଯେ ବାଲ୍ୟାବସ୍ଥାରେ କର୍କଟ କେବଳ ଏକ ଚିକିତ୍ସାଜନିତ ସମସ୍ୟା ନୁହେଁ ବରଂ ବର୍ତ୍ତମାନ ସମୟରେ ଏହା ସଂରଚନାତ୍ମକ ଦୁର୍ବଳତା ଓ ସାମାଜିକ ଆର୍ଥିକ ଅସମାନତାର ଏକ ପ୍ରତୀକରେ ପରିଣତ ହୋଇଯାଇଛି। ସନ୍ଦର୍ଭଟିରେ ଆଗକୁ ଯିବା ପୂର୍ବରୁ ଶୈଶବାବସ୍ଥା କର୍କଟ କ'ଣ ସେ ବିଷୟରେ ଆଲୋଚନା କରିବା। କର୍କଟ ଯାହାକି ଶିଶୁ ଓ କୈଶୋର ଅବସ୍ଥାରେ ଦେଖାଯାଇଥାଏ, ଜନ୍ମ ସମୟରୁ ଉଣେଇଶ ବର୍ଷ ବୟସ ପର୍ଯ୍ୟନ୍ତ ତାହାକୁ ବାଲ୍ୟାବସ୍ଥା କର୍କଟ (ଉଷସକ୍ଷୟଷକ୍ଟକ୍ଷୟ ଉବଭମରକ୍ସ) ବୋଲି କୁହାଯାଏ। ପ୍ରାପ୍ତ ବୟସ୍କ (ଇୟଙ୍କକ୍ଷଯ୍ଯ) ମାନଙ୍କଠାରେ ଦେଖାଯାଉଥିବା କର୍କଟ ଅପେକ୍ଷା ଶିଶୁ କର୍କଟ ଏହି ପ୍ରକାରେ ଭିନ୍ନ କି, ଏହା ଜୀବନଶୈଳୀ (ଖସଲର ଝଛକ୍ଷର) ଓ ପରିବେଶ ଜନିତ କାରଣ (ରଭଙ୍ଗସକ୍ସକ୍ଟଭଞ୍ଚରଭଯ୍ଯବକ୍ଷ ରବମଯ୍ଯକ୍ଟକ୍ସ) ଯୋଗୁଁ ହୋଇନଥାଏ। ଶିଶୁମାନଙ୍କଠାରେ ମୁଖ୍ୟତଃ ଲିଉକେମିଆ, ବ୍ରେନ୍ ଟ୍ୟୁମର୍, ଲିମ୍‌ଫୋମା ଆଦି କର୍କଟ ଅଧିକ ମାତ୍ରାରେ ଦେଖାଯାଇଥାଏ। ଭାରତରେ ମଧ୍ୟ ଏହି ସମସ୍ୟା ବର୍ତ୍ତମାନ ଜଟିଳ ଆକାର ଧାରଣ କରିଛି। ଗୋଟିଏ ପଟେ ଚିକିତ୍ସା ବିଜ୍ଞାନରେ କ୍ୟାନସରର ଉପଚାରକୁ ନେଇ ଉଲ୍ଲେଖନୀୟ ପ୍ରଗତି ହୋଇଛି ସତ, ଏହି ଆଧୁନିକ ସୁବିଧା ପାଖରେ ପହଞ୍ଚିବା କିନ୍ତୁ ସୀମିତାବସ୍ଥାରେ ରହିଛି। ଦେଶର ବଡ଼ ବଡ଼ ସହରାଞ୍ଚଳରେ ଉନ୍ନତ କର୍କଟ ଚିକିତ୍ସା କେନ୍ଦ୍ର ଉପଲବ୍ଧ ଅଛି ମାତ୍ର ଗ୍ରାମୀଣ କ୍ଷେତ୍ରରେ ଏହି ସୁବିଧା ନାହିଁ କହିଲେ ଚଳେ। ଫଳସ୍ୱରୂପ ଅଧିକାଂଶ ଶିଶୁ ସେହି ସମୟରେ ଡାକ୍ତରଖାନାରେ ପହଞ୍ଚନ୍ତି ଯେତେବେଳେ ରୋଗଟି ଶେଷ ପର୍ଯ୍ୟାୟରେ ଥାଏ। ଏହି ହେତୁ ଭାରତରେ ଶିଶୁ କର୍କଟ କ୍ଷେତ୍ରରେ ଜୀବିତ ରହିବାର ହାର ବିକଶିତ ଦେଶମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ। ଲାନ୍‌ସେଟ୍‌ର ରିପୋର୍ଟରୁ ଜଣାପଡ଼ିଛି କି, ୨୦୨୩ ରେ ଶିଶୁମାନଙ୍କର ମୃତ୍ୟୁର ଅଷ୍ଟମ ପ୍ରମୁଖ କାରଣ ହେଉଛି କର୍କଟ। କେବଳ ଏତିକି ନୁହେଁ "ଡିଜାବିଲିଟି ଆଡ୍‌ଜଷ୍ଟେଡ୍ ଲାଇଫ୍ ଇୟର୍ସ (ଡି.ଏ.ଏଲ.ୱାଇ) କ୍ଷେତ୍ରରେ ମଧ୍ୟ କ୍ୟାନସର୍ ହେଉଛି ଦଶମ ପ୍ରମୁଖ କାରଣ"। "ଡି.ଏ.ଏଲ.ୱାଇ" ର ଅର୍ଥ ହେଉଛି ସମଗ୍ର ସୁସ୍ଥ ଜୀବନର ସମୟ ସୀମାରୁ ଏକବର୍ଷ କୌଣସି ବ୍ୟାଧି ଯୋଗୁଁ ନଷ୍ଟ ହେବା। ତେଣୁ କର୍କଟ କେବଳ ଜୀବନ ହାନି କରୁନାହିଁ ବରଂ ପିଲାମାନଙ୍କର ସୁସ୍ଥ, ସକ୍ରିୟ ଓ ମୂଲ୍ୟବାନ ସମୟକୁ ମଧ୍ୟ ନଷ୍ଟ କରୁଛି। ଏହା ଏପରି ଏକ କ୍ଷତି ଯାହାର ସାମାଜିକ ଓ ଆର୍ଥିକ ପ୍ରଭାବ ଦୀର୍ଘକାଳୀନ ଏବଂ ଗଭୀର। ପୂର୍ବରୁ ମୁଁ ଉଲ୍ଲେଖ କରିଥିବା ଗୋଟିଏ ତଥ୍ୟ ଯାହାକି ହେଉଛି, ବୟସ୍କମାନଙ୍କ ଭଳି ଶିଶୁକର୍କଟର ଜୀବନଶୈଳୀ ସହିତ କୌଣସି ସମ୍ପର୍କ ନଥାଏ, ବରଂ ଏହା ହୋଇଥାଏ ଆନୁବଂଶିକ ପରିବର୍ତ୍ତନ (ଏରଭରଯ୍ଯସମ ଉଷବଭଶର) ବା କୋଷୀୟ ଅସମାନତା (ଇଭରଙ୍କକ୍ଟକ୍ଷକ୍ଟସୟଛ) ହେତୁ। ଉପରୋକ୍ତ ଦୁଇଟି କାରଣବଶତଃ ବାଲ୍ୟାବସ୍ଥା କର୍କଟ ଏବେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ଚିନ୍ତାଜନକ ପ୍ରସଙ୍ଗ ପାଲଟିଛି। ଜୀବନଶୈଳୀକୁ ଆମେ ପରିବର୍ତ୍ତନ କରିପାରିବା ମାତ୍ର ଆନୁବଂଶିକ ଓ କୋଷୀୟ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଅତ୍ୟନ୍ତ କଷ୍ଟସାଧ୍ୟ। ଲ୍ୟୁକେମିଆ (ରକ୍ତ କର୍କଟ) ହେଉଛି ପିଲାମାନଙ୍କଠାରେ ସର୍ବାଧିକ ମାତ୍ରାରେ ଦେଖାଯାଉଥିବା କର୍କଟ, ଯାହାଦ୍ୱାରା ୨୦୨୩ ରେ ପ୍ରାୟ ୪୫୦୦୦ ଶିଶୁଙ୍କର ମୃତ୍ୟୁ ହୋଇଛି। ଦ୍ୱିତୀୟରେ ଅଛି ମସ୍ତିଷ୍କ ଓ ମେରୁଦଣ୍ଡ କର୍କଟ ଯେଉଁଥିରେ ଆକ୍ରାନ୍ତ ହୋଇ ୨୩୦୦୦ ପିଲାଙ୍କର ମୃତ୍ୟୁ ଘଟିଛି।

ଏଠାରେ ଗୋଟିଏ ବିରୋଧାଭାସ ମଧ୍ୟ ଦେଖିବା ପାଇଁ ମିଳେ। ୧୯୯୦ ତୁଳନାରେ ୨୦୨୩ ରେ ବାଲ୍ୟାବସ୍ଥା କର୍କଟ ହେତୁ ମୃତ୍ୟୁରେ ପାଖାପାଖି ସତେଇଶି ପ୍ରତିଶତ ହ୍ରାସ ଆସିଛି ଯାହାକି ଚିକିତ୍ସା ବିଜ୍ଞାନରେ ଉନ୍ନତିର ଏକ ସ୍ପଷ୍ଟ ସଙ୍କେତ। କିନ୍ତୁ ଏହି ଉନ୍ନତି ସବୁ ସ୍ଥାନରେ ସମାନ ଭାବରେ ଆବଣ୍ଟିତ ହୋଇନାହିଁ। ବିକଶିତ ଦେଶମାନଙ୍କରେ ଚିକିତ୍ସାର ବ୍ୟାପକ ସୁବିଧା ହେତୁ ମୃତ୍ୟୁର ହାର କମିଥିବାବେଳେ, ଆଫ୍ରିକା ଭଳି ଅନଗ୍ରସର କ୍ଷେତ୍ରରେ ଏହି ହାର ୫୫ ପ୍ରତିଶତରୁ ଅଧିକ ଅଛି। ଏହି ଅସମାନତା ପରିଷ୍କାର ଭାବରେ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିଫଳତାକୁ ହିଁ ଦର୍ଶାଉଛି। ଭାରତ ବିଷୟରେ ଚର୍ଚ୍ଚା କଲେ ଏଠାରେ ଶିଶୁ କର୍କଟର ସମସ୍ୟା କେବଳ ଚିକିତ୍ସା ପର୍ଯ୍ୟନ୍ତ ସୀମିତ ନୁହେଁ ବରଂ ଏହା ସାମାଜିକ ଓ ଆର୍ଥିକ ଦିଗ ସହିତ ମଧ୍ୟ ଜଡ଼ିତ ଅଛି। ପ୍ରଥମରେ ବ୍ୟୟ ବହୁଳ ଚିକିତ୍ସା ଓ ଦ୍ୱିତୀୟରେ ଅଧିକାଂଶ ପରିବାର ପାଖରେ ସ୍ୱାସ୍ଥ୍ୟ ବୀମା ବା କୌଣସି ଆର୍ଥିକ ସୁରକ୍ଷାର ଉପଲବ୍ଧତା ନାହିଁ। ତେଣୁ କେତୋଟି ମାମଲାରେ ଚିକିତ୍ସା ଅଧା ରହିଯାଏ। ସଚେତନାର ଅଭାବ ମଧ୍ୟ ଏକ ବଡ଼ ସମସ୍ୟା। କର୍କଟର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଅଧିକାଂଶ ସମୟରେ ସାମାନ୍ୟ ରୋଗ ବୋଲି ଭାବି ଅବହେଳା କରାଯାଇଥାଏ, ଯାହାଦ୍ୱାରା ଚିହ୍ନଟରେ ବିଳମ୍ବ ହେବା ସହିତ ଚିକିତ୍ସା ସମ୍ଭାବନା କମିଯାଏ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂରଚନାତ୍ମକ ଦୁର୍ବଳତା ମଧ୍ୟ କ୍ୟାନସରର ସଙ୍କଟକୁ ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲିମପ୍ରାପ୍ତ ଡାକ୍ତର, ଆବଶ୍ୟକୀୟ ଯାଞ୍ଚ ସୁବିଧା ଓ ବିଶେଷଜ୍ଞମାନଙ୍କର ଅଭାବ, ବଡ଼ ଡାକ୍ତରଖାନାକୁ ରୋଗୀକୁ ପଠାଇବା (ଜରକ୍ଷରକ୍ସ) ପ୍ରକ୍ରିୟାରେ ଜଟିଳତା, ଶିଶୁମାନଙ୍କୁ ଉପଯୁକ୍ତ ସମୟରେ ଚିକିତ୍ସା ମିଳିବାରେ ବାଧା ସୃଷ୍ଟି କରେ। ତେବେ ଏହି ନିରାଶାଜନକ ପରିଦୃଶ୍ୟ ମଧ୍ୟରେ ଆଶାର କିରଣ ମଧ୍ୟ ଦେଖାଦେଇଛି। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ଆରମ୍ଭ କରାଯାଇଥିବା "ଗ୍ଲୋବାଲ୍ ଚାଇଲ୍ଡ ହୁଡ୍ କ୍ୟାନ୍‌ସର୍ ଇନିସିଏଟିଭ୍" ଏହି ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ଯାହାର ଲକ୍ଷ୍ୟ ୨୦୩୦ ସୁଦ୍ଧା କର୍କଟରେ ପୀଡ଼ିତ ଶିଶୁଙ୍କର ବଞ୍ଚିରହିବାର ହାରକୁ ଅତିକମ୍‌ରେ ଷାଠିଏ ପ୍ରତିଶତକୁ ବଢ଼ାଇବା। ଏହି କାର୍ଯ୍ୟକ୍ରମ ଜରିଆରେ ଠିକ୍ ସମୟରେ ରୋଗ ଚିହ୍ନଟ, ଶସ୍ତା ଓ ସୁଲଭ ଔଷଧର ଉପଲବ୍ଧତା, ପ୍ରଶିକ୍ଷିତ ସ୍ୱାସ୍ଥ୍ୟକର୍ମୀମାନଙ୍କର ସଂଖ୍ୟା ବୃଦ୍ଧି ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତରେ ମଧ୍ୟ କେନ୍ଦ୍ର ସରକାର ଓ ବିଭିନ୍ନ ସଂସ୍ଥା ଏହି ଦିଗରେ ପ୍ରୟାସରତ ଅଛନ୍ତି।

ଆୟୁଷ୍ମାନ ଭାରତ ଭଳି ଯୋଜନା ଆର୍ଥିକ ଦିଗରୁ ଦୁର୍ବଳ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ କରୁଛି। ଟେଲି ମେଡିସିନ୍ (ଇ-ସଞ୍ଜିବନୀ) ବ୍ୟବସ୍ଥା ଦ୍ୱାରା ଦୂରଦୂରାନ୍ତର ଲୋକମାନଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ଓ ସୂଚନା ପହଞ୍ଚାଇବା ପାଇଁ ପ୍ରଚେଷ୍ଟା କରାଯାଉଛି। ତେବେ ଏହି ସବୁ ପ୍ରୟାସକୁ ଆହୁରି ଅଧିକ ବ୍ୟାପକ, ସମନ୍ୱିତ ଓ ପ୍ରଭାବୀ କରାଯିବାର ଆବଶ୍ୟକତା ରହିଛି।

କର୍କଟ ସମସ୍ୟାର ସମାଧାନ କେବଳ ଚିକିତ୍ସାରେ ଉନ୍ନତି ହେତୁ ସମ୍ଭବ ନୁହେଁ ବରଂ ଏଥିପାଇଁ ଏକ ବହୁମୁଖୀ ଦୃଷ୍ଟିକୋଣକୁ ଆପଣାଇବାର ଆବଶ୍ୟକତା ରହିଛି। ସର୍ବପ୍ରଥମେ ସଚେତନା ବଢ଼ାଇବାକୁ ପଡ଼ିବ, ଯାହାଦ୍ୱାରା ପିତା, ମାତା, ଶିକ୍ଷକ ଶିଶୁର ପ୍ରାରମ୍ଭିକ ଲକ୍ଷଣ ସବୁକୁ ସୁବିଧାରେ ଚିହ୍ନଟ କରିପାରିବେ। ଏହା ସହିତ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀକୁ ଆହୁରି ମଜ୍‌ବୁତ କରିବାକୁ ହେବ, ଯାହାଦ୍ୱାରା କର୍କଟର ଚିହ୍ନଟ ଓ ଚିକିତ୍ସା ଆଦି ଶୀଘ୍ର କରାଯାଇପାରିବ। ଚିକିତ୍ସା ଶିକ୍ଷା ଓ ପ୍ରଶିକ୍ଷଣରେ ନିବେଶ ବଢ଼ାଇ ବିଶେଷଜ୍ଞମାନଙ୍କର ସଂଖ୍ୟାକୁ ବୃଦ୍ଧି କରିବାକୁ ହେବ। ସ୍ୱାସ୍ଥ୍ୟ ସେବାରେ ସମାନତାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଯେଉଁ ପର୍ଯ୍ୟନ୍ତ ଗ୍ରାମୀଣ ଓ ସହରୀ କ୍ଷେତ୍ର ଏବଂ ଧନୀ ଓ ଗରିବ ଦେଶ ମଧ୍ୟରେ ସ୍ୱାସ୍ଥ୍ୟ ସୁବିଧାର ଅନ୍ତର ବା ଫରକ୍ କମ୍ ନ ହୋଇଛି, ସେତେବେଳ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ଅପୂର୍ଣ୍ଣ ରହିବ।

ଶୈଶବକୁ କର୍କଟରୁ ବଞ୍ଚାଇବା କେବଳ ଏକ ଚିକିତ୍ସା ଲକ୍ଷ୍ୟ ନୁହେଁ ବରଂ ଏକ ନୈତିକ ଦାୟିତ୍ୱ ମଧ୍ୟ। ଏହା ସେହି ସମାଜର ଏକ ପରିଚୟ ଯିଏ ନିଜର ସବୁଠାରୁ ଦୁର୍ବଳ ତଥା ମୂଲ୍ୟବାନ ବର୍ଗକୁ ରକ୍ଷା କରିବାକୁ ସକ୍ଷମ। ଯଦି ଆମେ ବାସ୍ତବରେ ଏକ ସୁସ୍ଥ ଓ ସମୃଦ୍ଧ ଭବିଷ୍ୟର କଳ୍ପନା କରୁଛେ, ତେବେ ଆମକୁ ସୁନିଶ୍ଚିତ କରିବାକୁ ପଡ଼ିବ କି, କୌଣସି ଶିଶୁ କେବଳ ଏଥିପାଇଁ ନିଜର ବହୁମୂଲ୍ୟ ଜୀବନ ନ ହରାଉ କାହିଁକି ନା ତାକୁ ଠିକ୍ ସମୟରେ ଚିକିତ୍ସା ମିଳିପାରିଲା ନାହିଁ। କର୍କଟ ସହ ଯୁଝୁଥିବା ଶୈଶବ ଆମକୁ ଶିକ୍ଷା ଦିଏ ଯେ, ଉନ୍ନତି କେବଳ ଆର୍ଥିକ ପ୍ରଗତି ଦ୍ୱାରା ମପାଯାଇ ପାରିବ ନାହିଁ, ବରଂ ଏହା ଏକାନ୍ତ ଭାବରେ ନିର୍ଣ୍ଣିତ ହେବ କିପରି ଆମେ ଆମ ପିଲାମାନଙ୍କୁ ସୁରକ୍ଷିତ, ସୁସ୍ଥ ଓ ସମ୍ମାନଜନକ ଜୀବନ ଦେଇ ପାରୁଛେ।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

# ଜିଡିପି ବୃଦ୍ଧି ଓ ଲୋକଙ୍କ ସ୍ୱଚ୍ଛଳତା



ସୁବାସ ଷଡଙ୍ଗୀ

ନିକଟରେ ଭାରତ ସରକାର ଦେଶର ପ୍ରଥମ ତ୍ରୈମାସିକ ଜିଡିପି ବୃଦ୍ଧିର ହାର ଘୋଷଣା କରିଛନ୍ତି। ରିଜର୍ଭ ବ୍ୟାଙ୍କର ଆଶା ଥିଲା, ଏଇ ସମୟ ଭିତରେ ଦେଶର ଅର୍ଥନୈତିକ ବୃଦ୍ଧି ହେବ ସାତ ଶତାଂଶ। ସେଇ ଆଶା ପୂରଣ ହୋଇଛି।ଘୋଷଣା ହୋଇଛି ବୃଦ୍ଧିର ହାର ୭.୮ ଶତାଂଶ। କିନ୍ତୁ ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଛି। ମୋଦି ସରକାରଙ୍କ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି, ଏଇ ତଥ୍ୟ ଠିକ ନୁହେଁ। ତାଙ୍କର ଯୁକ୍ତି ହେଉଛି, ବିଗତ ଅର୍ଥବର୍ଷର ପ୍ରଥମ ତିନି ମାସରେ ମୋଟ ଜିଡିପି ପ୍ରାୟ ଛଅଲକ୍ଷ କୋଟି ଟଙ୍କା କମେଇ ଦିଆଯାଇଛି। ( ୮୬ ଲକ୍ଷରୁ କମେଇ ୮୦ ଲକ୍ଷ ଟଙ୍କା କରାଯାଇଛି) ଯଦି ତାହା କରାଯାଇ ନଥାନ୍ତା, ତେବେ ନମିନାଲ ଜିଡିପି କ୍ଷେତ୍ରରେ ବୃଦ୍ଧିହାର ୨.୬ ଶତାଂଶରେ ସୀମିତ ରହିଥାନ୍ତା। ଆଉ ପ୍ରକୃତ ଜିଡିପି କ୍ଷେତ୍ରରେ ତାହା ଶୂନ୍ୟ ହୋଇଥାନ୍ତା। ଅପରପକ୍ଷରେ ବାଣିଜ୍ୟ ମନ୍ତ୍ରୀ ପିୟୁଷ ଗୋଏଲ କହିଛନ୍ତି, ' ଏହା ହେଲା ଆପେଲ ସହିତ କମଳା ଲେମ୍ବୁର ତୁଳନା। କାରଣ, ଦୁଇଟି ସିରିଜ ପୁରାପୁରି ଅଲଗା। ପ୍ରଶ୍ନ ହେଲା ଜିଡିପି କଣ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଦେଶରେ କେତେ ପଣ୍ୟ ଓ ପରିସେବା ଉତ୍ପାଦିତ ହୋଇଛି, ଏବଂ ତାର ଆର୍ଥିକ ମୂଲ୍ୟ କେତେ କହିପାରିବ? ଉତ୍ପାଦନର ସୁଫଳ କାହା ପାଖକୁ ଗଲା, ତାହା ବୁଝିବାର ଉପାୟ ନାହିଁ। କର୍ମ ସଂସ୍ଥାନ ସୃଷ୍ଟି ହେଲା କି ନାହିଁ? ପ୍ରକୃତରେ ମଜୁରି ହାର କେତେ ବଢ଼ିଲା? ସମାଜର ବିଭିନ୍ନ ଶ୍ରେଣୀ ମଧ୍ୟରେ ସମ୍ପଦ ବଣ୍ଟନର ବୈଷମ୍ୟ ହଟିଲା କି ନାହିଁ?

ଅର୍ଥନୀତି ବିଷୟରେ ମୋର ପାଠ କମ।ତଥାପି ମୁଁ ଗୋଟାଏ କଥା କହିପାରେ ମୂଲ୍ୟବୃଦ୍ଧିକୁ ବାଦଦେଲେ, ଯେଉଁ ଜିଡିପି ମିଳେ, ତାହାକୁ ପ୍ରକୃତ ଜିଡିପି କୁହାଯାଏ। ଧରାଯାଉ ଗୋଟିଏ ବର୍ଷରେ ଜିଡିପି ଥିଲା ଶହେକୋଟି। ତହିଁ ପରବର୍ଷ ତାହାହେଲା ୧୧୦ କୋଟି। ତାହାହେଲେ ନମିନାଲ ଜିଡିପି ବଢ଼ିବ ଦଶ ଶତାଂଶ। କିନ୍ତୁ ଧରାଯାଉ, ଏଇ ସମୟରେ ମୂଲ୍ୟବୃଦ୍ଧି ହୋଇଛି ପାଞ୍ଚ ଶତାଂଶ। ତାହାହେଲେ ପ୍ରକୃତ ଜିଡିପି କମିଯିବ। କାରଣ, ଏଠାରେ ନମିନାଲ ଜିଡିପିକୁ ମୂଲ୍ୟବୃଦ୍ଧି ଦେଇ ଭାଗ କରିବାକୁ ହେବ। ଭାରତରେ ଏହାକୁ ଗୁରୁତ୍ୱ ଦେଇ ହିସାବ କରାଯାଏ। ମଲ୍ୟୁବୃଦ୍ଧିର ହିସାବ ଯଦି କମ ରଖାଯାଏ, ତାହାହେଲେ ରିଏଲ ଜିଡିପି ବଢ଼ିଯିବ। ଆମର ଏଠାରେ ଡବଲ ଡିଫ୍ଲେଟର ବ୍ୟବହାର କରାଯାଏ। ମାନେ ଇମପୁଟ ଓ ଆଉଟପୁଟର ମୂଲ୍ୟ ଅଲଗା। ଆଉ ଏକ କଥା ହେଉଛି, ବିଭିନ୍ନ କାରଣରୁଭିତି ବର୍ଷ ପରିବର୍ତନ ହେଉଛି। ସରକାରୀ ହିସାବରେ ଅନେକ ତାରତମ୍ୟ ରହିଛି। ପରିବର୍ତନ ମଧ୍ୟ ହେଉଛିଜିଡିପିର ୭.୮ ଶତାଂଶ ବୃଦ୍ଧିକୁ ସାଧାରଣ ଲୋକ ଠିକ ଭାବରେ ଅନୁଭବ କରିପାରୁ ନାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ବିକାଶ ହେଉଛି। ଯୁବ ସମାଜର କେତେ ଅଂଶ ଚାକିରି ପାଇଲେ, ସେମାନଙ୍କର ଆୟ କେତେ ବଢ଼ିଲା, ସେ ବିଷୟରେ କିଛି କୁହାଯାଉ ନାହିଁ। ଗ୍ରାମୀଣ ଭାରତରେ ବାସ କରୁଥିବା ଲୋକମାନଙ୍କର କ୍ରୟ କ୍ଷମତା କେତେ ବଢ଼ିଲା, ସେ ବିଷୟରେ ଆଲୋଚନା ହେଉ ନାହିଁ। ଆମ ଦେଶରେ ସବୁଠାରୁ ବେଶୀ ହେଉଛି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ। ସେମାନଙ୍କର ବିକାଶ କେତେ ହୋଇଛି? ଶ୍ରମିକ ମାନଙ୍କର ମଜୁରି କେତେ ବଢ଼ିଛି? ଜିଡିପି ବୃଦ୍ଧିର ପରିସଂଖ୍ୟାନ ସହିତ ଏ ସବୁର କିଛି ସମ୍ପର୍କ ଅଛି କି?

ଜିଡିପି ସମ୍ପର୍କରେ କିଛି ପ୍ରଶ୍ନ କରିଛନ୍ତି ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ରଘୁରାମ ରାଜନ। ତାଙ୍କ ପ୍ରଶ୍ନର କଟାକ୍ଷ କରିଛନ୍ତି, ପିୟୁଷ ଗୋଏଲ। ରାଜନଙ୍କର ପ୍ରଶ୍ନ ହେଲା, ଅର୍ଥନୈତିକ ଅଭିବୃଦ୍ଧି ଯଦି ଏତେ ଅଧିକ ହେଉଛି, ତେବେ ଏହାର ପ୍ରଭାବ ଶିଳ୍ପ କ୍ଷେତ୍ରରେ ଦେଖାଯାଆନ୍ତା। ଆମ ଦେଶରେ ପ୍ରତ୍ୟକ୍ଷ ବିଦେଶୀ ବିନିଯୋଗ କମିବାରେ ଲାଗିଛି। ବିଦେଶୀ ବିନିଯୋଗକାରୀମାନେ ସେମାନଙ୍କ ପୁଞ୍ଜି ବାହାର ଦେଶକୁ ନେଇ ଯାଉଛନ୍ତି। ଯୁବ ସମାଜ ବିଶେଷ କରି ଶିକ୍ଷିତ ଯୁବ ସମାଜରେ ବେକାରି ହାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଜିଡିପି ହେଉଛି, ଅର୍ଥନୀତିର ଏକ ଫ୍ୟାକ୍ଟର। କିନ୍ତୁ ଏହାକୁ ଏକମାତ୍ର ସଫଳତା ହିସାବରେ ଗ୍ରହଣ କରାଯାଇପାରିବ ନାହିଁ। ଅକ୍ସଫାମର ରିପୋର୍ଟ କହୁଛି, ଭାରତରେ ମୋଟ ସମ୍ପଦର ଚାଳିଶ ଭାଗରୁ ଅଧିକ ରହିଛି ମାତ୍ର, କ ଶତାଂଶ ଲୋକଙ୍କ ହାତରେ। ତଳରୁ ପଚାଶ ଶତାଂଶ ଲୋକଙ୍କ ହାତରେ ରହିଛି ମାତ୍ର ତିନୀତାଂଶ ସମ୍ପଦ। ଏବେ ଯଦି ଜିଡିପି ବଢ଼ିବ, ତେବେ ଠିକ ଏଇ ପଚାଶ ଭାଗ ଲୋକଙ୍କ ପାଖକୁ ଅଧିକ ସମ୍ପଦ ଯିବ।




ବଜାରରେ ଏବେ ଅସ୍ଥିରତା ଲାଗି ରହିଛି। ଏକ ରିପୋର୍ଟରେ କୁହାଯାଇଛି, ବେଶି ଦାମର ସ୍ମାର୍ଟ ଫୋନ ଆଉ ସେଭଳି ଅଧିକ ବିକ୍ରି ହେଉ ନାହିଁ। ସେଇ ପରି କମ ଦାମର ସ୍ମାର୍ଟ ଫୋନ ମଧ୍ୟ କମିଛି। ଅପରପକ୍ଷରେ ବିଳାସ ବହୁଳ ଫ୍ଲାଟର ବିକ୍ରି ବଢ଼ିଛି। ଏଣୁ କୁହାଯାଉଛି ମଧ୍ୟବିତଙ୍କ ଚାହିଦା କମିଛି। ଏଫଏମସିଜି ପ୍ରଡକ୍ଟର ବିକ୍ରି କିଛି ପରିମାଣରେ କମିଛି। ନୀତି ଆୟୋଗର ଏକ ରିପୋର୍ଟ କୁହେ, ଦଶ ବର୍ଷ ଭିତରେ ଦୁଇ କୋଟିରୁ ଅଧିକ ପିଲା ସରକାରୀ ସ୍କୁଲ ଛାଡିଛନ୍ତିସାଧାରଣ ଲୋକମାନଙ୍କର ଆଉ ସରକାରୀ ସ୍କୁଲ ଉପରେ ଭରସା ନାହିଁ। ଅପରପକ୍ଷରେ ବେସରକାରୀ ସ୍କୁଲର ଫିସ ବଢୁଥିଲେ ମଧ୍ୟ, ସେଠାରେ ପଢ଼ାଇବାକୁ ବାପାମାନେ ଚାହାନ୍ତି। ସ୍କୁଲ ଫିସ ଦେବା ପାଇଁ ଏବେ ବାପାମା'ଙ୍କୁ କରଜ କରିବାକୁ ପଡୁଛି।

ନିମ୍ନମଧ୍ୟବିତ ଶ୍ରେଣୀର ଲୋକମାନେ କରିଥିବା ଋଣକୁ ଠିକ ସମୟରେ ସୁଝିପାରୁ ନାହାନ୍ତି। କିନ୍ତୁ ସରକାର କହୁଛନ୍ତି, ଭିତିଭୂମି ଉନ୍ନୟନରେ ସରକାରୀ ଅର୍ଥ ପ୍ରଚୁର ପରିମାଣରେ ଖର୍ଚ୍ଚ ହେଉଛି। କିନ୍ତୁ ଲୋକଙ୍କ ପାଖରେ ଏହାର ସୁଫଳ ଠିକ ଭାବରେ ପହଞ୍ଚି ପାରୁ ନାହିଁ। ନୀତି ଆୟୋଗର ରିପୋର୍ଟ କହୁଛି ଗ୍ରାଜୁଏଟ ବେକାର ସଂଖ୍ୟା, ଶତକଡା ତେର ଭାଗ। ଯେଉଁମାନେ ଚାକିରି କରିଛନ୍ତି, ସେମାନଙ୍କ ବେତନ କମ। ସେଥିପାଇଁ ଏହାକୁ କୁହାଯାଉଛି 'ଜବଲେସ ଗ୍ରୋଥ।'

ଜିଡିପିର ପ୍ରବକ୍ତା କୃଜନେସ୧୯୨୪ ମସିହାରେ କହିଥିଲେ, ଗୋଟାଏ ଜାତିର ଆୟ ବା ଜିଡିପି ନେଇ ସେଇ ଜାତିର ସାମଗ୍ରିକ କଲ୍ୟାଣକୁ ମପା ଯାଇପାରେନା।ଏଣୁ ଅନେକ ଦେଶରେ ଏବେ ସୂଚକ କାର୍ଯ୍ୟକାରି କରାଯାଉଛି। ସୂଚକ ବା ସାମାଜିକ ଅଗ୍ରଗତିର ସୂଚନା। ଗୋଟାଏ ଦେଶର ଉତ୍ପାଦନ ବଢ଼ିଲେ ଯେ ତାର ନାଗରିକମାନେ ଭଲରେ ରହୁଛନ୍ତି ବୋଲି ମନେ କରାଯିବ, ତାହା ନୁହେଁ। ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ପୁଷ୍ଟି, କର୍ମସଂସ୍ଥାନ ଭଳି ଅନେକ କ୍ଷେତ୍ର ରହିଛି, ଯାହାର ସିଧାସଳଖ ପ୍ରଭାବ ଲୋକଙ୍କ ଅର୍ଥନୀତି ଉପରେ ପଡୁଛି। କିନ୍ତୁ ଏସବୁ କିଛି ଜିଡିପି ପରିମାପର ବାହାରେ। ଭାରତ ଭଳି ବିଶାଳ ଦେଶରେ ପ୍ରକୃତ ଅର୍ଥନୈତିକ ସଫଳତା କିଭଳି ଭାବେ ମାପ କରାଯିବା ଉଚିତ, ସେ ନେଇ ନାନା ମୁନିଙ୍କ ନାନା ମତ। କିନ୍ତୁ ବାସ୍ତବ ସତ ହେଉଛି, ଧନୀମାନେ ଅଧିକ ଧନୀ ହେଉଛନ୍ତି। କୃଷକର ଋଣ ଭାର ବଢ଼ି ଚାଲିଛି। ଶିକ୍ଷିତ ଯୁବକମାନେ ଚାକିରି ପାଇପାରୁ ନାହାନ୍ତି। ଉତ୍ପାଦନ ବଢୁଛି, କିନ୍ତୁ ମଜୁରି ବଢୁ ନାହି? ଏହାହିଁ ହେଉଚି ବିକାଶ।

ମୋବାଇଲ୍:୯୪୩୯୬୫୨୩୨୨

## ୟୁସିସି ପ୍ରସଙ୍ଗରେ ଗୃହମନ୍ତ୍ରୀଙ୍କୁ ମୁସଲିମ କମ୍ୟୁନିଟିର ବିରୋଧ

# ଭାରତର ବହୁବାଦୀ ସଂସ୍କୃତି ଉପରେ ଆକ୍ରମଣ

### ହିନ୍ଦୁ ଆଇନକୁ ଅଣ-ହିନ୍ଦୁମାନଙ୍କ ଉପରେ ଲଦାଯାଉଛି



ନୂଆଦିଲ୍ଲୀ, ୧୪।୯: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ଓ ଜାତୀୟ ନାଗରିକ ପଞ୍ଜିକା (ଏନଆରସି) ସମ୍ପର୍କିତ ବଡ଼ ଘୋଷଣାକୁ ନେଇ ଏକ ବଡ଼ଧରଣର ରାଜନୈତିକ ବିବାଦ ଦେଖାଦେଇଛି। ଅଲ୍ ଇଣ୍ଡିଆ ମୁସଲିମ୍ କମ୍ୟୁନିଟି (ଏଆଇଏମଆଇଏମ) ମୁଖ୍ୟ ତଥା ସାଂସଦ ଆସାଦୁଦ୍ଦିନ ଓୱାଇସୀ ଗୃହମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ କଡ଼ା ବିରୋଧ କରିବା ସହ ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକର ସ୍ୱାଧୀନତାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି।

ରବିବାର ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଅମିତ ଶାହ ଘୋଷଣା କରିଥିଲେ ଯେ ଦେଶର ଯେଉଁ ୨୧ଟି ରାଜ୍ୟରେ ବିଜେପି ଓ ଏନ୍‌ଡିଏ ସରକାର ରହିଛି, ସେଠାରେ ୨୦୨୯ ମସିହା ପୂର୍ବରୁ ୟୁନିଫର୍ମ ସିଭିଲ କୋଡ୍ ଲାଗୁ କରାଯିବ। ତିନି ତାଲାକ ଉଚ୍ଛେଦ ଭଳି ଏହା ମୁସଲିମ୍ ମହିଳାମାନଙ୍କୁ ସମାନ ଅଧିକାର ପ୍ରଦାନ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ମଣିପୁରରେ ଏନ୍‌ଆରସି ଲାଗୁ ହେବା ପ୍ରସଙ୍ଗରେ ଶାହ କହିଥିଲେ ଯେ ସରକାର ଏନେଇ ସହଯୋଗୀ ଦଳ ଓ ସ୍ଥାନୀୟ ରାଜନୈତିକ ଦଳମାନଙ୍କ ସହ ଆଲୋଚନା ଜାରି ରଖିଛନ୍ତି।

ଶାହଙ୍କ ଏହି ବୟାନ ପରେ କଡ଼ା ପ୍ରତିକ୍ରିୟା ରଖି ଓୱାଇସୀ କହିଛନ୍ତି ଯେ ଏହା ଭାରତର ବହୁବାଦୀ ସଂସ୍କୃତି ତଥା ଆତ୍ମା ଉପରେ ଏକ ସିଧାସଳଖ ଆକ୍ରମଣ। ୟୁସିସି ଆଳରେ ହିନ୍ଦୁ ଆଇନକୁ ଅଣ-ହିନ୍ଦୁମାନଙ୍କ ଉପରେ ଲଦିବାକୁ ଯୋଜନା କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ଏନ୍‌ଡିଏର ଅନ୍ୟାନ୍ୟ ସହଯୋଗୀ ଦଳଗୁଡ଼ିକୁ ଟାର୍ଗେଟ କରି ଓୱାଇସୀ ସଂଖ୍ୟାଲଘୁଙ୍କର କୌଣସି 'ସ୍ୱାଧୀନ ସ୍ୱର' ଅଛି କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସହଯୋଗୀମାନେ କେବଳ 'ଛୋଟ ବିଜେପି' ଭାବରେ କାମ ନକରି ନିଜର ସ୍ୱାଧୀନ ଅସ୍ତିତ୍ୱ ପ୍ରମାଣ କରିବା ଉଚିତ ବୋଲି ସେ କହିଛନ୍ତି।

ଏହା ସହିତ ଏନ୍‌ଆରସି ଓ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର) ପ୍ରକ୍ରିୟାକୁ ନେଇ ମଧ୍ୟ ଓୱାଇସୀ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଦେଶର ୮୦ କୋଟିରୁ ଅଧିକ ଜନସାଧାରଣ ରାସନ ଉପରେ ନିର୍ଭର କରୁଥିବା ବେଳେ ସେମାନଙ୍କୁ ନାଗରିକତା ପ୍ରମାଣ ପାଇଁ କାଗଜପତ୍ର ଦାଖଲ କରିବାକୁ ବାଧ୍ୟ କରିବା ଅତ୍ୟନ୍ତ ଅମାନବିକ ଓ ହଇରାଣକାରୀ ବୋଲି ସେ କହିଛନ୍ତି। ଆସାମର ଉଦାହରଣ ଦେଇ ସେ ଚେତାବନୀ ଦେଇଛନ୍ତି ଯେ ଏନ୍‌ଆରସି ଲାଗୁ ହେଲେ ଦେଶର ସଂଖ୍ୟାଲଘୁ, ଏସସି, ଏସଟି ଓ ପ୍ରବାସୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଆଉ ଏହା ଦେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ।

# ମୁମ୍ବାଇର ଧନୀ ଗଣପତି

## ୫ ଦିନ ପାଇଁ ୭୦୩ କୋଟିର ବୀମା



ମୁମ୍ବାଇ, ୧୪।୯: ଚଳିତ ବର୍ଷ ମୁମ୍ବାଇର ପ୍ରାୟ ୨, ୭୦୦ ସାର୍ବଜନୀନ ଗଣପତି ମଣ୍ଡପରେ ଭଗବାନ ଗଣେଶଙ୍କ ଭବ୍ୟ ପ୍ରତିମା ସ୍ଥାପନ କରାଯାଇଛି। ମୁମ୍ବାଇର ମାଟୁଙ୍ଗାରେ ଅବସ୍ଥିତ ଗୌଡ଼ ସାରସ୍ୱତ ବ୍ରାହ୍ମଣ (ଜିଏସବି) ସେବା ମଣ୍ଡଳ ଦ୍ୱାରା ଆୟୋଜିତ ପୂଜାର ଗଣପତି ହେଉଛନ୍ତି ସବୁଠାରୁ ଧନୀ। ଚଳିତ ବର୍ଷ ଜିଏସବି ସେବା ମଣ୍ଡଳ ପକ୍ଷରୁ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ଆୟୋଜନ କରାଯାଉଥିବା ପାଞ୍ଚ ଦିନିଆ ଗଣେଶୋତ୍ସବ ପାଇଁ ୨୪ ଫୁଟ ଉଚ୍ଚ ମୂର୍ତ୍ତି ଓ ଆନୁଷଙ୍ଗିକ ଅଳଙ୍କାର ତଥା ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ସମ୍ପତ୍ତି ଲାଗି ୭୦୩ କୋଟି ୨୭ ଲକ୍ଷର ବୀମା କଭରେଜ୍ କରିଛି। ଗଣପତିଙ୍କୁ ୬୬ କିଲୋଗ୍ରାମରୁ ଅଧିକ ସୁନା ଅଳଙ୍କାର ଏବଂ ଏକ ସୁନା ସିଂହାସନରେ ସଜ୍ଜିତ କରାଯାଇଛି। ପ୍ରାୟ ୩୩୫ କିଲୋଗ୍ରାମ ରୂପାରେ ନିର୍ମିତ ମେଢ଼ ରହିଛି।

ମଣ୍ଡପରେ ଦୁଇଟି ସ୍ୱତନ୍ତ୍ର ଯଜ୍ଞ କୁଣ୍ଡ ନିର୍ମାଣ କରାଯାଇଛି। ଜିଏସବି ୭୨ ବର୍ଷ ପୁରୁଣା ମଣ୍ଡପ। ଏହି ମଣ୍ଡପ ନିକଟରେ ଦୁଇଟି ସ୍ୱତନ୍ତ୍ର ତରାଜୁ ରଖାଯାଇଛି।ଯେତେବେଳେ ଶ୍ରଦ୍ଧାଳୁଙ୍କ ଇଚ୍ଛା ପୂରଣ ହୁଏ, ସେମାନେ ସେମାନଙ୍କର ପିଲାମାନଙ୍କୁ ଏହି ତରାଜୁରେ ରଖି ସେମାନଙ୍କ ଓଜନ ସହିତ ସମାନ ଚାଉଳ, ଡାଲି ଏବଂ ଅନ୍ୟାନ୍ୟ ଶସ୍ୟ ଦାନ କରିଥାନ୍ତି। ସଂଗୃହୀତ ଶସ୍ୟକୁ ବର୍ଷସାରା ଅସହାୟ ଏବଂ ଗରିବଙ୍କ ପାଇଁ ମହାପ୍ରସାଦ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଇଥାଏ। ଏହାର ଅର୍ଥ ହେଉଛି ଏଠାରେ ବିଶ୍ୱାସ କେବଳ ଦର୍ଶନ ପର୍ଯ୍ୟନ୍ତ ସୀମିତ ନାହିଁ। ଏହା ସେବା ଏବଂ ଦାନର ଏକ ପରମ୍ପରା ସହିତ ମଧ୍ୟ ଜଡିତ। ଅନ୍ନଦାନ ସେବାରେ ଗଣେଶୋତ୍ସବସମୟରେଦୈନିକ୪୦ହଜାରରୁଅଧିକଲୋକଉପକୃତହେଉଥିବାଜଣାପଡ଼ିଛି।

## ବିଷାକ୍ତ ମଦ ପିଇ ନାଗାଲାଣ୍ଡରେ ୯ ମୃତ

ନୂଆଦିଲ୍ଲୀ, ୧୪।୯: ମଦ ବ୍ୟାନ୍ ଥିବା ନାଗାଲାଣ୍ଡରେ ବିଷାକ୍ତ ମଦ୍ୟପାନ କରି୯ଜଣ ପ୍ରାଣ ହରାଇଛନ୍ତି। ସେପ୍ଟେମ୍ବର୧୦ ଓ ୧୧ ତାରିଖରେ ରାଜ୍ୟର ତୁଏନସାଙ୍ଗ୍ ସହର ଓ ଚେଡେଙ୍ଗ୍ ସ୍ୟାଙ୍ଗଲ ଗାଁରେ ଏହି ଘଟଣା ଘଟିଛି। ତେବେ ଏନେଇ ଠୋସ୍ ପ୍ରମାଣ ମିଳିନି। ଘଟଣାର ତଦନ୍ତ ଜାରି ରହିଛି। ନମୁନା ସଂଗ୍ରହ କରାଯାଇ ଫରେନସିକ୍ ଲ୍ୟାବକୁ ପଠାଯାଇଛି। ମୃତକଙ୍କ ପୋଷ୍ଟମର୍ଟମ କରାଯାଇଛି। ନାଗାଲାଣ୍ଡ ଲିକର୍ ପ୍ରୋହିବିସନ ଆକ୍ଟ ଅନୁସାରେ ରାଜ୍ୟରେ ମଦ୍ୟପାନ, ଘରେ ରଖିବା ଓ ତିଆରି କରିବା ଉପରେ ରୋକ୍ ଲାଗିଛି। ସୂଚନା ଅନୁଯାୟୀ, ମୃତକମାନେ ମଦ୍ୟପାନ କରିବା ପରେ ସେମାନଙ୍କୁ ଧୂଆଁଳିଆ ଦେଖାଯାଇଥିଲା। ମୁଣ୍ଡବିନ୍ଧିବା ସହ ବାନ୍ତି ହୋଇଥିଲା। ଏମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିର ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା।

## ତରୁଣ ତେଜପାଲଙ୍କ ଅଦାଲତରେ ଆତ୍ମସମର୍ପଣ



ପାନାଜୀ, ୧୪।୯: 'ତେହଲକା'ର ପୂର୍ବତନ ଏଡିଟର-ଇନ୍-ଚିଫ୍ ତରୁଣ ତେଜପାଲ ୨୦୧୩ ଯୌନ ନିର୍ଯାତନା ମାମଲାରେ ସୋମବାର ଗୋଆର ମାପୁସା ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ବମ୍ବେ ହାଇକୋର୍ଟଙ୍କ ଦଣ୍ଡାଦେଶ ବିରୋଧରେ ସୁପ୍ରିମକୋର୍ଟରେ ଦାୟର କରିଥିବା ଆବେଦନର ଶୁଣାଣି ପୂର୍ବରୁ ତାଙ୍କୁ ଆତ୍ମସମର୍ପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ମାସରେ ସୁପ୍ରିମକୋର୍ଟ ତାଙ୍କର ଗିରଫଦାରୀରୁ ରିହାତି ଦେବାକୁ ମନା କରିବା ସହ ଯାଚିକାକୁ ଖାରଜ କରି ୩ ସପ୍ତାହ ମଧ୍ୟରେ ଅଦାଲତରେ ହାଜର ହେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ୨୦୧୩ ମସିହା ନଭେମ୍ବର ମାସରେ ଗୋଆର ଏକ ପଞ୍ଚତାରକା ହୋଟେଲର ଲିଫ୍ଟ ଭିତରେ ଜଣେ ମହିଳା ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ତରୁଣ ତେଜପାଲଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ୨୦୧୩ ନଭେମ୍ବର ୩୦ରେ ତାଙ୍କୁ ଗିରଫ କରାଯାଇଥିଲା।

## ମହିଳା ବାଇକ୍ ରାଇଡରଙ୍କୁ ଧକ୍କା ଦେଇ କାର ଚାଳକ ଫେରାର



ନୂଆଦିଲ୍ଲୀ, ୧୪।୯: ଗୁରୁଗ୍ରାମର ଗଲ୍ଫକୋର୍ସ ରୋଡ୍‌ରେ ଜଣେ ମହିଳା ବାଇକରଙ୍କୁ ଏକ ଦ୍ରୁତଗାମୀ କାର୍ ପଛରୁ ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଛନ୍ତି। ଏହି ପୂରା ଘଟଣାର ଭିଡିଓ ବାଇକରଙ୍କ କ୍ୟାମେରାରେ କଏଦ ହୋଇଥିବା ବେଳେ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆହତ ମହିଳା ବାଇକର ସିଆ ନିଜ ସାଥୀ ବାଇକରମାନଙ୍କ ସହ ରବିବାର ରାଇଡିଂରେ ବାହାରିଥିଲେ। ସେହି ସମୟରେ ଏକ ସେଡାନ କାର୍ ତାଙ୍କୁ ପିଛା କରିବା ସହ ବେପରୁଆ ଭାବରେ ଗାଡ଼ି ଚଲାଉଥିଲା। ସିଆଙ୍କ କହିବା ଅନୁଯାୟୀ, କାରରେ ଥିବା ବ୍ୟକ୍ତିମାନେ ମଦ୍ୟପାନ କରିଥିବା ପରି ମନେହେଉଥିଲା। ସେ କାର୍ ଚାଳକଙ୍କୁ ସୁରକ୍ଷିତ ଦୂରତା ବଜାୟ ରଖିବାକୁ କହିଥିଲେ, କିନ୍ତୁ ଚାଳକଜଣକ ତାଙ୍କୁ ଗାଡ଼ି ରୋକିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଉଗ୍ରବାଦୀଙ୍କ ଆକ୍ରମଣରେ ୨ ମହିଳାଙ୍କ ସମେତ ୪ ମୃତ



ଇମ୍ଫାଲ, ୧୪।୯: ଉତ୍ତର-ପୂର୍ବ ଭାରତୀୟ ରାଜ୍ୟ ମଣିପୁରରେ ଉଗ୍ରବାଦୀଙ୍କ ଆକ୍ରମଣ ନିରନ୍ତର ଜାରି ରହିଛି। ରବିବାର ରାଜ୍ୟର ତାମେଙ୍ଗଲଙ୍ଗ ଏବଂ ନୋନି ଜିଲ୍ଲାରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଦ୍ୱାରା ଦୁଇଟି ପୃଥକ ଆକ୍ରମଣରେ ଦୁଇ ମହିଳା ସମେତ ଅତି କମରେ ଚାରି ଜଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ପୁଲିସ କହିଛି ଯେ ରବିବାର ଭୋର ପ୍ରାୟ ୪ଟାରେ ତାମେଙ୍ଗଲଙ୍ଗରେ ହୋଇଥିବା ଆକ୍ରମଣରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ଦ୍ୱିତୀୟ ଘଟଣାଟି ପ୍ରାୟ ୧୨ ଘଣ୍ଟା ପରେ ଘଟିଥିଲା, ଯେଉଁଥିରେ ଦୁଇଜଣଙ୍କ ଜୀବନ ମଧ୍ୟ ଯାଇଥିଲା। ରିପୋର୍ଟ ଅନୁଯାୟୀ, ପୁଲିସ କହିଛି ଯେ ସନ୍ଦିଗ୍ଧ ଉଗ୍ରବାଦୀମାନେ ଇମ୍ଫାଲକୁ ଜିରିବାମକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ୩୭ ନିକଟରେ ଅବସ୍ଥିତ ଟୋଲେନ କୁକି ଗ୍ରାମରେ ଏକ ଘର ଉପରେ ଆକ୍ରମଣ କରିଥିଲେ।

## ଟେମ୍ସ ନଦୀରେ କରାଗଲା ଗଙ୍ଗା ଆରତୀ

ଲଣ୍ଡନ, ୧୪।୯: ଭାରତରେ ହେଉଥିବା ପ୍ରସିଦ୍ଧ ଗଙ୍ଗା ନଦୀ ଆରତୀ ଏବେ ସାତ ସମୁଦ୍ର ପାର ହୋଇ ଲଣ୍ଡନର ଟେମ୍ସ ନଦୀରେ ପହଞ୍ଚିଛି। ରବିବାର ଲଣ୍ଡନରେ ଭାରତୀୟ ସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ମିଳିଥିଲା। ଟେମ୍ସ ନଦୀ କୂଳରେ ଗଙ୍ଗା ଆରତୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା। ଏହାକୁ ନେଇ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ବହୁ ସଂଖ୍ୟକ ଲୋକ ଆରତୀରେ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, ଚିନ୍ମୟ ମିଶନ ୟୁକେ ଦ୍ୱାରା ବାର୍ଷିକ 'ଟୋଟାଲି ଟେମ୍ସ' ମହୋତ୍ସବର ସହଯୋଗରେ 'ଟେମ୍ସରେ ଗଙ୍ଗା ଆରତୀ: ଆଲୋକର ଏକ ସମାରୋହ' ଆୟୋଜନ କରାଯାଇଥିଲା। ସଂଗଠନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏହି ବିଶ୍ୱସ୍ତରୀୟ ଉତ୍ସବ ଆୟୋଜନ କରାଯାଇଥିଲା।

## ତୃଣମୂଳ ସାଂଗଠନିକ ନିୟନ୍ତ୍ରଣ ବିବାଦ



# ନିର୍ବାଚନ କମିସନ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିନାହାନ୍ତି

ନୂଆଦିଲ୍ଲୀ, ୧୪।୯: ତୃଣମୂଳ କଂଗ୍ରେସର ସାଂଗଠନିକ ନିୟନ୍ତ୍ରଣ ଉପରେ ଚାଲିଥିବା ବିବାଦ ସମ୍ପର୍କରେ ନିର୍ବାଚନ କମିସନ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିନାହାନ୍ତି। ଏହି ସୂଚନା ରବିବାର ଦଳର ସାଂସଦ କଲ୍ୟାଣ ବାନାର୍ଜୀ ପ୍ରଦାନ କରିଛନ୍ତି। ନିର୍ବାଚନ କମିଶନ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀକୁ ଅତିରିକ୍ତ ଦଲିଲ ଦାଖଲ କରିବାକୁ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛନ୍ତି ଓ ଆବଶ୍ୟକ ହେଲେ ସେପ୍ଟେମ୍ବର ୧୭ ତାରିଖରେ ଶୁଣାଣି କରାଯିବ ବୋଲି କହିଛନ୍ତି। ତୃଣମୂଳ କଂଗ୍ରେସର ଦୁଇଟି ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ଅଛି। ଗୋଟିଏ ପୂର୍ବତନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଏବଂ ଅନ୍ୟଟି ବିଦ୍ରୋହୀ ନେତା ରୀତାବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ। ଉଭୟ ଗୋଷ୍ଠୀର ନେତାମାନେ ଶନିବାର ପୃଥକ ଭାବରେ ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ସହ ସାକ୍ଷାତ କରିଥିଲେ।

କଲ୍ୟାଣ ବାନାର୍ଜୀ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ନିର୍ବାଚନ କମିସନ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିନାହାଁନ୍ତି। ନିର୍ବାଚନ କମିସନ ଆମକୁ ସେପ୍ଟେମ୍ବର ୧୬ ଏବଂ ୧୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଆମର ଦଳୀୟ ପ୍ରାର୍ଥୀମାନେ ଆମର ଦଳୀୟ ଚିହ୍ନ ବ୍ୟବହାର କରି ଉପ-ନିର୍ବାଚନ ଲଢ଼ିବେ।

## ମନ୍ତ୍ରୀଙ୍କ ଘର ଆଗରେ ଚାଷୀଙ୍କ ଧାରଣା

ଚଣ୍ଡୀଗଡ଼, ୧୪।୯: ପଞ୍ଜାବରେ ଆମ୍ ଆଦମୀ ପାର୍ଟି (ଆପ୍) ସରକାର ବିରୋଧରେ ଚାଷୀ ଆନ୍ଦୋଳନ ତୀବ୍ର ହେବାକୁ ଯାଉଛି। କିଷାନ ମଜଦୁର ମୋର୍ଚ୍ଚା (କେଏମ୍ଏମ୍) ସୋମବାରଠାରୁ ଲଗାତାର ୫ ଦିନ ଧରି ବିଧାନସଭା ବାଚସ୍ପତି କୁଲତାର ସାନ୍ଧୱାନ ଓ ରାଜ୍ୟର ୭ ଜଣ ମନ୍ତ୍ରୀଙ୍କ ବାସଭବନ ବାହାରେ ଧାରଣା ଦେବାକୁ ଘୋଷଣା କରିଛି। ୨୦୨୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଆନ୍ଦୋଳନ ସରକାରଙ୍କ ଉପରେ ପ୍ରତ୍ୟକ୍ଷ ରାଜନୈତିକ ଚାପ ବଢ଼ାଇବ ବୋଲି ଦେଖାଯାଉଛି। କେଏମ୍ଏମ୍‌ର ଦାବି ମଧ୍ୟରେ ଧାନ ଚାଷ ପାଇଁ ବିଦ୍ୟୁତ୍ ଯୋଗାଣ ଓ ସାର ଉପଲବ୍ଧତା ରହିଛି। ଏହାସହ ବାସମତୀ, ମକା, ମୁଗ, ସୋରିଷ ଓ ଆଳୁକୁ ସରକାରୀ ଭାବେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)ରେ କିଣିବାକୁ ଚାଷୀମାନେ ଦାବି କରିଛନ୍ତି। କୃଷକ ଓ କୃଷି ଶ୍ରମିକଙ୍କ ସମ୍ପୂର୍ଣ୍ଣ ଋଣ ଛାଡ଼ ସହ ଆତ୍ମହତ୍ୟା କରିଥିବା ଚାଷୀ ଓ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଏବଂ ସରକାରୀ ଚାକିରି ଦେବାକୁ ମଧ୍ୟ ଦାବି ରହିଛି।ଆନ୍ଦୋଳନର ଦାବି କେବଳ କୃଷି ସମସ୍ୟା ମଧ୍ୟରେ ସୀମିତ ନାହିଁ। ନଦୀଜଳ, ଜମି ଅଧିଗ୍ରହଣ, ନିଶା, ବେକାରି ଓ କେନ୍ଦ୍ର ସରକାର ସହ ସମ୍ପର୍କ ଭଳି ପ୍ରସଙ୍ଗ ମଧ୍ୟ ଏଥିରେ ସାମିଲ ହୋଇଛି। ବନ୍ୟା, ଭୂତଳ ଜଳସ୍ତର ହ୍ରାସ ଓ ପ୍ରଦୂଷଣର ମୁକାବିଲା ପାଇଁ ଦୀର୍ଘମିଆଦୀ ନୀତି ପ୍ରଣୟନ କରିବାକୁ ଚାଷୀମାନେ ଦାବି କରିଛନ୍ତି।

# ଏଲଏସି ନିକଟରେ ସୈନ୍ୟ ହ୍ରାସ କଲା ଚୀନ୍




ନୂଆଦିଲ୍ଲୀ, ୧୪।୯: ବ୍ରିକ୍ସ ଶିଖର ସମ୍ମିଳନୀ ପରେ 'ଲାଇନ ଅଫ ଆକ୍ଚୁଆଲ କଣ୍ଟ୍ରୋଲ' (ଏଲଏସି) ନିକଟରେ ଭାରତ ଓ ଚାଇନା ମଧ୍ୟରେ ଦୀର୍ଘ ଦିନ ଧରି ଜାରି ରହିଥିବା ସାମରିକ ଉତ୍ତେଜନା ହ୍ରାସ ପାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ଭାରତର ଉତ୍ତର ସୀମା ନିକଟରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲଏ)ର ମୁତୟନ ହ୍ରାସ ପାଇଛି। ଏଲଏସି ସଂଲଗ୍ନ ଚାଇନା ଅଞ୍ଚଳ ଓ ସମ୍ପୃକ୍ତ ସାମରିକ ପ୍ରଶିକ୍ଷଣ କ୍ଷେତ୍ରଗୁଡ଼ିକରେ ପିଏଲଏର ୧୦ଟି 'କମ୍ବାଇଣ୍ଡ ଆର୍ମସ ବ୍ରିଗେଡ' (ମିଳିତ ସାମରିକ ବାହିନୀ ଦଳ) ମୁତୟନ କରାଯାଇଛି।

୨୦୨୦ ମସିହାରୁ ପୂର୍ବ ଲଦାଖରେ ଭାରତୀୟ ଏବଂ ଚାଇନା ସୈନ୍ୟଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ଏହା ପରେ, ଉଭୟ ଦେଶ ସାମରିକ ଓ କୂଟନୈତିକସ୍ତରରେ କ୍ରମାଗତ ଆଲୋଚନା କରିଥିଲେ। ଏହି ପ୍ରକ୍ରିୟାର ଅଂଶବିଶେଷ ଭାବରେ ୨୦୨୪ ମସିହାରେ ଅନେକ ଅଞ୍ଚଳରେ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ଆଗକୁ ବଢ଼ିଥିଲା। ବର୍ତ୍ତମାନ ୨୦୨୫ରେ ଚାଇନା ସୈନ୍ୟ ମୁତୟନ ହ୍ରାସ ପାଇବା ଘଟଣାକୁ ଉତ୍ତେଜନା ହ୍ରାସର ପରବର୍ତ୍ତୀ ପର୍ଯ୍ୟାୟ ଭାବରେ ଦେଖାଯାଉଛି। ଭାରତ ଦୀର୍ଘ ଦିନ ଧରି ସୀମାରେ ସୈନ୍ୟ ସଂଖ୍ୟା ହ୍ରାସ କରିବା ଓ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଆସୁଛି।

ଭାରତ ଓ ଚାଇନା ମଧ୍ୟରେ ସୀମା ସମ୍ବନ୍ଧୀୟ ପ୍ରସଙ୍ଗକୁ ନେଇ 'ସ୍ୱତନ୍ତ୍ର ପ୍ରତିନିଧି' (ଏସଆର) ସ୍ତରୀୟ ଆଲୋଚନା ମଧ୍ୟ ପୁନର୍ବାର ଆରମ୍ଭ ହୋଇଥିଲା। ଡିସେମ୍ବର ୨୦୨୪ ଏବଂ ଅଗଷ୍ଟ ୨୦୨୫ରେ ଏହି ଆଲୋଚନାର ଦୁଇଟି ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ରାଜନୈତିକ ଓ କୂଟନୈତିକ ସ୍ତରରେ ଦୀର୍ଘଦିନ ଧରି ଚାଲିଆସୁଥିବା ସୀମା ସମସ୍ୟାର ସମାଧାନ ପାଇଁ କରାଯାଉଥିବା ପ୍ରୟାସର ଏହା ଏକ ଅଂଶବିଶେଷ।

## ଦିଶା ସାଲିଆନ୍ ମାମଲାରେ ଆସିଲା ନୂଆ ମୋଡ଼

# ସିବିଆଇ ଏଫଆଇଆରରେ ଉଦ୍ଧବ ଓ ଆଦିତ୍ୟ ଠାକରେ



ମୁମ୍ବାଇ, ୧୪।୯: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସ୍ୱର୍ଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ଏଫଆଇଆର୍ ରୁଜୁ କରିଛି। ବମ୍ବେ ହାଇକୋର୍ଟଙ୍କ ଆଦେଶ ପରେ ସିବିଆଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଫଆଇଆର୍‌ରେ ଉଦ୍ଧବ ଠାକରେ ଓ ଆଦିତ୍ୟ ଠାକରେଙ୍କ ସମେତ ୧୭ ଜଣଙ୍କ ନାମ ସାମିଲ ରହିଛି। ପ୍ରାୟ ଛଅ ବର୍ଷ ପୁରୁଣା ଏହି ମାମଲାର କେନ୍ଦ୍ରୀୟ ଏଜେନ୍ସି ଏବେ ନୂଆ ଭାବେ ତଦନ୍ତ କରିବ।

ବମ୍ବେ ହାଇକୋର୍ଟଙ୍କ ଜଷ୍ଟିସ୍ ସାରଙ୍ଗ କୋଟୱାଲ୍ ଏବଂ ଜଷ୍ଟିସ୍ ରଣଜିତସିଂହ ରାଜା ଭୋଂସଲେଙ୍କ ଖଣ୍ଡପୀଠ ସେପ୍ଟେମ୍ବର ୨ ତାରିଖରେ ଦିଶା ସାଲିଆନଙ୍କ ମୃତ୍ୟୁର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ସିବିଆଇକୁ ମାମଲାର ତଦନ୍ତ ପାଇଁ ଜଣେ ଅଭିଜ୍ଞ ଓ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୦ ମସିହା ଜୁନ ୮ ତାରିଖରେ ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନ ଛାତରୁ ଖସିପଡ଼ି ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁବରଣ କରିଥିଲେ।

ସିବିଆଇ ପକ୍ଷରୁ ରୁଜୁ କରାଯାଇଥିବା ଏଫଆଇଆରରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ, ତାଙ୍କ ପୁଅ ଆଦିତ୍ୟ ଠାକରେ, ରୋହନ ରୟ, ଡିନୋ ମୋରିଆ, ସୂରଜ ପାଞ୍ଚୋଲି, ଆଦିତ୍ୟ ଠାକରେଙ୍କ ବଡିଗାର୍ଡ, ରିୟା ଚକ୍ରବର୍ତ୍ତୀ, ଶୋଭିକ ଚକ୍ରବର୍ତ୍ତୀ, ସଚିନ ୱାଜେ, ପରମବୀର ସିଂହ, ଡିସିପି ବିଶାଳ ଠାକୁର, ଅନିଲ ଦେଶମୁଖ, ଏପିଆଇ ଅଶୋକ ଦେବଧେ, ପିଆଇ ଜଗଦେବ କଲାପଦଙ୍କ ସମେତ ଅନେକଙ୍କ ନାମ ରହିଛି।

ଏହା ବ୍ୟତୀତ, ମାଲୱାଣୀ ପୁଲିସ ଷ୍ଟେସନର ସମ୍ପୃକ୍ତ ଅଧିକାରୀ, ପୋଷ୍ଟମର୍ଟମରେ ବିଳମ୍ବ ପାଇଁ ଦାୟୀ ଡାକ୍ତର ଓ ଷ୍ଟାଫ୍, ରିଜେଣ୍ଟ ଗାଲାକ୍ସି ବିଲ୍ଡିଂର ସିକ୍ୟୁରିଟି ଗାର୍ଡ ଓ ଏସଆଇଟିର ବରିଷ୍ଠ ସଦସ୍ୟଙ୍କୁ ମଧ୍ୟ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

## ନେପାଳ ବିଭୀଷିକା ପରେ ହିମାଳୟକୁ ନେଇ ଚେତାବନୀ

# ଭାରତ ଉପରେ ଘୂରି ବୁଲୁଛି ଭୟଙ୍କର ବିପଦ



ନୂଆଦିଲ୍ଲୀ, ୧୪।୯: ହିମାଳୟକୁ ନେଇ ଏବେ ଏମିତି ଏକ ରିପୋର୍ଟ ସାମ୍ନାକୁ ଆସିଛି, ଯାହା ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକାଶ ପାଇଛି। ପୂର୍ଣ୍ଣ ରିପୋର୍ଟ ଅକ୍ଟୋବରରେ ହେବାର ଥିଲା, କିନ୍ତୁ ଅଗଷ୍ଟ ୨୬ ତାରିଖରେ ନେପାଳ-ତିବ୍ବତ ସୀମାରେ ଘଟିଥିବା ବଡ଼ ବିପର୍ଯ୍ୟୟ ପରେ ହଠାତ୍ ଏକ ସଂକ୍ଷିପ୍ତ ଅଂଶ ପ୍ରକାଶିତ ହୋଇଛି। ରିପୋର୍ଟରେ ଚେତାବନୀ ଦିଆଯାଇଛି ଯେ, ହିମାଳୟକୁ କେବଳ ପର୍ବତ ବୋଲି ଭାବିବା ଏକ ଗୁରୁତର ଭୁଲ ହେବ, କାରଣ ଭାରତର ଜଳ, କୃଷି, ବିଦ୍ୟୁତ୍ ଏବଂ ଅର୍ଥନୀତି ସିଧାସଳଖ ଏହା ସହିତ ଜଡିତ।

ଗବେଷଣା ରିପୋର୍ଟ ଗୁଡ଼ିକ ସାଧାରଣତଃ ସମୟସୀମା ଅନୁସାରେ ପ୍ରକାଶିତ ହୁଏ, କିନ୍ତୁ ହିମାଳୟ ଉପରେ ଏହି ରିପୋର୍ଟ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକାଶିତ ହୋଇଛି। ଖବରଟି ଏହାକୁ ଏକ 'ଜରୁରୀକାଳୀନ ସମସ୍ୟା' ଭାବରେ ବର୍ଣ୍ଣନା କରେ। ରିପୋର୍ଟର ଶୀର୍ଷକ 'ସମୃଦ୍ଧ ଏବଂ ସ୍ଥିର ହିମାଳୟ'। ରିପୋର୍ଟରେ କୁହାଯାଇଛି ଯେ ହିମାଳୟକୁ ଆଉ କେବଳ ପର୍ବତ ଭାବରେ ବିବେଚନା କରିବାର ଆବଶ୍ୟକତା ନାହିଁ। ଏହା ଭାରତ ପାଇଁ ଜଳ, ବିଦ୍ୟୁତ୍, କୃଷି ଏବଂ ଅର୍ଥନୀତିର ଏକ ପ୍ରମୁଖ ଉତ୍ସ।

ରିପୋର୍ଟ ଅନୁଯାୟୀ, ହିମାଳୟର କିଛି ଅଂଶ ବିଶ୍ୱ ହାରାହାରି ତାପମାତ୍ରା ଅପେକ୍ଷା ଦୁଇରୁ ତିନି ଗୁଣ ଦ୍ରୁତ ଗତିରେ ଉଷ୍ମ ହେଉଛି। ସବୁଠାରୁ ବଡ଼ ପ୍ରଭାବ ହିମାଳୟ ଉପରେ ପଡୁଛି। ହିମାଳୟ ଦ୍ରୁତ ଗତିରେ ତରଳି ଯାଉଛି ଏବଂ ପଛକୁ ହଟିଯାଉଛି। ଏହା କେବଳ ଆଜିର ପାଣିର ବିଷୟ ନୁହେଁ; ହିମାଳୟ ଭବିଷ୍ୟତ ପାଇଁ ଜଳର ଏକ ପ୍ରାକୃତିକ ଭଣ୍ଡାର ମଧ୍ୟ।

ହିମାଳୟ ପଛକୁ ହ୍ରଦରେ ପାଣି ଜମା ହୋଇ ବଡ଼ ବଡ଼ ହ୍ରଦ ସୃଷ୍ଟି କରିପାରେ। ଏହି ହ୍ରଦଗୁଡ଼ିକୁ ଧରି ରଖିଥିବା ରିଟେନିଂ ୱାଲ୍ ପ୍ରାୟତଃ ମାଟି, ପଥର, ବରଫ ଏବଂ ଭଗ୍ନାବଶେଷରେ ତିଆରି ହୋଇଥାଏ। ଯଦି ଏହି ପ୍ରାକୃତିକ କାନ୍ଥ ଭାଙ୍ଗିଯାଏ, ତେବେ ସମଗ୍ର ହ୍ରଦର ପାଣି ହଠାତ୍ ନିମ୍ନଗାମୀ ହୋଇଯାଇପାରେ, ଯାହା ସହିତ ବହୁ ପରିମାଣର ପଥର ଏବଂ ଭଗ୍ନାବଶେଷ ଆସିପାରେ। ସରକାରୀ ତଥ୍ୟକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ ଭାରତରେ ଅନେକ ହିମାଳୟ ହ୍ରଦ ଉଚ୍ଚ-ବିପଦ ବର୍ଗରେ ଅଛି। ଏଥିମଧ୍ୟରୁ ୧୮୯ଟି ହ୍ରଦକୁ ଉଚ୍ଚ-ବିପଦ ଏବଂ ୫୭ଟିକୁ ଅତ୍ୟନ୍ତ-ବିପଦ ବର୍ଗୀକୃତ କରାଯାଇଛି। ଏହି ହ୍ରଦଗୁଡ଼ିକ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ସିକିମ, ଅରୁଣାଚଳ ପ୍ରଦେଶ, ଲଦାଖ ଓ ଜମ୍ମୁ-କାଶ୍ମୀର ଭଳି ଅଞ୍ଚଳରେ ଅବସ୍ଥିତ।

ଜାତୀୟ ପ୍ରେସ୍ ଦିବସ ପାଇଁ ପ୍ରସ୍ତୁତି ବୈଠକ

# ନଭେମ୍ବର ୧୬ରେ ପାଳିତ ହେବ

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଦୀର୍ଘ ୧୯ ବର୍ଷ ଧରି ପ୍ରତିବର୍ଷ ନଭେମ୍ବର ମାସ ୧୬ ତାରିଖରେ ଜାତୀୟ ପ୍ରେସ୍ ଦିବସ ପାଳନ କରି ଆସୁଅଛି। ଚଳିତବର୍ଷ ଏହି ପ୍ରେସ୍ ଦିବସକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟଙ୍କ ସହିତ ରାଜ୍ୟଶାଖା କର୍ମକର୍ତ୍ତାମାନଙ୍କର ଏକ ପ୍ରସ୍ତୁତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏହି ଆଲୋଚନାରେ ଶ୍ରୀ ମାଲବ୍ୟଙ୍କ ସହ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ଆସନ୍ତା ଜାତୀୟ ପ୍ରେସ୍ ଦିବସ ପାଳନ ପୂର୍ବରୁ ସାମ୍ବାଦିକତା ବିଭାଗ ଥିବା ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱର୍ଣ୍ଣପଦକ ବିଜେତାମାନଙ୍କୁ ଦିଆଯାଉଥିବା ସ୍ମାରକୀ ସିଲ୍‌ଡ଼ଗୁଡ଼ିକର ସମ୍ମାନ ବୃଦ୍ଧି ଦିଗରେ ଆଲୋଚନା କରାଯାଇଥିଲା। ଏପର୍ଯ୍ୟନ୍ତ ବରିଷ୍ଠ ସାମ୍ବାଦିକ ରବି ନାରାୟଣ ମହାନ୍ତି, ପ୍ରଦ୍ୟୁମ୍ନ ବଳ, ବରେନ୍ଦ୍ରକୃଷ୍ଣ ଧଳ, ଗୋପାଳକୃଷ୍ଣ ମିଶ୍ର, ରାମହରି ମିଶ୍ର, ଦିଲ୍ଲୀପ ଶତପଥୀ, ଡଃ ଅରୁଣ କୁମାର ପଣ୍ଡା ଓ ଅରିନ୍ଦମ ଦାଶଙ୍କ ସ୍ମୃତିରେ ସ୍ମାରକୀ ସିଲ୍‌ଡ଼ ପ୍ରଦାନ କରାଯାଇଥିବା ସ୍ଥଳେ ଚଳିତବର୍ଷ ବରିଷ୍ଠ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ସ୍ମୃତିରେ ସ୍ମାରକୀ ସିଲ୍‌ଡ଼ ପ୍ରଦାନ କରାଯିବ। ଏଥିସହିତ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାକୁ ଉତ୍ସବର ୧୫ ଦିନ ପୂର୍ବରୁ ଆୟୋଜନ କରାଯିବ ବୋଲି ଆଲୋଚନାରେ ସ୍ଥିର କରାଯାଇଛି।

ଜାତୀୟ ପ୍ରେସ୍ ଦିବସର ମୁଖ୍ୟ ଉତ୍ସବରେ ଓଡ଼ିଶାର ସମ୍ବାଦପତ୍ରର ଜଣେ ସମ୍ପାଦକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ' ଦିଆଯିବା ସହିତ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ ରାଜ୍ୟର ସମ୍ବାଦପତ୍ରର ୭ଜଣ ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ' ପ୍ରଦାନ କରାଯିବ। ୬୫ ବର୍ଷ ବୟସ ଏବଂ ତଦୁର୍ଦ୍ଧ୍ୱ ଅନ୍ୟୁନ ଥରେ ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଥିବା ସାମ୍ବାଦିକମାନଙ୍କୁ ବେସରକାରୀସ୍ତରରେ ସମଗ୍ର ଦେଶରେ କେବଳ ଓଡ଼ିଶାରେ ପେନସନ ଦେବା ବ୍ୟବସ୍ଥାକୁ ଚାଲୁ ରଖିବା ନିମିତ୍ତ କଲ୍ୟାଣ ବୋର୍ଡ଼ ନିଷ୍ପତ୍ତି ଗ୍ରହଣ କରିଛି। ଏହି ପେନସନ ବ୍ୟବସ୍ଥାକୁ ଦେଶର ଅନେକ ରାଜ୍ୟର ସରକାର ବ୍ୟୟ ବହନ କରୁଥିବା ସ୍ଥଳେ ଓଡ଼ିଶା ସରକାର ପେନସନ ବ୍ୟୟ ବହନ କରିବା ପାଇଁ ଔପଚାରିକ ଭାବେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ୭୮୭୬ ଜଣ କର୍ମଜୀବୀ ସାମ୍ବାଦିକଙ୍କୁ ଦିଆଯାଉଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନୂଆ ସାମ୍ବାଦିକଙ୍କୁ ଅନ୍ତର୍ଭୁକ୍ତ କରାଯିବା ଓ ଏହାର ପରିମାଣ ୫ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ଲାଗି ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।



ଜୟଦେବ ଭବନ ନିକଟସ୍ଥ ଓଟକମ୍‌ରେ ଗଣେଶ ପୂଜା।

## ୫ ଓରାଙ୍ଗଉଟାନଙ୍କ ମଧ୍ୟରୁ ଜଣଙ୍କୁ ଜ୍ୱର

● ସ୍ୱାସ୍ଥ୍ୟ ଉପରେ ସ୍ୱତନ୍ତ୍ର ଟିମ୍ ରଖିଛି ନଜର

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ନିକଟରେ ବାଲେଶ୍ୱରର ବିଚିତ୍ରପୁର ଜଙ୍ଗଲରୁ ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନ୍‌ଙ୍କୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କ୍ୱାରେଣ୍ଟାଇନ୍‌ରେ ରଖାଯାଇଥିବା ବେଳେ ଆଜି ସେମାନଙ୍କ ମଧ୍ୟରୁ ଗୋଟିଏ ଓରାଙ୍ଗଉଟାନ୍ ଜ୍ୱରରେ ପୀଡ଼ିତ ଥିବା ଜଣାପଡ଼ିଛି। ଜ୍ୱର ହେବା ପରେ ଡାକ୍ତରୀ ଟିମ୍ ଆଲର୍ଟ ହୋଇଛି। ଅସୁସ୍ଥ ଓରାଙ୍ଗଉଟାନର ସ୍ୱାସ୍ଥ୍ୟ ଉପରେ ରହିଛି ସ୍ୱତନ୍ତ୍ର ଟିମର ନଜର। ଏ ସଂକ୍ରାନ୍ତରେ ପ୍ରାଣୀ ଉଦ୍ୟାନର ଜଣେ ଅଧିକାରୀ କହିଛନ୍ତି ଯେ ଗୋଟିଏ ଓରାଙ୍ଗଉଟାନ୍ ଶରୀରର ତାପମାତ୍ରା ସାମାନ୍ୟ ଅଧିକ ରହୁଛି। ଅନ୍ୟମାନଙ୍କ ଶରୀର ବେଶ୍ ସୁସ୍ଥ ରହିଛି ଓ ସେମାନେ ଆବଶ୍ୟକ ମୁତାବକ ଖାଦ୍ୟ ଖାଉଛନ୍ତି। ଜ୍ୱରରେ ପୀଡ଼ିତ ହୋଇଥିବା ଓରାଙ୍ଗଉଟାନ୍ ଶରୀରର ତାପମାତ୍ରା ସ୍ୱାଭାବିକ କରିବା ସକାଶେ ଆମର ପଶୁ ଡାକ୍ତରମାନେ ଉଦ୍ୟମ କରୁଥିବା ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି। ସେହିପରି ୫ ଶିଶୁ ଓରାଙ୍ଗଉଟାନ୍‌ଙ୍କ ଯତ୍ନ ପାଇଁ ବଡ଼ ପଦକ୍ଷେପ ନିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୀପ ଜାଳି ପ୍ରଧାନମନ୍ତ୍ରୀଙ୍କୁ...

ଘର, ମନ୍ଦିର କିମ୍ବା କୌଣସି ପ୍ରମୁଖ ସ୍ଥାନରେ ଗୋଟିଏ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳିତ କରିବାକୁ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଜନକଲ୍ୟାଣକାରୀ ଯୋଜନାର ହିତାଧିକାରୀ ମାନେ ନିଜର ଶୁଭେଚ୍ଛା ବାର୍ତ୍ତା ସହ ମୋଦିଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ପ୍ରାର୍ଥନା କରନ୍ତୁ। ସେହି ସୁନ୍ଦର ମୁହୂର୍ତ୍ତର ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଅପଲୋଡ୍ କରି ଶେୟାର କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟବାସୀଙ୍କ ଏହି ଆଶୀର୍ବାଦ ଓ ସହଯୋଗ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପକୁ ଆହୁରି ଶକ୍ତିଶାଳୀ କରିବ ଓ ଦେଶର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରିବ।

### ଏଆଇ ତିଆରି କରୁଛି...

ସମର୍ଥିତ ଗୋଷ୍ଠୀ ଏହି ଟୁଲ୍ ବ୍ୟବହାର କରୁଥିବା ଜଣାପଡ଼ିଛି। ଏହାଛଡ଼ା 'ଚିକନଗୁନିଆ' ଭୂତାଣୁର ସଂକ୍ରମଣ କ୍ଷମତା ବୃଦ୍ଧି ପାଇଁ କାମ କରୁଥିବା କେତେକ ଗବେଷକ ଏଆଇର ସୁରକ୍ଷା ନିୟମକୁ ଏଡ଼ାଇବାକୁ ଚେଷ୍ଟା କରୁଥିଲେ। ଏହି ସମସ୍ତ ବେଆଇନ୍ ଆକାଉଣ୍ଟଗୁଡ଼ିକୁ ଆନ୍ଥ୍ରୋପିକ୍ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଛି।

### କମିଲା କିଶୋରୀ...

ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଏହି ହାର ୧୧.୪ ପ୍ରତିଶତରୁ କମି ୨.୭ ପ୍ରତିଶତରେ ପହଞ୍ଚିଛି। ଅନ୍ୟପଟେ ରାଜ୍ୟର ଆଦିବାସୀ ଅଞ୍ଚଳଗୁଡ଼ିକରେ କିଶୋରୀ ମାତୃତ୍ୱ ହାର ଚିନ୍ତାଜନକ ସ୍ଥିତିରେ ରହିଛି। କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ୧୫ ପ୍ରତିଶତ କିଶୋରୀ ଗର୍ଭଧାରଣ ହାର ରେକର୍ଡ କରାଯାଇଥିବା ବେଳେ ମୟୂରଭଞ୍ଜରେ ୧୪.୮ ପ୍ରତିଶତ, ମାଲକାନଗିରିରେ ୧୪.୧ ପ୍ରତିଶତ ଏବଂ ରାୟଗଡ଼ାରେ ୧୨.୮ ପ୍ରତିଶତ ରହିଛି। ସେହିପରି ଗଜପତି ଜିଲ୍ଲାରେ ଏହି ହାର ୫.୮ ପ୍ରତିଶତରୁ ବୃଦ୍ଧି ପାଇ ୭.୫ ପ୍ରତିଶତରେ ପହଞ୍ଚିଛି। ବାଲ୍ୟ ବିବାହ, ନିମ୍ନ ଶିକ୍ଷା ସ୍ତର ଏବଂ ପ୍ରଜନନ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଯୋଗୁଁ କିଶୋରୀ ଅବସ୍ଥାରେ ଗର୍ଭଧାରଣ ହାର ଏହି ଜିଲ୍ଲାଗୁଡ଼ିକରେ ଦୁଇ ଅଙ୍କ ବିଶିଷ୍ଟ ସ୍ତରରେ ରହିଛି, ଯାହା ଗ୍ରାମାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ସ୍ୱତନ୍ତ୍ର ପଦକ୍ଷେପର ଆବଶ୍ୟକତାକୁ ଦର୍ଶାଉଛି।

### ପୃଥକ୍ ଦୁର୍ଘଟଣାରେ...

ଟ୍ରକ୍ ଧକ୍କା ଦେଇଥିଲା। ଫଳତଃ ଘଟଣାସ୍ଥଳରେ ମା'-ପୁଅଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଭାବେ ଆହତ ବାପାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ନୂଆଁଖାଇ ପାଳନ କରିବା ସକାଶେ ଦମ୍ପତି ଶିଶୁପୁତ୍ର ସହ ଝାରସୁଗୁଡ଼ା ଜିଲ୍ଲା ଲଖନପୁରସ୍ଥିତ ସେମାନଙ୍କ ଘରକୁ ଯାଉଥିଲେ। କିନ୍ତୁ ସେମାନଙ୍କ ନୂଆଖାଇଁ ପର୍ବ ଅଧାରେ ରହିଗଲା। ତେବେ ମୃତାହତମାନଙ୍କର ପରିଚୟ ମିଳିପାରିନାହିଁ। ଅନ୍ୟପକ୍ଷରେ ଏହି ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଝାରସୁଗୁଡ଼ା-ସମ୍ବଲପୁର ୧୦ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେହିପରି ଜଗତସିଂହପୁର ଜିଲ୍ଲାର ଗତକାଲି ବିଳମ୍ବିତ ରାତିରେ ହରିଭାଉଜଣା ଛକ ନିକଟରେ ଡିଭାଇଡରରେ ପିଟିହୋଇ ଦୁଇ ଜଣ ବାଇକ୍ ଆରୋହୀ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ହେଲେ ଜଣେ କୁଜିଆରୀ ଅଞ୍ଚଳର ଓମ୍ ପ୍ରକାଶ ସିଂହ ଓ ଶାନ୍ତି ରଞ୍ଜନ ବେହେରା ହୋଇଥିବା ବେଳେ ଦ୍ରୁତ ଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଏହାଛଡ଼ା ବଲାଙ୍ଗିର ପୁଇଁନ୍ତଲା ଥାନା ଅନ୍ତର୍ଗତ କୁଲୁଣ୍ଡିପାଲିରେ ଏକ ସ୍କୁଲ ବସ ବାଇକକୁ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବସ୍‌ଟି ମଧ୍ୟ ଓଲଟି ପଡ଼ିଛି। ମୃତ ବ୍ୟକ୍ତି ଜଣଙ୍କ ବଲାଙ୍ଗିର କୁଲୁଣ୍ଡିପାଲି ଗ୍ରାମର ଘନଶ୍ୟାମ ପ୍ରଧାନ ବୋଲି ଜଣାପଡ଼ିଛି। ସେହିପରି ଗୁରୁତର ଭାବେ ଆହତ ହୋଇଥିବା ରବିନ୍ଦ୍ର ପ୍ରଧାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ଘର ବଲାଙ୍ଗିର କୁଲୁଣ୍ଡିପାଲି ଗ୍ରାମରେ ବୋଲି ଜଣାପଡ଼ିଛି। ଆହୁରି ବାଲେଶ୍ୱରରେ ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଏକ କଣ୍ଟେନର ଜଣେ ବାଇକ୍ ଚାଳକଙ୍କ ଉପରେ ଚଢ଼ିଯାଇଥିଲା। ଏଥିରେ ଯାତ୍ରା 'ବିଶ୍ୱ ଦରବାର'ର ମାଲିକ କିଶୋରୀ ମିଶ୍ରଙ୍କ ସାନ ଭାଇ ରଞ୍ଜନ ମିଶ୍ର ମୃତ୍ୟୁବରଣ କରିଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ୩୨୬ ନଂ ଜାତୀୟ ରାଜପଥରେ ଏମଭି-୯୦ ଚେଲେଗୁଡ଼ା ମଧ୍ୟଭାଗ ମୋଡ଼ ନିକଟରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ତେଲ ଟ୍ରକ୍ ବୋଲେରୋ ଡାଲା ଅଟୋ ସହ ମୁହାଁମୁହିଁ ଧକ୍କା ହେବା ଫଳରେ ଅଟୋରେ ଯାଉଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ନାବାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ନାବାଳକ ଜଣଙ୍କ ପଡ଼ିଆ ଥାନା ଅନ୍ତର୍ଗତ ଏମପିଭି-୬୬ ଗ୍ରାମର ସୁମନ୍ତ ଚୌଧୁରୀଙ୍କ ପୁଅ ଯାମିନୀ (୧୫) ହୋଇଥିବା ବେଳେ ଗୁରୁତର ହୋଇଥିବା ଯୁବକ ଜଣଙ୍କ ଉକ୍ତ ଗ୍ରାମର ଉତ୍ତମ ବିଶ୍ୱାସଙ୍କ ପୁଅ ରୋହିତ (୨୨)। ରୋହିତଙ୍କୁ ପ୍ରଥମେ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହୁରି ଆଜି ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର କର୍ମଚାରୀ ଗୋବିନ୍ଦପୁରର ଅକ୍ଷୟ ମଲ୍ଲିକ (୫୯) ମୃତ୍ୟୁବରଣ କରିଛନ୍ତି। ସେ ଆଜି ସନ୍ଧ୍ୟାରେ ସାଇକେଲ ଯୋଗେ ଘରକୁ ଫେରୁଥିବା ସମୟରେ ପଟ୍ଟାମୁଣ୍ଡାଇ ବାଇପାସ ନିକଟରେ ଏକ ଅଟୋ ତାଙ୍କୁ ଜୋରରେ ଧକ୍କା ଦେବା ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଅତ୍ୟନ୍ତ ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ପଟ୍ଟାମୁଣ୍ଡାଇ ହସ୍ପିଟାଲ ନିଆଯାଇଥିଲା। ମାତ୍ର ସେଠାରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପଞ୍ଚାୟତ ଓ ପୌର ନିର୍ବାଚନ...

କମ୍ ସମୟ ମଧ୍ୟରେ ଭୋଟର୍ ତାଲିକା ସଂଶୋଧନ ଓ ଚୂଡ଼ାନ୍ତ ଆସନ ସଂରକ୍ଷଣ ତାଲିକା ପ୍ରକାଶ କରିବା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଏଥିସହ ସରକାର ଘୋଷଣା କରିଥିବା କେତେକ ପ୍ରମୁଖ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଓ ହିତାଧିକାରୀଙ୍କ ପାଖରେ ସିଧାସଳଖ ପହଞ୍ଚାଇ ଲାଭ ଦେବା ପାଇଁ ଅଧିକ ସମୟ ଆବଶ୍ୟକ। ସରକାରୀ ଯୋଜନାର ପ୍ରଭାବ ତୃଣମୂଳ ସ୍ତରରେ ସମ୍ପୂର୍ଣ୍ଣ ଅନୁଭୂତ ହେବା ପରେ ନିର୍ବାଚନକୁ ଗଲେ ଏହାର ସିଧାସଳଖ ରାଜନୈତିକ ଫାଇଦା ମିଳିବ ବୋଲି ଶାସକ ଦଳ ଆକଳନ କରୁଛି। ଏହା ସାଙ୍ଗକୁ ସ୍ଥାନୀୟ ପ୍ରସଙ୍ଗକୁ ନେଇ ବିରୋଧୀ ଯେଉଁଭଳି ଭାବେ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି, ସେଥିରୁ ପ୍ରତିପକ୍ଷର ହାୱାକୁ ପ୍ରଶମିତ କରିବା ପାଇଁ ସରକାର କିଛି କୂଟନୈତିକ ବ୍ୟବଧାନ ଚାହୁଁଛନ୍ତି। ତେଣୁ ମାର୍ଚ୍ଚ ମାସରେ କାର୍ଯ୍ୟକାଳ ଶେଷ ହେବା କ୍ଷଣି ସାମ୍ବିଧାନିକ ବ୍ୟବସ୍ଥାରେ ପ୍ରଶାସକ ନିଯୁକ୍ତ କରାଯିବ। ଏହାଦ୍ୱାରା ପଞ୍ଚାୟତ ଓ ପୌରସଂସ୍ଥାର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ, ଅପରପକ୍ଷରେ ସରକାର ନିଜ ହିସାବରେ ନିର୍ବାଚନ ପାଇଁ ଅନୁକୂଳ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ। ସରକାରଙ୍କ ଏହି ସମ୍ଭାବ୍ୟ ଗୋଟିଚାଳନାକୁ ନେଇ ବିରୋଧୀ ମଞ୍ଚ ବି ବିଚଳିତ।

## ଦୁର୍ଗାପୂଜା ପୂର୍ବରୁ ବିଜେପିରେ ମିଶିବେ ୧୭ ବିଦ୍ରୋହୀ ସାଂସଦ



କୋଲକାତା, ୧୪।୯: ଦୁର୍ଗାପୂଜା ପୂର୍ବରୁ ଏନସିପିଆଇର ୨୦ ଜଣ ସାଂସଦଙ୍କ ମଧ୍ୟରୁ ୧୭ ଜଣ ବିଜେପିରେ ସାମିଲ ହୋଇପାରନ୍ତି ବୋଲି ତୃଣମୂଳ ଛାଡ଼ି ନ୍ୟାସନାଲିଷ୍ଟ ସିଟିଜେନ ପାର୍ଟି ଅଫ ଇଣ୍ଡିଆ (ଏନସିପିଆଇ)ରେ ଯୋଗ ଦେଇଥିବା କୁଚବିହାର ସାଂସଦ ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆ ବଡ଼ ଦାବି କରିଛନ୍ତି। ଏହି ୧୭ ଜଣଙ୍କ ମଧ୍ୟରେ ୩ ଜଣ ଅଲ୍ପସଂଖ୍ୟକ ସାଂସଦ ନାହାନ୍ତି। ସେମାନେ ସିଧାସଳଖ ବିଜେପିରେ ଯୋଗଦେବେ ପରିବର୍ତ୍ତେ ଏନଡିଏକୁ ସମର୍ଥନ କରିପାରନ୍ତି ବୋଲି ସେ ସଙ୍କେତ ଦେଇଛନ୍ତି। ଜଗଦୀଶ ଚନ୍ଦ୍ର ବର୍ମା ବସୁନିଆଙ୍କ ଦାବି ଅନୁସାରେ, ବିଜେପି ହିଁ ସେମାନଙ୍କୁ ଏନସିପିଆଇରେ ସାମିଲ କରାଇଥିଲା। କିନ୍ତୁ ସମସ୍ତେ ବିଜେପିରେ ଯୋଗଦେବାକୁ ଚାହୁଁଥିଲେ ବୋଲି ସେ କହିଛନ୍ତି। ସବୁକିଛି ଠିକ୍ ରହିଲେ ୨୦ ଜଣଙ୍କ ମଧ୍ୟରୁ ୧୭ ଜଣ ସାଂସଦ ଦୁର୍ଗାପୂଜା ପୂର୍ବରୁ ଭାଜପାରେ ସାମିଲ ହୋଇପାରନ୍ତି ବୋଲି ସେ ଦାବି କରିଛନ୍ତି।

● ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷା ତ୍ରୁଟି

## ଇମିଗ୍ରେସନ କ୍ଲିୟରାନ୍ସ ବିନା ଉଡ଼ିଗଲେ ୩ ବିଦେଶୀ

ନୂଆଦିଲ୍ଲୀ, ୧୪।୯: ଦିଲ୍ଲୀ ବିମାନ ବନ୍ଦରରେ ବଡ଼ ଧରଣର ସୁରକ୍ଷା ଜନିତ ତ୍ରୁଟି ହୋଇଛି। ଇମିଗ୍ରେସନ ଯାଞ୍ଚ ବିନା ୩ ଜଣ ବିଦେଶୀ ନାଗରିକ ଦେଶ ଛାଡ଼ିଛନ୍ତି। ଏହି ଘଟଣାକୁ ନେଇ ଏୟାରପୋର୍ଟରେ ଯାତ୍ରୀ ନିରୀକ୍ଷଣ ଓ ଇମିଗ୍ରେସନ ବ୍ୟବସ୍ଥା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ମାମଲା ସାମ୍ନାକୁ ଆସିବା ପରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏୟାର ଇଣ୍ଡିଆକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏନେଇ ମନ୍ତ୍ରଣାଳୟ ପକ୍ଷରୁ ଏୟାର ଇଣ୍ଡିଆର ସିଇଓଙ୍କୁ ନୋଟିସ୍ ପଠାଯାଇଛି। ଏହି ଗୁରୁତର ସୁରକ୍ଷା ତ୍ରୁଟି ପାଇଁ ଏୟାରଲାଇନ୍ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସେନେଇ ମନ୍ତ୍ରଣାଳୟ ଜବାବ ମାଗିଛି। ନୋଟିସର ଜବାବ ଦେବା ପାଇଁ ଏୟାର ଇଣ୍ଡିଆକୁ ୭ ଦିନ ସମୟ ଦିଆଯାଇଛି।

ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ

## ଗିରଫ ହେଲେ କଲେଜ ଅଧ୍ୟକ୍ଷ



ବରଗଡ଼, ୧୩।୯ (ସଂଚାର ବ୍ୟୁରୋ): ବରଗଡ଼ ସହର ଉପକଣ୍ଠ ବରଡୋଲସ୍ଥିତ ଏକ ଘରୋଇ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ଜଣେ ନାବାଳକ ଛାତ୍ର (୧୫)ଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସହ ଯୌନ ନିର୍ଯାତନା ଅଭିଯୋଗରେ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଅଧ୍ୟକ୍ଷ ଜଣଙ୍କ ହେଲେ ବରଡୋଲ ଗ୍ରାମର ଦେବଦତ୍ତ ପ୍ରଧାନ। ତାଙ୍କୁ ବରଗଡ଼ ଟାଉନ ଥାନା ପୁଲିସ ଗିରଫ କରି ଗତ ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ଜିଲ୍ଲା କାରାଗାରକୁ ତାଙ୍କୁ ପଠାଇ ଦିଆଯାଇଛି। ପୀଡ଼ିତ ଛାତ୍ର ଜଣଙ୍କ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ପାଖରେ ଟିଉସନ ପଢୁଥିଲେ। ତାଙ୍କୁ କୌଶଳ କ୍ରମେ ଏକ ହୋଟେଲକୁ ନେଇ ଅଭିଯୁକ୍ତ ଅଧ୍ୟକ୍ଷ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ସହ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ହୋଟେଲରୁ ପରିବାର ଲୋକଙ୍କୁ ମେସେଜ୍ କରି ଏ ବିଷୟରେ ଜଣାଇଥିଲେ। ପରେ ପୀଡ଼ିତ ଛାତ୍ରଙ୍କ ବାପାଙ୍କ ଏତଲା କ୍ରମେ ଟାଉନ ଥାନା ପୁଲିସ ଅଭିଯୁକ୍ତ ଅଧ୍ୟକ୍ଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଆଇଆଇସି ଚିତ୍ତରଞ୍ଜନ ମେହେର କହିଛନ୍ତି।

## ଦୁନିଆର ସବୁ ଭାଷା ଶିଖ, ମାତ୍ର ମାତୃଭାଷାକୁ ଛାଡ଼ ନାହିଁ

ହିନ୍ଦୀ ଦିବସର ଶୁଭେଚ୍ଛା ଜଣାଇଲେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ, ୧୪।୯: ସୋମବାର ହିନ୍ଦୀ ଦିବସ ଅବସରରେ ଗୃହମନ୍ତ୍ରୀ ଅମିତ ଶାହ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଭାରତର ଭାଷା ବିବିଧତା ଓ ସାଂସ୍କୃତିକ ସମୃଦ୍ଧି ବିଷୟରେ ଉଲ୍ଲେଖ କରି କହିଛନ୍ତି ଯେ, ଦେଶରେ କଥିତ ବିଭିନ୍ନ ଭାଷା ଦୁର୍ବଳତାର ସଙ୍କେତ ନୁହେଁ, ବରଂ ଭାରତର ସବୁଠାରୁ ବଡ଼ ଶକ୍ତି। ଅନ୍ୟ ଭାରତୀୟ ଭାଷା ସହ ପ୍ରତିଦ୍ୱନ୍ଦ୍ୱିତା କରିବା ହିନ୍ଦୀର ଉଦ୍ଦେଶ୍ୟ ନୁହେଁ। ବିଭିନ୍ନ ଭାଷା ଶିଖ, ହେଲେ ନିଜ ମାତୃଭାଷାକୁ ଭୁଲ ନାହିଁ। ନିଜ ଭାଷାରେ କଥା ହେବାବେଳେ ହୀନ ମନେ କରନାହିଁ। ଗୃହମନ୍ତ୍ରୀ ଆହୁରି କହିଛନ୍ତି ଯେ ୧୯୪୯ ସେପ୍ଟେମ୍ବର ୧୪ରେ ସମ୍ବିଧାନ ସଭାରେ ହିନ୍ଦୀକୁ ରାଷ୍ଟ୍ରୀୟ ଭାଷାର ମାନ୍ୟତା ଦିଆଯାଇଥିଲା। ମୋର ମାତୃଭାଷା ଗୁଜରାଟୀ। ହେଲେ ମୁଁ ଅଲଗା ରାଜ୍ୟକୁ ଗଲେ ଲୋକମାନଙ୍କ ସହ ହିନ୍ଦୀରେ କଥା ହୁଏ। ସ୍ୱାଧୀନତା ପରେ ଭାରତୀୟ ଭାଷାଗୁଡ଼ିକ ରାଷ୍ଟ୍ର ନିର୍ମାଣ, ପ୍ରଶାସନ ଏବଂ ବିଜ୍ଞାନକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତୀୟ ଭାଷାଗୁଡ଼ିକୁ ସମ୍ମାନ ଦେବା କେବଳ ଭାଷାର ବିଷୟ ନୁହେଁ, ବରଂ ଏହା ଦେଶର ସଂସ୍କୃତି, ଇତିହାସ ଏବଂ ସ୍ୱାଭିମାନ ସହିତ ଜଡ଼ିତ ଏକ ପ୍ରସଙ୍ଗ।



● ବ୍ରିକ୍ସ ସମ୍ମିଳନୀର ସଫଳ ଆୟୋଜନ

## ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମନମୋହନ



ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଗତକାଲି ଶେଷ ହୋଇଥିବା ୧୮ତମ ବ୍ରିକ୍ସ ସମ୍ମିଳନୀର ସଫଳ ଓ ଐତିହାସିକ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ବସୁଧୈବ କୁଟୁମ୍ବକମ୍ ତଥା ହ୍ୟୁମାନିଟି ଫାଷ୍ଟ (ମାନବିକତା ପ୍ରଥମ) ନୀତି ଯୋଗୁଁ ଆଜି ବିଶ୍ୱ ଦରବାରରେ ଭାରତବର୍ଷର ସମ୍ମାନ ଓ ପ୍ରତିଷ୍ଠା ଶୀର୍ଷରେ ପହଞ୍ଚିଛି। ଚଳିତ ବର୍ଷ ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନୂଆଦିଲ୍ଲୀ ଘୋଷଣାନାମାର ସର୍ବସମ୍ମତ ଗ୍ରହଣ, ବିଶ୍ୱ ଅର୍ଥନୀତି, ଜଳବାୟୁ ପରିବର୍ତ୍ତନ ଓ ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ ଆଭିମୁଖ୍ୟକୁ ସମଗ୍ର ବିଶ୍ୱ ସ୍ୱୀକାର କରିଛି। ଏହି ସମ୍ମିଳନୀରେ ସଫଳତା ପ୍ରମାଣିତ କରିଛି ଯେ ଭାରତ କେବଳ ଗ୍ଲୋବାଲ ସାଉଥ୍‌ର ସ୍ୱର ସାଜିନାହିଁ, ବରଂ ବିଶ୍ୱକୁ ଶାନ୍ତି ଓ ପ୍ରଗତିର ଏକ ନୂତନ ମାର୍ଗ ଦେଖାଇଛି। ବ୍ରିକ୍ସ ସମ୍ମିଳନୀର ସଫଳତା ୧୪୦ କୋଟି ଦେଶବାସୀଙ୍କ ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମଲ କହିଛନ୍ତି।

ଏହି ବୈଶ୍ୱିକ ସମ୍ମିଳନୀକୁ ଆସିଥିବା ସମସ୍ତ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଓଡ଼ିଶାର ପ୍ରସିଦ୍ଧ କୋରାପୁଟ କଫି ପ୍ରଦାନ କରାଯାଇଥିଲା, ଯାହାକି ପ୍ରତ୍ୟେକ ଓଡ଼ିଆଙ୍କୁ ଗର୍ବିତ କରିଛି। ଓଡ଼ିଶାକୁ ଆନ୍ତରିକ ଭାବେ ଭଲ ପାଉଥିବା କାରଣରୁ ଓଡ଼ିଶାର ସ୍ଥାନୀୟ ଉତ୍ପାଦକୁ ପ୍ରଦର୍ଶିତ କରିବା ପାଇଁ ପୁଣି ଥରେ ବୈଶ୍ୱିକ ମଞ୍ଚ ଯୋଗାଇ ଦେଇଥିବାରୁ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ବିଶେଷ ଭାବେ ଓଡ଼ିଶାର କୃଷକମାନଙ୍କ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗଣପତି ବପ୍ପାଙ୍କୁ ଶହ ଶହ ଦୁବ ଅର୍ପଣ କରି ପୂଜାର୍ଚ୍ଚନା



ଖୋର୍ଦ୍ଧା, ୧୪।୯ (ସଂଚାର ବ୍ୟୁରୋ): ଆଜି ପବିତ୍ର ଗଣେଶ ଚତୁର୍ଥୀ। ଆଜି ମଧ୍ୟ ସୋମବାର। ବିଶ୍ୱାସ ରହିଛି ସୋମବାର ଦିନ ପ୍ରଭୁ ଗଜାନନଙ୍କୁ ଦୁବ ଓ ମୋଦକ ଅର୍ପଣ କରି ପୂଜା କଲେ ସିଦ୍ଧି ଲାଭ ହୁଏ। ଏହି ବିଶ୍ୱାସ ଓ ପରମ୍ପରାକୁ ଆଧାର କରି ଖୋର୍ଦ୍ଧାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଉପବାସ ରହି ଗଜାନନଙ୍କୁ ଭକ୍ତି ଅର୍ଘ୍ୟ ସହକାରେ ଦୁବ ଅର୍ପଣ କରି ପୂଜା କରିଥିଲେ। ସିଗମା ପବ୍ଲିକ ସ୍କୁଲ୍‌ର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀଙ୍କ ସମେତ ସମସ୍ତ ଶ୍ରଦ୍ଧାଳୁ ଗଜାନନଙ୍କ ମନ୍ତ୍ର ପାଠ କରି ନଡ଼ିଆ ଭାଙ୍ଗି, ପୁଷ୍ପାଞ୍ଜଳି ପ୍ରଦାନ କରି ଆଶିଷ ଭିକ୍ଷା କରିଥିଲେ। ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ମଣ୍ଡପରେ ମଧ୍ୟ ଗଣପତିଙ୍କ ପୂଜା ହୋଇଛି। ପ୍ରତି ଅନୁଷ୍ଠାନରେ ଗଣପତି ବପ୍ପାଙ୍କୁ ଆଗମନ ପାଇଁ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଛି। ପୁରୋହିତ ମନ୍ତ୍ର ପାଠ କରିବା ମାତ୍ରେ ଛାତ୍ରଛାତ୍ରୀ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ବିଶେଷକରି ସିଗମା ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଦୁବ ଅର୍ପଣ କରି ଗଜାନନଙ୍କୁ ପୂଜା କରିଥିଲେ। ୨୧ଟି ଦୁବକୁ ଏକାଠି କରି ଗୋଟିଏ ଗୋଟିଏ ବିଡ଼ା କରି ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଦୁବ ଫୁଲ ବିଡ଼ା ଅର୍ପଣ କରାଯାଇଥିଲା। ପବିତ୍ର ଗଣେଶ ପୂଜାରେ ଶିଶୁମାନେ ବିଦ୍ୟାରମ୍ଭ ଅନୁକୂଳ କରି ପାଠ ଆରମ୍ଭ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ବିଘ୍ନେଶ୍ୱରଙ୍କ ପୂଜା କରିବା ସହ ସମସ୍ତଙ୍କ ଆର୍ଶୀବାଦ କାମନା କରିଥିଲେ। ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି, ମାନସ ରଞ୍ଜନ ମହାପାତ୍ର, ବିରଞ୍ଚି ନାରାୟଣ ପଣ୍ଡା, ଦୀପ୍ତି ରଞ୍ଜନ ରଣା, ବସନ୍ତ କୁମାର ପଟ୍ଟନାୟକ, ବର୍ଣ୍ଣାଳୀ ମାଜୀ, ଶୁଭଦର୍ଶିନୀ ଦାସ, ସ୍ୱର୍ଣ୍ଣ ମହାପାତ୍ର ପୂଜା ପରିଚାଳନା କରିଥିଲେ।

## ରାଜ୍ୟରେ ୮୦% ମୃତ୍ୟୁର କାରଣ ଅସ୍ପଷ୍ଟ

■ ମାତ୍ର ୨୦% ମୃତ୍ୟୁରେ ମିଳୁଛି ଡାକ୍ତରୀ ପ୍ରମାଣପତ୍ର

■ ଏମସିସିଡି ରିପୋର୍ଟରୁ ଆସିଲା ସ୍ୱାସ୍ଥ୍ୟସେବାର ସଙ୍ଗୀନ ଚିତ୍ର

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ (ସଂଶୋଧନ) ଆଇନ-୨୦୨୩ ମାଧ୍ୟମରେ ସମସ୍ତ ସରକାରୀ ଓ ଘରୋଇ ଡାକ୍ତରଖାନା ତଥା ଚିକିତ୍ସା କରୁଥିବା ଡାକ୍ତରଙ୍କ ପାଇଁ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବାଧ୍ୟତାମୂଳକ କରାଯାଇଥିଲେ ସୁଦ୍ଧା ରାଜ୍ୟର ତୃଣମୂଳ ସ୍ତରରେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ, ଯେଉଁଥିପାଇଁ ରାଜ୍ୟରେ ପ୍ରତି ୧୦୦ଟି ମୃତ୍ୟୁ ମଧ୍ୟରୁ ପ୍ରାୟ ୮୦ଟି ମୃତ୍ୟୁର ଡାକ୍ତରୀ କାରଣ ଅସ୍ପଷ୍ଟ। କେନ୍ଦ୍ର ସରକାରଙ୍କ ଜନଗଣନା କମିଶନରଙ୍କ ଅଫିସ (ଓଆରଜିଆଇ) ପକ୍ଷରୁ 'ମେଡିକାଲ ସାର୍ଟିଫିକେସନ୍ ଅଫ କଜ୍ ଅଫ ଡେଥ (ଏମସିସିଡି)'ର ସଦ୍ୟତମ ବାର୍ଷିକ ରିପୋର୍ଟରୁ ଏଭଳି ସଙ୍ଗୀନ ଚିତ୍ର ପଦାକୁ ଆସିଛି। ଗତ ୨୦୨୪ ଜାନୁଆରୀ ୧ରୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମଗ୍ର ବର୍ଷର ପଞ୍ଜୀକୃତ ତଥ୍ୟକୁ ଆଧାର କରି ଜନଗଣନା କାର୍ଯ୍ୟାଳୟ ପକ୍ଷରୁ ଗତ ଜୁଲାଇ ମାସରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ, ୨୦୨୪ କ୍ୟାଲେଣ୍ଡର ବର୍ଷରେ ଓଡ଼ିଶାରେ ମୋଟ ୪ ଲକ୍ଷ ୧୫ ହଜାର ୫୩୧ ଜଣଙ୍କ ମୃତ୍ୟୁ ସିଭିଲ୍ ରେଜିଷ୍ଟ୍ରେସନ୍ ସିଷ୍ଟମରେ ପଞ୍ଜୀକୃତ ହୋଇଥିଲା। କିନ୍ତୁ ସେଥି ମଧ୍ୟରୁ ମାତ୍ର ୮୪,୫୬୨ ଜଣ ମୃତକଙ୍କ କ୍ଷେତ୍ରରେ ହିଁ ଡାକ୍ତରୀ କାରଣ ସହ ମୃତ୍ୟୁ ପ୍ରମାଣପତ୍ର ବା ମେଡିକାଲ୍ ସାର୍ଟିଫିକେସନ୍ ମିଳିପାରିଥିଲା। ଏହି ପ୍ରମାଣିତ ମୃତକଙ୍କ ମଧ୍ୟରେ ୫୦,୭୦୮ ଜଣ ପୁରୁଷ ଓ ୩୩,୮୫୪ ଜଣ ମହିଳା ଅଛନ୍ତି। ଓଡ଼ିଶାରେ ମୋଟ ପଞ୍ଜୀକୃତ ମୃତ୍ୟୁ ତୁଳନାରେ ମେଡିକାଲ୍ ସାର୍ଟିଫିକେସନ୍ ହାର ମାତ୍ର ୨୦.୪% ରହିଛି, ଯାହାର ଅର୍ଥ ହେଉଛି ବାକି ପ୍ରାୟ ୮୦% ମୃତ୍ୟୁ ବିନା କୌଣସି ଡାକ୍ତରୀ ପ୍ରମାଣପତ୍ରରେ ପଞ୍ଜୀକୃତ ହୋଇଛି। ରାଜ୍ୟରେ ଏହି ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା କେବଳ ସହରାଞ୍ଚଳ କିମ୍ବା ବଡ଼ ବଡ଼ ଡାକ୍ତରଖାନା ମଧ୍ୟରେ ହିଁ ସୀମିତ ରହିଛି। ଗ୍ରାମାଞ୍ଚଳରେ ଏହି ଡାକ୍ତରୀ ପ୍ରମାଣପତ୍ର ହାସଲ କରିବା ଅବା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବାର ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ରିପୋର୍ଟରୁ ଜଣାପଡ଼ିଛି। ବିଗତ ବର୍ଷଗୁଡ଼ିକର ତୁଳନାତ୍ମକ ବିବରଣୀରୁ ଜଣାପଡ଼ିଛି ଯେ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ୨୦୨୨ରେ ଓଡ଼ିଶାରେ ଏହି ହାର ୨୧.୯% ଓ ୨୦୨୩ରେ ୨୩.୪% ଥିବା ବେଳେ ୨୦୨୪ରେ ଏହା ୨୦.୪%କୁ ଖସିଆସିଛି। ଏହି ହ୍ରାସ ଯୋଗୁଁ ସମଗ୍ର ଦେଶର ୨୧ଟି ପ୍ରମୁଖ ବଡ଼ ରାଜ୍ୟ ତାଲିକାରେ ଓଡ଼ିଶାର ର୍‍ୟାଙ୍କିଙ୍ଗ୍ ୬ରୁ ୧୧କୁ ହ୍ରାସ ପାଇଛି। ସେହିପରି ଅନ୍ୟ ଏକ ସାଂଘାତିକ ଟ୍ରେଣ୍ଡ ହେଉଛି, ରାଜ୍ୟରେ ଡାକ୍ତରୀ ଭାବେ ପ୍ରମାଣିତ ହୋଇଥିବା ମୃତ୍ୟୁର କାରଣ ମଧ୍ୟରେ ସର୍ବାଧିକ ୨୮.୨ ପ୍ରତିଶତ ମୃତ୍ୟୁ ହୃଦ୍‌ରୋଗ ଯୋଗୁଁ ଘଟିଛି। ସେହିପରି ୧୭.୮ ପ୍ରତିଶତ ମୃତ୍ୟୁ କ୍ଷେତ୍ରରେ ଡାକ୍ତରୀ କାରଣ ଅସ୍ପଷ୍ଟ ଲକ୍ଷଣ ବା ଅଜ୍ଞାତ ବୋଲି ଦର୍ଶାଯାଇଛି। ଏସବୁ ବ୍ୟତୀତ ଶ୍ୱାସକ୍ରିୟାଜନିତ ରୋଗରେ ୮.୯%, ସଂକ୍ରାମକ ରୋଗରେ ୮.୪%, ମୂତ୍ର ଓ ପ୍ରଜନନ ପ୍ରଣାଳୀ ରୋଗରେ ୪.୭% ଓ ପାଚନଜନିତ ରୋଗରେ ୪.୧%, କର୍କଟ ରୋଗରେ ୪.୯%, ମଧୁମେହ ଯୋଗୁ ୩% ଓ ଦୁର୍ଘଟଣା ଓ ବିଷକ୍ରିୟା ଭଳି ବାହ୍ୟ କାରଣରୁ ୩.୮% ମୃତ୍ୟୁ ରେକର୍ଡ କରାଯାଇଛି।

ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ଅଧ୍ୟୟନ ରିପୋର୍ଟ

# ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ: ୨୫ ବର୍ଷରେ ମରିଛନ୍ତି ୧୬୭୧ ହାତୀ

■ ମୃତ୍ୟୁବରଣ କରିଛନ୍ତି ୧୬୭୭ ଜଣ

■ ସର୍ବାଧିକ ପ୍ରଭାବିତ ଢେଙ୍କାନାଳ ଜିଲ୍ଲା

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ): ୨୦୦୦ରୁ ୨୦୨୫ ମସିହା ଏହି ୨୫ ବର୍ଷ ମଧ୍ୟରେ ଓଡ଼ିଶାରେ ହାତୀ-ମଣିଷ ସଂଘର୍ଷରେ ରାଜ୍ୟରେ ମୋଟ ୧, ୬୭୧ଟି ହାତୀଙ୍କର ମୃତ୍ୟୁ ଘଟିଛି। ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ (ଡବ୍ଲୁଆଇଆଇ) ଓ ପ୍ରୋଜେକ୍ଟ ଏଲିଫେଣ୍ଟର ମିଳିତ ସହଯୋଗରେ ପ୍ରସ୍ତୁତ ଏକ ୨୫ ବର୍ଷିଆ ଆକଳନରୁ ଏହି ଚାଞ୍ଚଲ୍ୟକର ରିପୋର୍ଟ ସାମ୍ନାକୁ ଆସିଛି। ରାଜ୍ୟର ୪୫ଟି ବନ ବିଭାଗର ସରକାରୀ ତଥ୍ୟକୁ ଅଧ୍ୟୟନ କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।



ରିପୋର୍ଟ ଅନୁଯାୟୀ, ମୋଟ ମୃତ୍ୟୁରୁ ପ୍ରାୟ ୩୦ ପ୍ରତିଶତ ଅର୍ଥାତ୍ ୫୦୮ଟି ହାତୀଙ୍କ ମୃତ୍ୟୁ ମାନବକୃତ କାରଣରୁ ହୋଇଛି। ଏଥିମଧ୍ୟରୁ ବିଦ୍ୟୁତ ଆଘାତ ହାତୀଙ୍କ ପାଇଁ ସବୁଠାରୁ ବଡ଼ ବିପଦ ହୋଇଛି। ବାକି ମୃତ୍ୟୁଗୁଡ଼ିକ ରୋଗ, ପ୍ରାକୃତିକ ଦୁର୍ଘଟଣା ଓ ପରସ୍ପର ମଧ୍ୟରେ ଲଢ଼େଇ ଭଳି ପ୍ରାକୃତିକ କାରଣରୁ ଘଟିଥିବା ରିପୋର୍ଟ କହିଛି। ମୃତ ହାତୀମାନଙ୍କ ମଧ୍ୟରେ ୩୨୮ଟି ବୟସ୍କ ମାଈ ହାତୀ, ୨୮୩ଟି ବୟସ୍କ ଅଣ୍ଡିରା ହାତୀ, ୨୬୯ଟି ଯୁବ ହାତୀ (ସବ-ଆଡଲ୍ଟ), ୨୨୨ଟି ଛୁଆ ଓ ୨୪୬ଟି ନବଜାତକ ହାତୀଶିଶୁ ରହିଛନ୍ତି। ୩୨୩ଟି କ୍ଷେତ୍ରରେ ହାତୀଙ୍କ ପ୍ରକୃତ ବୟସ ଜଣାପଡ଼ିନାହିଁ।

୨୦୦୦ରୁ ୨୦୨୫ ମଧ୍ୟରେ ରାଜ୍ୟରେ ୨, ୨୪୨ଟି ମାନବ-ହାତୀ ସଂଘର୍ଷ ଘଟଣା ଘଟିଛି। ଏଥିରେ ୨୪୪ଟି ଗ୍ରାମରେ ୧, ୬୭୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୬୫ ଜଣ ଆହତ ହୋଇଛନ୍ତି। କେବଳ ୨୦୨୩ ମସିହାରେ ସର୍ବାଧିକ ୨୪୩ଟି ସଂଘର୍ଷ ଘଟଣା ଘଟିଥିଲା, ଯେଉଁଥିରେ ୧୭୫ ଜଣଙ୍କର ମୃତ୍ୟୁ ଘଟିଥିଲା ଓ ୬୮ ଜଣ ଆହତ ହୋଇଥିଲେ।

ଏହି ସଂଘର୍ଷରେ ଢେଙ୍କାନାଳ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ସର୍ବାଧିକ ୩୫୫ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି କେନ୍ଦୁଝରରେ ୧୫୫, ରାଉରକେଲାରେ ୧୪୦, ଅନୁଗୁଳରେ ୧୪୧ ଏବଂ ଖୋର୍ଦ୍ଧାରେ ୪୫ ଜଣଙ୍କର ମୃତ୍ୟୁ ଘଟିଛି। ଏହାବ୍ୟତୀତ ବାରିପଦା, ବଣାଇ, ସୁନ୍ଦରଗଡ଼, ଦେବଗଡ଼ ଓ ରେଢ଼ାଖୋଲ ଅଞ୍ଚଳରେ ମଧ୍ୟ ବହୁସଂଖ୍ୟକ ମାନବ ଜୀବନହାନି ଘଟିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ଖଣି ଆଖପାଖ ଅଞ୍ଚଳରେ ହାତୀଙ୍କ ମୃତ୍ୟୁର ସମ୍ଭାବନା ସବୁଠାରୁ ଅଧିକ ରହିଛି ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ତେବେ କୌଣସି ନିର୍ଦ୍ଦିଷ୍ଟ ଖଣି କିମ୍ବା ରେଳଲାଇନ୍ ପାଇଁ ସିଧାସଳଖ ହାତୀ ମୃତ୍ୟୁ ହେଉଛି ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇନାହିଁ।

# ନିରାମୟରେ ମାଗଣା ଔଷଧ ଥାଇ ବି ମିଳୁନି

### ବାହାରୁ କିଣି ଖର୍ଚ୍ଚାନ୍ତ ହେଉଛନ୍ତି ରୋଗୀ

### କାଉଣ୍ଟରରେ କ୍ଲୋଜ ବୋର୍ଡ ପକାଇ ଫେରାର ହେଉଛନ୍ତି ସ୍ଥାୟୀ କର୍ମଚାରୀ

### ମନଇଚ୍ଛା ଡ୍ୟୁଟିରେ କର୍ମଚାରୀ



**କାକଟପୁର/ଅସ୍ତରଙ୍ଗ,୧୪।୯ (ସଂଚାର ବ୍ୟୁରୋ):** ସରକାର ଡିଣ୍ଡିମ ପିଟୁଛନ୍ତି - ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା, ନିରାମୟରେ ମାଗଣା ଔଷଧ। ହେଲେ ବାସ୍ତବସ୍ତରର ଚିତ୍ର ସମ୍ପୂର୍ଣ୍ଣ ଓଲଟା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ସ୍ୱାସ୍ଥ୍ୟ ସେବା ନାଁରେ ଚାଲିଛି ଖୋଲା ମନମାନୀ। ନିୟମ କାନୁନକୁ ଫୁ କରି ଉଡାଇ ଦେଉଛନ୍ତି କିଛି କର୍ମଚାରୀ। ଫଳ ଭୋଗୁଛନ୍ତି ୧୫ଟି ପଞ୍ଚାୟତର ଲକ୍ଷାଧିକ ଗରିବ, ଅସହାୟ ରୋଗୀ।

ଅସ୍ତରଙ୍ଗ ବ୍ଲକର ପ୍ରାୟ ୧୫ଟି ପଞ୍ଚାୟତ ସମେତ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ଚିକିତ୍ସା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହିଁ ଏକମାତ୍ର ଭରସା। ପ୍ରତିଦିନ ବିଭିନ୍ନ ବିଭାଗରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଏଠାରେ ପହଞ୍ଚିଲା ପରେ ରୋଗୀଙ୍କୁ ସାମ୍ନା କରିବାକୁ ପଡୁଛି ନାନା ହଇରାଣ। କର୍ମଚାରୀ ଅଛନ୍ତି ସତ, ହେଲେ କିଏ କେତେବେଳେ ଆସୁଛନ୍ତି, କେତେବେଳେ ଯାଉଛନ୍ତି ତାର କୌଣସି ଠିକଣା ନାହିଁ। ସବୁଠୁ ଆଶ୍ଚର୍ଯ୍ୟ କଥା ସରକାରୀ ନିୟମ ଅନୁସାରେ ନିରାମୟ କେନ୍ଦ୍ର ବାହାରେ କର୍ମଚାରୀଙ୍କ ଫଟୋ ସହ ଡ୍ୟୁଟି ଚାର୍ଟ ଲାଗିବା ବାଧ୍ୟତାମୂଳକ, ହେଲେ ଅସ୍ତରଙ୍ଗରେ ଆଜି ପର୍ଯ୍ୟନ୍ତ ସେ ଚାର୍ଟ ଲାଗି ପାରିନାହିଁ। ଫଳରେ କେଉଁ ଫାର୍ମାସିଷ୍ଟ ଡ୍ୟୁଟିରେ ଅଛନ୍ତି ତାହା ରୋଗୀ ଜାଣି ପାରୁନାହାଁନ୍ତି।

ଅଭିଯୋଗ ଅନୁସାରେ ଅନେକ ସମୟରେ ଫାର୍ମାସୀ ଛାତ୍ରଛାତ୍ରୀମାନେ କାଉଣ୍ଟର ସମ୍ଭାଳୁଛନ୍ତି, ଆଉ ସ୍ଥାୟୀ କର୍ମଚାରୀ କ୍ଲୋଜ ବୋର୍ଡ ପକାଇ ବୁଲିବାକୁ ଚାଲି ଯାଉଛନ୍ତି। ଦ୍ୱିତୀୟ ସାଂଘାତିକ ଅଭିଯୋଗ ଔଷଧକୁ ନେଇ। ନିରାମୟ ଯୋଜନାରେ ଓଡିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ବହୁ ଜୀବନ ରକ୍ଷାକାରୀ ଔଷଧ ମାଗଣାରେ ଯୋଗାଇ ଦିଆଯାଉଛି। ସମସ୍ତ ଔଷଧର ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ହେଲେ ଏଠି ସେ ଚାର୍ଟ ମଧ୍ୟ ନାହିଁ। ଫଳରେ ରୋଗୀଙ୍କୁ କୁହାଯାଉଛି 'ନିରାମୟରେ ଔଷଧ ନାହିଁ, ବାହାରୁ କିଣ'। ରୋଗୀ ବାହାରୁ ଔଷଧ କିଣି ଶହ ଶହ ଟଙ୍କା ଖର୍ଚ୍ଚାନ୍ତ ହେଉଛନ୍ତି। ଅନେକ ଗରିବ ଲୋକ ପଇସା ଅଭାବରୁ ବିନା ଔଷଧରେ ଘରକୁ ଫେରୁଛନ୍ତି।

ଏ ନେଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସୁକାନ୍ତ ଚନ୍ଦ୍ର ରଥ କହିଛନ୍ତି, ଏ ଅବହେଳା ସମ୍ପର୍କରେ ଜାଣିଲି, ମୁଁ ଅଚାନକ ଅସ୍ତରଙ୍ଗ ଗସ୍ତ କରିବି। ଯଦି ଅବହେଳା ପ୍ରମାଣିତ ହୁଏ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିରାମୟ ଔଷଧ ଚାର୍ଟ ଓ ଡ୍ୟୁଟି ଚାର୍ଟ ତୁରନ୍ତ ଲଗାଯିବ ଓ ନିୟମିତ ତଦାରଖ କରାଯିବ।

## ଦାଦନ ଖଟିବାକୁ ଯାଇ ଯୁବକ ମୃତ

### ତଦନ୍ତ ସହ କ୍ଷତିପୂରଣ ଦାବି



**ନାରାୟଣପାଟଣା,୧୪।୯ (ସଂଚାର ବ୍ୟୁରୋ):** ଦାଦନ ଖଟିବାକୁ ତାମିଲନାଡୁ ଯାଇଥିବା କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅଧୀନ ଗାରିଆଘାଟ ସାହିର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଆପାରାଓ ଖରାଙ୍କ ଜ୍ୟେଷ୍ଠ ପୁଅ ତପନ ଖରା (୨୮)। ତପନଙ୍କ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଦାବି ହୋଇଛି।

ସୂଚନା ଅନୁସାରେ, ତପନ କିଛିଦିନ ହେଲା ତାମିଲନାଡୁର ତ୍ରିପୁର ଅଞ୍ଚଳର କାଙ୍ଗିଆମ୍ବ ଗାଁରେ ଥିବା ଏକ ଘରୋଇ କମ୍ପାନୀରେ ରଙ୍ଗ କାମ କରୁଥିଲେ। ସେଠାରେ ସେ ଶ୍ରମିକ ଭାବେ କାମ କରି ପରିବାର ଚଳାଉଥିଲେ। ତାଙ୍କର ଦୁଇଟି ସନ୍ତାନ ଥିବା ଜଣାପଡ଼ିଛି।

ଗତ ରାତି ପ୍ରାୟ ୧ଟା ସମୟରେ ତପନ ପରିଶ୍ରା କରିବା ପାଇଁ ବାହାରକୁ ଯାଇଥିଲେ। ତେବେ ଦୀର୍ଘ ସମୟ ପରେ ମଧ୍ୟ ସେ ଫେରିନଥିଲେ। ପରେ ସାଥୀ ଶ୍ରମିକମାନେ ତାଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଫୋନ୍ ଯୋଗେ ସୂଚନା ଦେଇଥିଲେ। ଖବର ପାଇ ପରିବାର ଲୋକଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

ତପନଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ଏଥିରେ କୌଣସି ଅଘଟଣ କିମ୍ବା ଅନ୍ୟ କାରଣ ଥାଇପାରେ ବୋଲି ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ତେଣୁ ଘଟଣାର ସଠିକ୍ ତଦନ୍ତ କରି ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବାକୁ ପରିବାର ପକ୍ଷରୁ ଦାବି ହୋଇଛି। ଏଥିସହ ଦାଦନ ଶ୍ରମିକ ତପନଙ୍କ ମୃତଦେହକୁ ତୁରନ୍ତ ତାଙ୍କ ଗାଁକୁ ଫେରାଇ ଆଣିବା ସହ ଅସହାୟ ପରିବାରକୁ ସରକାରୀ ନିୟମାନୁସାରେ ଆବଶ୍ୟକ କ୍ଷତିପୂରଣ ଓ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଦମ୍ପତିଙ୍କୁ ପନିକିରେ ହାଣି ଲୁଟ ଉଦ୍ୟମ, ଦୁର୍ବୃତ୍ତ ଗିରଫ

● ଝିଅ ଜନ୍ମଦିନ କେକ୍ ନେଇ ବଜାରରୁ ଫେରୁଥିଲେ



**କାକଟପୁର/ଅସ୍ତରଙ୍ଗ,୧୪।୯ (ସଂଚାର ବ୍ୟୁରୋ):** ସେମାନେ ଭାବିଥିଲେ ଆଜି ଝିଅର ଜନ୍ମଦିନ ପାଳିବେ। ହାତରେ କେକ୍, ମନରେ ଖୁସି। ହେଲେ ସେମାନେ ଜାଣି ନଥିଲେ ସେହି ଖୁସିର ବାଟରେ ମୃତ୍ୟୁ ଛକି ବସିଛି ବୋଲି, ଯାହାକି ଅଘଟଣ ହେବ । ପୁରୀ ଜିଲ୍ଲା କାକଟପୁର ଥାନା ବାଉରିଆକଣ-ରସୁଲପୁର କେନାଲର ନିଛାଟିଆ ନାଳ ନିକଟରେ ରବିବାର ସନ୍ଧ୍ୟାରେ ଘଟିଛି ଏମିତି ହୃଦୟ ଥରାଇ ଦେଲା ଭଳି ଘଟଣା।

ଅଭିଯୋଗକାରୀ ହେଉଛନ୍ତି ଅସ୍ତରଙ୍ଗ ବ୍ଲକ ଓସିଆଁ ଗ୍ରାମର ଲିଟୁ ମହାନ୍ତି(୪୪)। ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସେ ନିଜ ପତ୍ନୀଙ୍କ ସହ ବାଇକ୍ ଯୋଗେ କାକଟପୁର ବଜାରରୁ ଝିଅ ପାଇଁ ଜନ୍ମଦିନ କେକ୍ ନେଇ ଘରକୁ ଫେରୁଥିଲେ। ବାଉରିଆକଣ ନାଳ ନିକଟ ବୁଦା ମୂଳରେ ପୂର୍ବରୁ ଲୁଚି ରହିଥିଲା ଅଭିଯୁକ୍ତ। ଅନ୍ଧାରରେ ଦମ୍ପତିଙ୍କ ବାଇକ୍ ଦେଖିବା ମାତ୍ରେ ହଠାତ୍ ବାଇକ୍ ସାମ୍ନାକୁ ଆସି ବେଆଇନ ଭାବେ ଅଟକ ରଖିଥିଲା। ପତ୍ନୀଙ୍କୁ ଗାଳିଗୁଲଜ କରି ଧାରୁଆ ଲୁହା ପନିକିରେ ମରଣାନ୍ତକ ଆକ୍ରମଣ କରିଥିଲା। ସ୍ୱାମୀଙ୍କ ବେକ ପଛ ପାର୍ଶ୍ୱରେ ଗଭୀର କ୍ଷତ ଓ ସ୍ତ୍ରୀଙ୍କ ହାତରେ ଶକ୍ତ ଆଘାତ ଲାଗି ଉଭୟ ରକ୍ତାକ୍ତ ହୋଇ ତଳେ ପଡି ଯାଇଥିଲେ। ଏହା ପରେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଉଦ୍ଦେଶ୍ୟ ଥିଲା କେବଳ ଲୁଟ୍। ହେଲେ ଏଠି ହିଁ କାହାଣୀ ବଦଳି ଗଲା। ରକ୍ତ ବୋହି ଯାଉଥିଲେ ବି ଲିଟୁ ହାର୍ ମାନିନଥିଲେ। ସେ ଉପସ୍ଥିତ ବୁଦ୍ଧି ଦେଖାଇ ଜୋରରେ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମର ଲୋକେ ଦୌଡି ଆସି ଦୁର୍ବୃତ୍ତକୁ ମାଡି ବସି କାବୁ କରିଥିଲେ। ଖବର ପାଇ କାକଟପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାରଣାସ୍ତ୍ର ପନିକି ଜବତ କରିଥିଲା। ଏ ନେଇ କାକଟପୁର ଥାନା କେସ୍ ନଂ-୩୩୩/୨୬ ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ହେଉଛି ରସୁଲପୁର ଗାଁ ନିକଟ ଖାନପୁର ଗ୍ରାମର ଜାବେଦ ଆଖତାର ଖାନ(୨୮)। ତାକୁ ସୋମବାର ଅପରାହ୍ନରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ମିଥ୍ୟା ପ୍ରମାଣପତ୍ର ହେଲା କାଳ

## ଚାକିରିରୁ ବହିଷ୍କୃତ ହେଲେ ଅଙ୍ଗନବାଡି ସହାୟିକା

**ନୀଳଗିରି,୧୪।୯ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅଧିନସ୍ଥ ଈଶ୍ୱରପୁର ପଂଚାୟତ ଅଣ୍ଡରା ଗ୍ରାମରେ ଅଙ୍ଗନବାଡି ସହାୟିକା ସୁଶୀଳା ମହାନ୍ତି ଭାବେ ଦୀର୍ଘ ୨୮ ବର୍ଷ ଧରି ମିଥ୍ୟା ପ୍ରମାଣ ପତ୍ର ଦେଇଚାକିରୀ କରି ଆସୁଥିଲେ। ସେହି ଗ୍ରାମର ପ୍ରଫୁଲ୍ଲ ପାଣିଗ୍ରାହୀ ସୂଚନାଅଧିକାର ତଥ୍ୟ ମାଗିଲା ପରେ ସତ ସାମ୍ନାକୁ ଆସିଲା ଥିଲା। ଡେରିରେ ହେଲେ ବି ଅଭିଯୋଗର ଏକ ବର୍ଷ ପରେ ଅଭିଯୁକ୍ତା ଅଙ୍ଗନବାଡି ସହାୟିକା ସୁଶୀଳା ମହାନ୍ତିଙ୍କୁ ମିଥ୍ୟାପ୍ରମାଣ ପତ୍ର ଏବଂ ଶିକ୍ଷାଗତ ଯୋଗ୍ୟତା ମିଥ୍ୟା ପ୍ରମାଣିତ ହେଲା ପରେ ଗତ ୮.୯.୨୦୨୬ ରିଖରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ନିର୍ଦ୍ଦେଶରେ ଔପଦା ବ୍ଲକ ସିଡିପିଓ ପୂର୍ଣ୍ଣିମା ପଟେଲ ଅଙ୍ଗନବାର୍ଡ କର୍ମୀ ସୁଶୀଳା ମହାନ୍ତିଙ୍କୁ ଚାକିରିରୁ ବହିସ୍କୃତ କରିଛନ୍ତି।

## ଭାରସାମ୍ୟ ହରାଇ ଗଛକୁ ପିଟିଲା ବାଇକ୍, ଆରୋହୀ ଗୁରୁତର



**ନିଳଗିରି,୧୪।୯ (ସଂଚାର ବ୍ୟୁରୋ):** ନିଳଗିରି ଏନଏସି ଅଧିନସ୍ଥ୨ନମ୍ବର ୱାର୍ଡ ଘାଟଘରସାହି ଛକ ନିକଟରେ ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ଏକ ଗଛକୁ ବାଡେଇବାରୁ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ସଙ୍ଗେ ସଙ୍ଗେ କଟକର ଘରୋଇ ମେଡିକାଲକୁ ପରିବାର ଲୋକେ ନେଇ ଥିବାର ଜଣାପଡିଛି। ସୂଚନା ଅନୁଯାୟୀ ନିଳଗିରି ଏନ୍ଏସିର ୫ନମ୍ବର ୱାର୍ଡବରିସାହି ଗ୍ରାମର ବୈଷ୍ଣବ ବୈଠାର ପୁଅ ମାନୁ ବୈଠା(୩୬) ନିଜ ବାଇକରେ ଦୁଇ ସାଙ୍ଗଙ୍କୁ ବସାଇ ଅପରାହ୍ନ ୪ଟା ସମୟ ରେ ସଜନାଗଡ଼ ଆଡୁ ନିଳଗିରି ଆସୁଥିବା ବେଳେ ଘାଟଘର ସାହି ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛକୁ ବଡେଇବାରୁ ଦୁର୍ଘଟଣା ହୋଇଥିଲା।

## ରାଷ୍ଟ୍ରପତି ଭବନରେ ପ୍ରଦର୍ଶିତ ହେବ କଳାହାଣ୍ଡିର ବୀରବାଦ୍ୟ ଘୁମୁରା



**କେସିଙ୍ଗା,୧୪।୯ (ସଂଚାର ବ୍ୟୁରୋ):** ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉତ୍ସବ ପାଳନ ହେବାକୁ ଯାଉଛି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି ଓ ଲୋକନୃତ୍ୟକୁ ରାଷ୍ଟ୍ରପତି ଭବନରେ ପ୍ରଦର୍ଶନ କରାଯିବ। ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ନୂଆଁଖାଇ ପାଳନ କରାଯିବ ବୋଲି ସୂଚନା ମିଳିଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପରିଚାଳିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ପାଞ୍ଚଟି ସାଂସ୍କୃତିକ ଦଳ ସାମିଲ ହେବାକୁ ଥିବା ବେଳେ କଳାହାଣ୍ଡି ଜିଲ୍ଲାର ପାରମ୍ପରିକ ଘୁମୁରା ନୃତ୍ୟକୁ ମଧ୍ୟ ସ୍ଥାନ ମିଳିଛି।

କଳାହାଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନ'ର ୧୪ ଜଣିଆ ଘୁମୁରା ନୃତ୍ୟଶିଳ୍ପୀ ଦଳ ରାଷ୍ଟ୍ରପତି ଭବନରେ ନୂଆଁଖାଇ ଅବସରରେ ଘୁମୁରା ନୃତ୍ୟ ପରିବେଷଣ କରିବେ। ଏହା ମାଧ୍ୟମରେ କଳାହାଣ୍ଡିର ପାରମ୍ପରିକ ବୀରବାଦ୍ୟ ଘୁମୁରା ଜାତୀୟସ୍ତରରେ ଆଉ ଏକ ନୂଆ ପରିଚୟ ପାଇବାର ସୁଯୋଗ ପାଇବ ବୋଲି ସାଂସ୍କୃତିକ ମହଲରେ ଆଶା ପ୍ରକାଶ ପାଇଛି।

ଏନେଇ ନୃତ୍ୟ ସାଗର ସାଂସ୍କୃତିକ ଅନୁଷ୍ଠାନର ସଂଯୋଜକ ଶ୍ରୀ ଜିତେନ୍ଦ୍ର କୁମାର ଭୋଇ ସୂଚନା ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି ଭବନ ଭଳି ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚରେ ମହାମହିମ ରାଷ୍ଟ୍ରପତିଙ୍କ ସମ୍ମୁଖରେ କଳାହାଣ୍ଡିର ବୀରବାଦ୍ୟ ଘୁମୁରା ପରିବେଷଣ କରିବା ଅନୁଷ୍ଠାନର କଳାକାରମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।

କଳାହାଣ୍ଡିର ଲୋକକଳା ଓ ପାରମ୍ପରିକ ସଂସ୍କୃତିର ଏକ ପ୍ରମୁଖ ପରିଚୟ ଭାବେ ଘୁମୁରାର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଷ୍ଟ୍ରପତି ଭବନରେ ଏହାର ପରିବେଷଣ କେବଳ କଳାକାରମାନଙ୍କ ପାଇଁ ନୁହେଁ, ସମଗ୍ର କଳାହାଣ୍ଡି ଜିଲ୍ଲା ପାଇଁ ଗର୍ବର ମୁହୂର୍ତ୍ତ ବୋଲି ମତ ପ୍ରକାଶ ପାଇଛି।

ନୂଆଁଖାଇ ଭଳି ଏକ ଗଣପର୍ବକୁ ରାଷ୍ଟ୍ରପତି ଭବନରେ ପାଳନ କରାଯିବା ସହ ଓଡ଼ିଶାର ବିଭିନ୍ନ ଲୋକକଳାକୁ ଜାତୀୟ ମଞ୍ଚରେ ପ୍ରଦର୍ଶନ କରାଯିବା ଦ୍ୱାରା ଓଡ଼ିଆ ସଂସ୍କୃତିର ବିବିଧତା ଓ ସମୃଦ୍ଧ ପରମ୍ପରା ଆହୁରି ବ୍ୟାପକ ଭାବେ ପରିଚିତ ହେବ ବୋଲି ସାଂସ୍କୃତିକପ୍ରେମୀମାନେ ଆଶା ରଖିଛନ୍ତି।

● କର୍ତ୍ତବ୍ୟ ଓ ଆତ୍ମୀୟତାର ସୁନ୍ଦର ସମନ୍ୱୟ

## ଜେଟୁଗୁଡ଼ା ସ୍କୁଲରେ ଛାତ୍ରଛାତ୍ରୀଙ୍କ ସହ ଗଣେଶ ପୂଜା ମନେଇଲେ ବିଧାୟକ



**ନବରଙ୍ଗପୁର,୧୪।୯ (ସଂଚାର ବ୍ୟୁରୋ):** ରାଜନୀତି ଓ ଜନସେବାର ବ୍ୟସ୍ତବହୁଳ ଜୀବନ ଭିତରେ ମଧ୍ୟ ସାଧାରଣ ସମ୍ପର୍କ ଏବଂ କର୍ତ୍ତବ୍ୟର ଏକ ଆଦର୍ଶ ଉଦାହରଣ ଦେଖିବାକୁ ମିଳିଛି ଜେଟୁଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ। ନବରଙ୍ଗପୁରର ମାନ୍ୟବର ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ ଏହି ସ୍କୁଲ ପରିଦର୍ଶନ କରି କୋମଳମତି ଶିଶୁ ଏବଂ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଅତ୍ୟନ୍ତ ଆନନ୍ଦର ସହିତ ଗଣେଶ ପୂଜା ପାଳନ କରିଛନ୍ତି।

ଏହି କାର୍ଯ୍ୟକ୍ରମର ସବୁଠାରୁ ଭାବପୂର୍ଣ୍ଣ କଥା ହେଉଛି, ବିଧାୟକଙ୍କ ସହଧର୍ମିଣୀ ଏହି ବିଦ୍ୟାଳୟରେ ଜଣେ କର୍ତ୍ତବ୍ୟରତ ଶିକ୍ଷୟିତ୍ରୀ ଭାବେ ନିଜର ସେବା ପ୍ରଦାନ କରୁଛନ୍ତି। ଜଣେ ଜନପ୍ରତିନିଧି ଭାବେ ନୁହେଁ, ବରଂ ପରିବାରର ଜଣେ ସଦସ୍ୟ ଭଳି ବିଧାୟକ ସ୍କୁଲର ପିଲାମାନଙ୍କ ଗହଣରେ ବସି ପ୍ରସାଦ ସେବନ କରିବା ସହ ସେମାନଙ୍କ ସହ ସମୟ ବିତାଇଥିଲେ। ପତ୍ନୀଙ୍କ ଶିକ୍ଷାଦାନ କ୍ଷେତ୍ରରେ ଥିବା ସମର୍ପଣ ଏବଂ ଅନ୍ୟ ଶିକ୍ଷକମାନଙ୍କ ନିଷ୍ଠାକୁ ସେ ସମ୍ମାନ ଜଣାଇଥିଲେ। ସରଳତା, ସାମାଜିକ ମୂଲ୍ୟବୋଧ ଏବଂ ପାରିବାରିକ ସ୍ନେହର ଏହି ଅନୁପମ ଦୃଶ୍ୟ ଆଜି ଦେଖିବାକୁ ମିଳିଛି।

### ମାଗଣା ଫିଜିଓଥେରାପି କ୍ୟାମ୍ପ

## ଚିକିତ୍ସା ସେବା ପାଇଲେ ୫୦ରୁ ଉର୍ଦ୍ଧ୍ୱ ରୋଗୀ



**ସତ୍ୟବାଦୀ,୧୪।୯ (ସଂଚାର ବ୍ୟୁରୋ):** ସତ୍ୟବାଦୀ ସ୍ଥିତ ଜୟଶ୍ରୀରାମ କଂପ୍ଲେକ୍ସ ପରିସରରେ ବ୍ଲୁ ହ୍ୱିଲ ଫିଜିଓଥେରାପି କ୍ଲିନିକ୍ ଆନୁକୂଲ୍ୟରେ ଏକ ମାଗଣା ଫିଜିଓଥେରାପି କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କ୍ୟାମ୍ପରେ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦେଇ ମାଗଣା ଚିକିତ୍ସା ଓ ପରାମର୍ଶ ନେଇଥିବା ଜଣାପଡ଼ିଛି। ବିଶେଷକରି ଆଣ୍ଠୁ, ଗଣ୍ଠି, ପିଠି ଓ ବେକ ଯନ୍ତ୍ରଣାରେ ପୀଡ଼ିତ ରୋଗୀମାନେ କ୍ୟାମ୍ପରେ ଯୋଗଦେଇ ଚିକିତ୍ସା ସେବା ଗ୍ରହଣ କରିଥିଲେ।

କ୍ୟାମ୍ପକୁ କଟକ ଏସ୍‌ସିବି ମେଡିକାଲ କଲେଜର ସର୍ଜରୀ ବିଭାଗ ଆସୋସିଏଟ୍ ପ୍ରଫେସର ଡା. ଜ୍ୟୋତିର୍ମୟ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡା. ଆକାଶଦୀପ ଶର୍ମା (ପି.ଟି.), ଡା. ଶଶାଙ୍କ ତ୍ରିପାଠୀ, ଡା. ଆୟୁଷ ତ୍ରିପାଠୀ ଓ ଡା. ଧନଞ୍ଜୟ ମିଶ୍ର ଉପସ୍ଥିତ ରହି ରୋଗୀମାନଙ୍କୁ ଚିକିତ୍ସା ଓ ପରାମର୍ଶ ପ୍ରଦାନ କରିଥିଲେ। କ୍ୟାମ୍ପ ପରିଚାଳନାରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ମୃତ୍ୟୁକୁ ନିମନ୍ତ୍ରଣ ଦେଉଛି ୪୪୦ ଭୋଲ୍ଟର ଖୋଲା ବିଦ୍ୟୁତ୍ ତାର

### ମାତ୍ର ୭ ଫୁଟ ଉଚ୍ଚରେ ଝୁଲୁଛି ତାର, ବାଉଁଶ ପତ୍ର ଛୁଇଁଲେ ଲାଗୁଛି ଝଟକା



**ମାଲକାନଗିରି,୧୪।୯ (ସଂଚାର ବ୍ୟୁରୋ):** ରାସ୍ତା ପାର୍ଶ୍ୱରେ ମାତ୍ର ପ୍ରାୟ ୭ ରୁ ୮ ଫୁଟ ଉଚ୍ଚରେ ଝୁଲୁଛି ଉଚ୍ଚମାନର ଖୋଲା ବିଦ୍ୟୁତ୍ ତାର। ତାର ନିକଟରେ ଥିବା ବାଉଁଶ ଗଛର ପତ୍ର କିମ୍ବା ଡାଳ ତାର ସଂସ୍ପର୍ଶରେ ଆସିଲେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ଅଭିଯୋଗ। ଏପରିକି ରାସ୍ତାରେ ଯାଉଥିବା ଗାଡ଼ି କିମ୍ବା ମୋଟରସାଇକେଲ୍ ଚାଳକଙ୍କ ଦେହରେ ବାଉଁଶ ପତ୍ର ବା ଡାଳ ବାଜିଲେ ବିଦ୍ୟୁତ୍ ଝଟକା ଲାଗୁଥିବା ନେଇ ସ୍ଥାନୀୟ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି।

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି-୬୬ ନିକଟ ଏନ୍‌ଏଚ୍-୩୨୬ ପାର୍ଶ୍ୱରେ ଏଭଳି ବିପଦଜନକ ପରିସ୍ଥିତି ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଠାରେ ତାର ଅତ୍ୟନ୍ତ କମ୍ ଉଚ୍ଚତାରେ ରହିଥିବା ବେଳେ ଏଥିରେ ୪୪୦ ଭୋଲ୍ଟ ବିଦ୍ୟୁତ୍ ପ୍ରବାହିତ ହେଉଛି। ରାସ୍ତାରେ ଦୈନିକ ଶତାଧିକ ଗାଡ଼ି ଓ ମୋଟରସାଇକେଲ୍ ଯାତାୟାତ କରୁଥିବାରୁ ଏହା ଯେକୌଣସି ସମୟରେ ଗୁରୁତର ଦୁର୍ଘଟଣାର କାରଣ ହୋଇପାରେ ବୋଲି ଲୋକେ ଆଶଙ୍କା କରୁଛନ୍ତି।

ଏନେଇ ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ରବିବାର ବିଭାଗୀୟ କର୍ମଚାରୀଙ୍କ ଗାଡ଼ି ଘଟଣାସ୍ଥଳ ଦେଇ ଯାଇଥିଲେ ମଧ୍ୟ ବାଉଁଶ ଗଛ କାଟିବା କିମ୍ବା ବିଦ୍ୟୁତ୍ ତାରକୁ ସୁରକ୍ଷିତ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଇନଥିବା ସ୍ଥାନୀୟ ଲୋକେ କହିଛନ୍ତି।

ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବିପଦ ସମ୍ପର୍କରେ ଜଣାଇବା ପରେ ମଧ୍ୟ ଯଦି ସମୟୋଚିତ ପଦକ୍ଷେପ ନିଆନଯାଏ, ତେବେ କୌଣସି ଅଘଟଣ ଘଟିଲେ ଦାୟିତ୍ୱ କାହାର ରହିବ ବୋଲି ପ୍ରଶ୍ନ ଉଠିଛି। ଏକ ଛୋଟ ଅବହେଳା ମଧ୍ୟ ଏଠାରେ ମୂଲ୍ୟବାନ ଜୀବନ ପାଇଁ ବଡ଼ ବିପଦ ସୃଷ୍ଟି କରିପାରେ।

ଏହି ଘଟଣାକୁ ନେଇ ସମ୍ପୃକ୍ତ ବିଦ୍ୟୁତ୍ ବିଭାଗ ତୁରନ୍ତ ଘଟଣାସ୍ଥଳ ଯାଞ୍ଚ କରି ବାଉଁଶ ଗଛ ହଟାଇବା ସହ ତାରକୁ ନିରାପଦ ଉଚ୍ଚତାରେ ସ୍ଥାପନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ରବିବାର କାର୍ଯ୍ୟାଳୟ ବନ୍ଦ ଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଖୋର୍ଦ୍ଧା ନଗର କଂଗ୍ରେସର କର୍ମୀ ସମ୍ମିଳନୀ



**ଖୋର୍ଦ୍ଧା,୧୪।୯ (ସଂଚାର ବ୍ୟୁରୋ):** ଆଗାମୀ ପୌନିର୍ବାଚନରେ ଦଳକୁ ସୁଦୃଢ କରିବା ଲକ୍ଷ୍ୟରେ ଖୋର୍ଦ୍ଧା ନଗର କଂଗ୍ରେସର ଏକ ବୈଠକ ଗତକାଲି ରବିବାର ସନ୍ଧ୍ୟା ସମୟରେ ଖୋର୍ଦ୍ଧା ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ରଞ୍ଜିତ ମହାପାତ୍ରଙ୍କ ସଭାପିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ୱାର୍ଡର କର୍ମକର୍ତ୍ତା ଯୋଗଦେଇଥିଲେ।

ଏହି ବୈଠକରେ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ଯୋଗଦେଇ ପୌର ନିର୍ବାଚନ ପୂର୍ବରୁ ଦଳର ନେତା ଓ କର୍ମୀଙ୍କୁ ଲୋକଙ୍କ ପାଖକୁ ଯାଇ ତାଙ୍କର ମୌଳିକ ସମସ୍ୟା ଦୂର କରିବା ପାଇଁ ଜୋରଦାର ଲଢ଼େଇ କରିବାକୁ ପଡିବ ବୋଲି କହିଥିଲେ। ଏହି କାର୍ଯକ୍ରମରେ ବିଧାୟକ ପ୍ରାର୍ଥୀନୀ ପିସିସି ସାଧାରଣ ସମ୍ପାଦକ ସୋନାଲି ସାହୁ, ବରିଷ୍ଠ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡ଼ା, ସେବାଦଳ ମୂଖ୍ୟ ବିଭାସ ମହାପାତ୍ର, ଅମିତ୍ ମହାନ୍ତି, ନୃସିଂହ ମିଶ୍ର, ଜୟନ୍ତ ଦାସ, ପ୍ରଦୋଷ ହରିଚନ୍ଦନ, ଜିତେନ୍ଦ୍ର ଚମ୍ପତି, ସିଲାଦିତ୍ୟ ପଟ୍ଟନାୟକ, ସୌମ୍ୟ ପଟ୍ଟନାୟକ, ପ୍ଲାବନ ପଟ୍ଟନାୟକ, ସୌମ୍ୟ ବରାଳ, ମନ୍ୱର ହୁସେନ୍, ଜୟନ୍ତୀ ତ୍ରିପାଠୀ, ଶ୍ରୀୟା ସେଠୀ, ସିବୁ ନାୟକ, ପ୍ରମୁଖ ଯୋଗ ଦେଇଥିଲେ।

## ନ୍ୟାୟ ପାଇଁ ଦୁଇ ବର୍ଷ ହେଲା ଦୌଡୁଛନ୍ତି କବିତା

### ଗରିବ ବୋଲି କ'ଣ ଶୁଣିବନି ପ୍ରଶାସନ?

**ଗଞ୍ଜାମ,୧୪।୯ (ସଂଚାର ବ୍ୟୁରୋ):** ଲୋକଙ୍କୁ ହାତ ପାହାନ୍ତରେ ରାଜସ୍ୱ ସେବା ଯୋଗାଇଦେବାକୁ ସରକାର ବିଭିନ୍ନ ବ୍ୟବସ୍ଥା କରିଛନ୍ତି। ମୋବାଇଲ ରାଜସ୍ୱ ସେବା ମଧ୍ୟ ଆରମ୍ଭ ହୋଇଛି। ଘରେ ବସି ରାଜସ୍ୱ ସେବା ପାଇବାର ସୁବିଧା ନେଇ ସରକାର ଗୁରୁତ୍ୱ ଦେଉଥିବା ବେଳେ ବାସ୍ତବ ସ୍ତରରେ ଗରିବ ଲୋକଙ୍କୁ ଏହାର ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

ଗଞ୍ଜାମ ବ୍ଲକ୍ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ମଧୁରଚୁଆ ଗାଁର କବିତା ନାୟକ ନିଜ ଜାଗାରେ ଘର କରିବାକୁ ଦୀର୍ଘଦିନ ଧରି ଅପେକ୍ଷା କରିଛନ୍ତି। ପଡ଼ୋଶୀଙ୍କ ସହ ଜାଗାକୁ ନେଇ ବିବାଦ ଥିବାରୁ ସେ ଜାଗା ଚିହ୍ନଟ ପାଇଁ ଆବେଦନ କରିଥିଲେ। ହୁମ୍ମା-ବୁରୁଡ଼ି ଆର୍‌ଆଇ ଜାଗା ଚିହ୍ନଟ କରି ଦେଖାଇଥିବା କବିତା କହିଛନ୍ତି।

ଏହାପରେ ଘର ନିର୍ମାଣ କାମ ଆରମ୍ଭ କରିବା ବେଳେ ପଡ଼ୋଶୀ ପକ୍ଷ କାନ୍ଥ ଭାଙ୍ଗି ଦେଇଥିବା କବିତା ଅଭିଯୋଗ କରିଛନ୍ତି। ଏନେଇ ସେ ୨୦୨୫ରେ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରେ ଜାଗା ଚିହ୍ନଟ ପାଇଁ ଥାନା ପକ୍ଷରୁ ତହସିଲକୁ ଚିଠି କରାଯାଇଥିଲା।

ତେବେ ଚିଠି ପରେ ମଧ୍ୟ ଦୀର୍ଘ ସମୟ ବିତିଯାଇଥିଲେ ଜାଗା ଚିହ୍ନଟ ହୋଇନଥିବା କବିତା ଅଭିଯୋଗ କରିଛନ୍ତି। ଜାଗାଟି ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ହୋଇଥିବାରୁ ଏବଂ ସେ ଗରିବ ପରିବାରର ହୋଇଥିବାରୁ ପ୍ରଶାସନ ଜାଣିଶୁଣି ଅଣଦେଖା କରୁଥିବା ସେ ଅଭିଯୋଗ କରିଛନ୍ତି। ଫଳରେ ଘର ନିର୍ମାଣ ଦୀର୍ଘ ଦିନ ଧରି ଅଟକି ରହିଛି।

ଜାଗା ଚିହ୍ନଟ ପାଇଁ ବର୍ଷ ବର୍ଷ ଧରି କବିତା ଆର୍‌ଆଇ ଅଫିସ୍‌ଠାରୁ ତହସିଲ ଓ ଥାନା ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ସେ କହିଛନ୍ତି।

ଏନେଇ ଗଞ୍ଜାମ ତହସିଲଦାରଙ୍କୁ ପଚାରିବାରୁ, ଗତକାଲି ରମ୍ଭା ପୁଲିସ ଓ ବୁରୁଡ଼ି ଆର୍‌ଆଇ ଓ ଅମିନ ଘଟଣାସ୍ଥଳକୁ ଯାଇଥିଲେ। ତେବେ ଅନ୍ୟପକ୍ଷ ଉପସ୍ଥିତ ନଥିବାରୁ ଜାଗା ଚିହ୍ନଟ ନକରି ସେମାନେ ଫେରି ଆସିଥିବା କହିଛନ୍ତି । ତହସିଲ ପ୍ରଶାସନ ଏଦିଗରେ ତୁରନ୍ତ ପଦକ୍ଷେପ ନେଇ କବିତାଙ୍କ ଭଳି ଗରିବ ଲୋକଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହୋଇଛି।

# ବିଶ୍ୱକର୍ମା ପୂଜା ପାଇଁ ଚଳଚଞ୍ଚଳ ପାରାଦୀପ

### ମଣ୍ଡପରେ ଶେଷ ସ୍ପର୍ଶ, ଝଲସିବ ବନ୍ଦର ନଗରୀ



**ପାରାଦ୍ୱୀପ,୧୪।୯ (ସଂଚାର ବ୍ୟୁରୋ):** ଆଉ ମାତ୍ର କେଇ ଘଣ୍ଟାର ଅପେକ୍ଷା। ଚଳଚଂଚଳ ହୋଇ ଉଠିବ ପୂଜା ପଡିଆ | ସଜେଇ ହେଲାଣି ବନ୍ଦର ନଗରୀ ପାରାଦୀପ। ପୂଜା ପଡିଆରେ ପ୍ରସ୍ତୁତି ଜୋରଦାର। ସୃଷ୍ଟିର ଅନନ୍ୟ ବିନ୍ଧାଣି ଦେବାଶିଳ୍ପି ବିଶ୍ୱକର୍ମାଙ୍କୁ ଆରାଧନା ନିମନ୍ତେ ଚାଲିଛି ପ୍ରସ୍ତୁତି | ନିଜ ଅନୁଷ୍ଠାନ , ପ୍ରତିଷ୍ଠାନ ଓ କମ୍ପାନୀର ଶୁଭ ମନାସି ପ୍ରଭୁ ବିଶ୍ୱକର୍ମାଙ୍କୁ ଆରାଧନା ନିମନ୍ତେ ସମସ୍ତେ ତତ୍ପର। ରାଜ୍ୟ ତଥା ରାଜ୍ୟ ବାହାରର କାରିଗର ମାନେ ମାସକ ପୂର୍ବରୁ ଚଳାଇଛନ୍ତି ପ୍ରସ୍ତୁତି | ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ। କିଏ ମଣ୍ଡପ ସଜାଇବାରେ ବ୍ୟସ୍ତ ତ , କିଏ ପଡିଆ କରୁଛି ସଫା ସୁତାର | କିଏ ରାଜସ୍ଥାନର ମହଲ ତ କିଏ ଇଟାଲୀର ସୁନ୍ଦର ରାଜବାଟୀ ପ୍ରସ୍ତୁତ କରିବାରେ ବ୍ୟସ୍ତ।

ଚଳିତ ବର୍ଷ ପାଗର ପ୍ରତିକୂଳ ସତ୍ତ୍ୱେ ଶିଳ୍ପୀ ମାନେ ସେମାନଙ୍କର କଳାକୃତିର ନିଆରା ପ୍ରତିଛବି ଗଢି ତୋଳିବାକୁ ରାତିଦିନ କରିଚାଲିଛନ୍ତି ପ୍ରୟାସ | ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ଇଉନିୟନର ଚଳିତ ବର୍ଷ ଏକ ଭିନ୍ନ ଢଙ୍ଗର ପୂଜା ମଣ୍ଡପ ପ୍ରସ୍ତୁତି ଚାଲିଥିବା ଦେଖିବାକୁ ମିଳିଛି। ପୂଜା ମଣ୍ଡପକୁ ଏକ ପ୍ରଜାପତିର ରୂପ ଦେଖାଇବାକୁ ଚାଲିଛି ପ୍ରସ୍ତୁତି। କିଏ କେବଳ ବାଉଁଶ ପାତିଆରେ ମଣ୍ଡପ ନିର୍ମାଣ କରୁଛି ତ କିଏ ଆଦିବାସୀ ପରମ୍ପରାର ଝଲକ ଦେଖାଇବାକୁ କରୁଛି ପ୍ରୟାସ। ଅନେକ ଆମ ସଂସ୍କୃତି ପରମ୍ପରାର ପ୍ରତିଛବି ଆଙ୍କିବାକୁ ମଧ୍ୟ ପଛାଇ ନାହାନ୍ତି। ଭିନ୍ନ ଅଢ଼ଙ୍ଗ ଭିନ୍ନ ରୂପରେ ପୂଜା ମଣ୍ଡପ ଓ ଭିତରର ସାଜସଜ୍ଜାରେ ସମସ୍ତେ ବ୍ୟସ୍ତ |ରଙ୍ଗ ବେରଙ୍ଗର ଆଲୋକ ମାଳାରେ ଝଲସିବ ସାରା ସହର। ଆସିବେ ଆଗନ୍ତୁକ। ଜମିବ ଭିଡ। କୋଳାହଳରେ କମ୍ପିବ ପୂଜା ପଡିଆ।

ପ୍ରତିବର୍ଷ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ନିମନ୍ତେ ପ୍ରତିଯୋଗିତା କରାଯାଉଥିବା ବେଳେ ପୂଜା ମଣ୍ଡପ ଓ ଭିତର ସାଜସଜ୍ଜାରେ ହେବ ପ୍ରତିଯୋଗିତା | ଆସିବେ ଦୋକାନୀ | ଖୋଲିବେ ସେମାନଙ୍କର ବ୍ୟବସାୟର ପସରା | ଦୋଳି ମିନାବଜାର ସାଙ୍ଗକୁ ଚାଟ ଚଟ୍ଟଟିର ମଜା ଉଠାଇବେ ଲକ୍ଷାଧିକ ଶ୍ରଦ୍ଧାଳୁ | ଅପେରା ମେଲୋଡି ଆଉ ଭଜନ ସନ୍ଧ୍ୟାରେ ଜମିବ ସାରା ରାତି। ପୁଲିସ ପ୍ରସ୍ତୁତ | ପ୍ରଶାସନ ମଧ୍ୟ ପ୍ରସ୍ତୁତ | ଚଳିତ ବର୍ଷ ସିସିଟିଭି ନଜରରେ ପୂଜା ପଡିଆକୁ ନଜରରେ ରଖିବା ପୋଲିସ | ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ନିମନ୍ତେ ଚଳଚଂଚଳ ହୋଇ ଉଠିଥିବା ସହରରେ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ନିମନ୍ତେ ପୋଲିସ ବିଭାଗ ସ୍ୱତନ୍ତ୍ର ବ୍ୟବସ୍ଥା କରୁଥିବା ଜଣାପଡିଛି | ପ୍ରତିକୂଳ ପାଗ ସତ୍ତ୍ୱେ ଆୟୋଜକ ପ୍ରବଳ ଜଣ ସମାଗମ ହେବ ବୋଲି ଆସା ରଖିଥିବା ବେଳେ , ଚଳିତ ବର୍ଷ କିଏ ନେବା ପ୍ରଥମ ପୁରସ୍କାର , ତାକୁ ନେଇ ବୃଦ୍ଧି ପାଇଛି ଉତ୍କଣ୍ଠା |



‘ସଂଚାର’ ଭୁବନେଶ୍ୱର କାର୍ଯ୍ୟାଳୟରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା ।

# ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଭୁବନେଶ୍ୱର,୧୪।୯(ସଂଚାର ବ୍ୟୁରୋ)ଃ ଓଡ଼ିଶାର ମହାନ୍ କୃଷିଭିତ୍ତିକ ଗଣ ପର୍ବ ନୂଆଁଖାଇର ଶୁଭ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ସମ୍ବଲପୁରୀ ଭାଷାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନୂଆଁଖାଇ ଖାଲି ଗୋଟେ ପର୍ବ ନୁହେଁ। ଏହା ଆମ ମାଟି, ସଂସ୍କୃତି, ଚାଲିଚଳନ ଆଉ ଆମ ସାମାଜିକ ଏକତାର ପ୍ରାଣସ୍ପନ୍ଦନ। ଏହି ଆନନ୍ଦର ପର୍ବରେ ମନର ସବୁ ଭେଦଭାବ, ତିକ୍ତତା ଆଉ ଅହଂକାରକୁ ପଛରେ ପକାଇ ଆମେ ଗୁରୁଜନମାନଙ୍କ ପାଦ ତଳେ ଜୁହାର ଜଣାଇବା ସହ ସାନମାନଙ୍କୁ ଭଲ ପାଇବା ଓ ଆଶୀର୍ବାଦ ଦେଇଥାଉ। ଆମର ଏଇ ସୁନ୍ଦର ପରମ୍ପରା ଆମ ପରିବାର, ସମାଜ ଆଉ ଭାଇଚାରାର ବନ୍ଧନକୁ ଆହୁରି ମଜବୁତ କରିଥାଏ।

୨୦୨୬ ସୁଦ୍ଧା ସଂବୃଦ୍ଧ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ପାଇଁ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ପାଳନ କରନ୍ତୁ ବୋଲି ଆଜିର ଏହି ଶୁଭ ଦିନରେ ମୁଖ୍ୟମନ୍ତ୍ରୀ ସବୁ ଛାତ୍ରଛାତ୍ରୀ, ଯୁବକଯୁବତୀ, ଶ୍ରମିକ, ଜବାନ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ନୂଆଖାଇ ସମସ୍ତଙ୍କ ଜୀବନରେ ନୂଆ ଆଶା ଆଣିଦେଉ। ମା’ ସମଲେଇ ସମସ୍ତଙ୍କ ଜୀବନରେ ଖୁସି, ସୁଖ ଶାନ୍ତି, ଉନ୍ନତି ଓ ପ୍ରଗତିର ସଫଳତା ଭରି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କାମନା କରିଛନ୍ତି।

# ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା



## ୧୭ ଯାଏଁ ଲାଗିରହିବ ବର୍ଷା

ଭୁବନେଶ୍ୱର, ୧୪।୯ (ସଂଚାର ବ୍ୟୁରୋ)ଃ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଅତିକ୍ରମ କରି ଗତକାଲି ସନ୍ଧ୍ୟା ସୁଦ୍ଧା ଦକ୍ଷିଣ ଛତିଶଗଡ଼ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ରହିବା ସହ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରୁଛି। ଫଳରେ ରାଜ୍ୟରେ ବର୍ଷା ପରିମାଣ କମିଥିଲେ ମଧ୍ୟ ଆସନ୍ତା ୧୭ ତାରିଖ ଯାଏଁ ବର୍ଷା ଓ ବଜ୍ରପାତ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁସାରେ, ରବିବାର କୋରାପୁଟ ଜିଲ୍ଲାର ବନ୍ଧୁଗାଁରେ ସର୍ବାଧିକ ୫୨ ମିମି ବର୍ଷା ହୋଇଥିବା ବେଳେ କନ୍ଧମାଳ ଜିଲ୍ଲା ଗୋଳାମୁଣ୍ଡାରେ ସର୍ବାନିମ୍ନ ୩୨ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଆସନ୍ତାକାଲି କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତିର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ଝଡ଼ବର୍ଷା ହେବ ବୋଲି କୁହାଯାଇଛି। ସେହିପରି ୧୬ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପରେ ୧୭ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ଗଜପତି ଜିଲ୍ଲାରେ ମଧ୍ୟ କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ଆଉ କିଛି ସ୍ଥାନରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବାରୁ ଉକ୍ତ ଜିଲ୍ଲାଗୁଡ଼ିକୁ ସତର୍କ କରାଯାଇଛି।

ଅନ୍ୟପକ୍ଷରେ ଗତକାଲି ବିଭିନ୍ନ ଜିଲ୍ଲାରେ ଖରା ତାତି ସହ ଗୁଳୁଗୁଳି ଅନୁଭୂତ ହୋଇଥିଲା। ପୁରୀରେ ସର୍ବାଧିକ ତାପମାତ୍ରା ୩୪.୭ ଡିଗ୍ରୀ ଛୁଇଁଥିବା ବେଳେ ପାରାଦୀପରେ ୩୪ ଡିଗ୍ରୀ, ଭୁବନେଶ୍ୱରରେ ୩୩.୬ ଡିଗ୍ରୀ, ଝାରସୁଗୁଡ଼ାରେ ୩୩.୫ ଡିଗ୍ରୀ, ରାଉରକେଲାରେ ୩୩.୫ ଡିଗ୍ରୀ ଓ ଦେବଗଡ଼ରେ ସର୍ବନିମ୍ନ ୨୭.୨ ଡିଗ୍ରୀ ତାପମାତ୍ରା ରହିଥିଲା।

# ଘାଟିରେ ଓଲଟିଲା ଚାଉଳ ବୋଝେଇ ଟ୍ରକ୍

ପଟାଙ୍ଗି,୧୪।୯(ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲା ପଟାଙ୍ଗି ଥାନା ଅନ୍ତର୍ଗତ ଜୋଡିମାଦଲି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି ଚାଉଳ ବୋଝେଇ ଟ୍ରକ୍। ସୂଚନାନୁସାରେ, ସ୍ଥାନୀୟ ବ୍ଲକ ସଦର ମହକୁମା ଦେଇ ଆନ୍ଧ୍ର ଓ ଛତିଶଗଡ଼କୁ ସଂଯୋଗ କରିଥିବା ୨୬ ନମ୍ବର ଜାତୀୟ ରାଜପଥରେ ଆନ୍ଧ୍ର ଅଭିମୁଖେ ଯାଉଥିବା ଚାଉଳ ବୋଝେଇ ଟ୍ରକ୍ ଉପରୋକ୍ତ ଘାଟିରେ ଭାରସାମ୍ୟ ହରାଇ ଏକ ବୁଲାଣି ରାସ୍ତା କଡ଼କୁ ଓଲଟି ପଡିଥିଲା। ଫଳରେ ଟ୍ରକରେ ରହିଥିବା ସମସ୍ତ ଚାଉଳ ରାସ୍ତା ଉପରୁ ଘାଟି ତଳେ ରହିଥିବା ଚାଷ ଜମି ଆଡ଼କୁ ଗଡ଼ିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଓଡ଼ିଶା ଡ୍ରାଇଭର ମହାସଂଘର କେତେକ ଡ୍ରାଇଭର ପହଞ୍ଚି ଓଲଟି ପଡ଼ିଥିବା ଟ୍ରକ୍ ଭିତରୁ ଆହତ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ପଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଏସ୍ଆଇ ମାଧବ ତାଡ଼ିଙ୍ଗି ଘଟଣାସ୍ଥଳରେ ପହଞ୍ଚି ପୁଲିସ କର୍ମଚାରୀଙ୍କୁ ମୁତୟନ କରିଥିଲେ।







## ବାଲେଶ୍ୱର ରେଳ ଷ୍ଟେସନରେ ଅଭାବନୀୟ ଘଟଣା

# ଶତାବ୍ଦୀ ଏକ୍ସପ୍ରେସ୍ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ




ବାଲେଶ୍ୱର,୧୪।୯(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ରେଳ ଷ୍ଟେସନ୍ ପରିସରରେ ଆଜି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। କୋଲକାତାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଶତାବ୍ଦୀ ଏକ୍ସପ୍ରେସ୍ ସମ୍ମୁଖକୁ ଡେଇଁ ଜନୈକା ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଦୁର୍ଘଟଣାରେ ଯଦିଓ ଯୁବତୀ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି, କିନ୍ତୁ ଟ୍ରେନ୍ ଧକ୍କାରେ ତାଙ୍କର ଦୁଇଟିଯାକ ଗୋଡ଼ କଟିଯାଇଛି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏ ସଂକ୍ରାନ୍ତରେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା ଯେ ଯୁବତୀ ଜଣଙ୍କ ପ୍ରଥମେ ନିଜ ସ୍କୁଟି ଯୋଗେ ଷ୍ଟେସନ୍ ବାହାରେ ପହଞ୍ଚି ତାଙ୍କ ଗାଡ଼ି ପାର୍କିଂ କରିଥିଲେ। ଏହାପରେ ସେ ସିଧାସଳଖ ପ୍ଲାଟଫର୍ମ ଭିତରକୁ ଚାଲିଆସିଥିଲେ। ଠିକ୍ ସେତିକି ବେଳେ ଶତାବ୍ଦୀ ଏକ୍ସପ୍ରେସ୍ ଷ୍ଟେସନ୍ ଅତିକ୍ରମ କରୁଥିବା ସମୟରେ ହଠାତ୍ ଯୁବତୀ ଜଣକ ରେଳ ଧାରଣାକୁ ଡେଇଁପଡ଼ିଥିଲେ। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରେନ୍ ଆଘାତରେ ତାଙ୍କର ଦୁଇଟିଯାକ ଗୋଡ଼ କଟିଯାଇଥିଲା। ସଙ୍ଗେ ସଙ୍ଗେ ଆରପିଏଫ ଓ ଜିଆରପି କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ଡାକ୍ତରୀ ଟିମ୍ ତାଙ୍କର ଜରୁରୀକାଳୀନ ଚିକିତ୍ସା ଜାରି ରଖିଛନ୍ତି। ତେବେ ଯୁବତୀଙ୍କ ପରିଚୟ ମିଳିପାରିନାହିଁ। ସେ କେଉଁ ଅଞ୍ଚଳର ବାସିନ୍ଦା ଏବଂ କ’ଣ ପାଇଁ ଏଭଳି ଚରମ ପଦକ୍ଷେପ ନେଲେ, ତା’ର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ତେବେ ଘଟଣାସ୍ଥଳରୁ ତିନୋଟି ମୋବାଇଲ ଓ ଗୋଟିଏ ସ୍କୁଟି ଚାବି ମିଳିଛି।



















ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଦେଶରେ ବଢ଼ିଲା ହୋଲସେଲ ମୁଦ୍ରାସ୍ଫୀତି

## ୮ ମାସର ସର୍ବୋଚ୍ଚ ସ୍ତରରେ ଖାଦ୍ୟ ଓ ଜାଳେଣି ଦର



ନୂଆଦିଲ୍ଲୀ, ୧୪।୯: ସାଧାରଣ ଜନତାଙ୍କ ଉପରେ ପୁଣି ଥରେ ମହଙ୍ଗା ମାଡ଼ ହୋଇଛି। ବଜାରରେ ଖାଦ୍ୟପେୟ ସାମଗ୍ରୀ ସହିତ ଇନ୍ଧନ ଏବଂ ବିଦ୍ୟୁତ ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ଅଗଷ୍ଟ ମାସରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୯.୯୨ ପ୍ରତିଶତରେ ପହଞ୍ଚିଛି। ଏହି ବୃଦ୍ଧି ଗତ ୮ ମାସ ମଧ୍ୟରେ ଏହା ହେଉଛି ସବୁଠାରୁ ସର୍ବୋଚ୍ଚ ସ୍ତର। ପୂର୍ବରୁ ଜୁଲାଇ ମାସରେ ଏହି ଦର ୯.୬୮ ପ୍ରତିଶତ ରହିଥିଲା। ସୋମବାର ସରକାରଙ୍କ ପକ୍ଷରୁ ଜାରି ସରକାରୀ ରିପୋର୍ଟରେ ଏହା ପ୍ରକାଶ କରାଯାଇଛି। ସରଳ ଭାଷାରେ କହିବାକୁ ଗଲେ, ଗତ ବର୍ଷ ଅଗଷ୍ଟ ମାସରେ ପାଇକାରୀ ବଜାରରେ ଯେଉଁ ଜିନିଷର ମୂଲ୍ୟ ୧୦୦ ଟଙ୍କା ଥିଲା, ତାହା ବର୍ତ୍ତମାନ ବୃଦ୍ଧି ପାଇ ପ୍ରାୟ ୧୦୯.୯୨ ଟଙ୍କାରେ ପହଞ୍ଚିଛି। ତେବେ ଖାଉଟିଙ୍କ ପକେଟ ଉପରେ ସବୁଠାରୁ ବଡ଼ ପ୍ରଭାବ ରୋଷେଇ ଘରୁ ହିଁ ପଡ଼ିଛି। ପାଇକାରୀ ମୁଦ୍ରାସ୍ଫୀତି ଦୀର୍ଘ ସମୟ ଧରି ଉଚ୍ଚ ସ୍ତରରେ ରହିଲେ ଏହାର ସିଧାସଳଖ ପ୍ରଭାବ ଉତ୍ପାଦନ କ୍ଷେତ୍ର ଉପରେ ପଡ଼ିଥାଏ। ପାଇକାରୀ ବଜାରରେ କମ୍ପାନୀଗୁଡ଼ିକୁ ଅଧିକ ଟଙ୍କା ଦେବାକୁ ପଡ଼ିଲେ, ସେମାନେ ପରବର୍ତ୍ତୀ ସମୟରେ ଏହାର ବୋଝ ସାଧାରଣ ଗ୍ରାହକ ବା ଖାଉଟିଙ୍କ ଉପରେ ପକାଇଥାନ୍ତି। ଫଳରେ ଆଗାମୀ ଦିନରେ ଖୁଚୁରା ବଜାରରେ ମଧ୍ୟ ଜିନିଷପତ୍ରର ଦର ବଢ଼ିବାର ଆଶଙ୍କା ରହିଛି।

ସୂଚନାଯୋଗ୍ୟ ଯେ, ଭାରତରେ ଦୁଇ ପ୍ରକାରର ମୁଦ୍ରାସ୍ଫୀତି ଆକଳନ କରାଯାଏ। ଗୋଟିଏ ହେଉଛି ଖୁଚୁରା ବଜାର ଦର ଯାହାକୁ କଞ୍ଜ୍ୟୁମର ପ୍ରାଇସ ଇଣ୍ଡେକ୍ସ (CPI) କୁହାଯାଏ ଏବଂ ଅନ୍ୟଟି ହେଉଛି ହୋଲସେଲ ପ୍ରାଇସ ଇଣ୍ଡେକ୍ସ (WPI) ଯାହା ବ୍ୟବସାୟୀଙ୍କ ମଧ୍ୟରେ ହେଉଥିବା କାରବାର ମୂଲ୍ୟ ଉପରେ ଆଧାରିତ ହୋଇଥାଏ।

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୭୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୧,୭୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୫୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୪,୭୩୦ ଟଙ୍କା ଓ ୨୨ କ୍ୟାରଟେ ୧,୪୧,୮୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪,୫୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୫୮୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୭୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୮ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୭୧ ପଇସା ରହିଛି ।

# ଆଇରିଶ ହ୍ୱିସ୍କି ଉପରେ ୧୦% ଶୁଳ୍କ ହ୍ରାସ ଘୋଷଣା କଲେ



ୱାସିଂଟନ,୧୪।୯: କଠୋର ଟିକସ ବୃଦ୍ଧି ଘୋଷଣା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶେଷରେ ଏକ ମଦ ଆଗରେ ମୁଣ୍ଡ ନୁଆଁଇଛନ୍ତି। ରବିବାର ଆୟରଲ୍ୟାଣ୍ଡରେ ଏକ ଗଲ୍ଫ ଟୁର୍ଣ୍ଣାମେଣ୍ଟର ସମାପ୍ତିରେ ଟ୍ରମ୍ପ ଘୋଷଣା କରିଛନ୍ତି, ସେ ଆଇରିଶ ହ୍ୱିସ୍କି ଉପରେ ୧୦ ପ୍ରତିଶତ ଶୁଳ୍କ ଉଠାଇବାକୁ ଯୋଜନା କରୁଛନ୍ତି।ଆଇରିଶ ଓପନ୍ ପାଇଁ ଟ୍ରଫି ପ୍ରଦାନ ସମାରୋହ ସମୟରେ ଟ୍ରମ୍ପ କହିଥିଲେ, ଅନେକ ଲୋକ ତାଙ୍କୁ ଏହି ପ୍ରସଙ୍ଗ ବିଷୟରେ ପଚାରିଛନ୍ତି,ସେମାନଙ୍କ ମଧ୍ୟରେ ଆଇରିଶ ପ୍ରଧାନମନ୍ତ୍ରୀ ମାଇକେଲ୍ ମାର୍ଟିନ୍ ଏବଂ ଆଇରିଶ ଓପନ୍ ବିଜେତା ଶେନ୍ ଲୋରିଙ୍କ ସମେତ କିଛି ଗଲ୍ଫ ଖେଳାଳି ମଧ୍ୟ ସାମିଲ ଅଛନ୍ତି। ହ୍ୱିସ୍କି ଉପରେ ଶୁଳ୍କ ହ୍ରାସ ସମ୍ପର୍କରେ ସେ କହିଛନ୍ତି, ସମସ୍ତେ ମୋତେ ଏହା କରିବାକୁ କହୁଥିଲେ। ତେଣୁ ମୁଁ କହିଲି, ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ, ମୁଁ ଆଇରିଶ୍ ହ୍ୱିସ୍କି ଉପରେ ଶୁଳ୍କ ହଟାଇ ଦେଉଛି। ତେବେ କେତେ ଶୀଘ୍ର ଶୁଳ୍କ ଉଠାଯିବ ସେ ବିଷୟରେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଆଇରିଶ ହ୍ୱିସ୍କି ବର୍ତ୍ତମାନ ୟୁରୋପୀୟ ସଂଘରୁ ଅଧିକାଂଶ ଆମଦାନୀ ଉପରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ମାନକ ଶୁଳ୍କର ସାମ୍ନା କରୁଛି, ଯାହାକୁ ଜୁଲାଇରେ ୧୫% ରୁ ୧୦% କୁ ହ୍ରାସ କରାଯାଇଥିଲା। ଟ୍ରମ୍ପ ଏପ୍ରିଲରେ ଘୋଷଣା କରିଥିଲେ ଯେ, ସେ ବ୍ରିଟିଶ ହ୍ୱିସ୍କି ଉପରେ କିଛି ଶୁଳ୍କ ହଟାଇ ଦେଉଛନ୍ତି, ଯେଉଁଥିରେ ଉତ୍ତର ଆୟରଲ୍ୟାଣ୍ଡରେ ତିଆରି ସ୍କଚ୍ ଏବଂ ସ୍ପିରିଟ୍ ଅନ୍ତର୍ଭୁକ୍ତ ଥିଲା। ଫଳରେ ଆୟରଲ୍ୟାଣ୍ଡ ସହିତ ଏହା ଅସନ୍ତୁଳନ ସୃଷ୍ଟି କରିଥିଲା।

## ୧୩ ହଜାର କୋଟିରୁ ଅଧିକ ପୁଞ୍ଜି ପ୍ରତ୍ୟାହାର କରିଛନ୍ତି ଏଫ୍‌ପିଆଇ




ମୁମ୍ବାଇ,୧୪।୯: ଭୂ-ରାଜନୀତିକ କାରଣକୁ ନେଇ ବିଶ୍ୱସ୍ତରରେ ଅନିଶ୍ଚିତତା ବୃଦ୍ଧି ପାଇବା ଯୋଗ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ନିବେଶକମାନଙ୍କୁ ପ୍ରଭାବିତ କରିଛି। ଏହାବ୍ୟତୀତ ଆମେରିକାର ବଣ୍ଡ୍ ୟିଲ୍ଡ (ଲାଭ) ବୃଦ୍ଧି ସହ ଡଲାର ମଜଭୁତ ହେବା କାରଣରୁ ନିବେଶକମାନେ କୌଣସି ବିପଦରୁ ବର୍ତ୍ତିବାକୁ ଶ୍ରେୟ ମଣୁଛନ୍ତି। ଯାହାକି ଭାରତୀୟ ଶେୟାର ବଜାର ପାଇଁ ପ୍ରତିକୂଳ ସ୍ଥିତି ଉତ୍ପନ୍ନ କରିଥିବା ବଜାର ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। ବିଶେଷକରି ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ) ଭାରତୀୟ ଇକ୍ୱିଟି ବଜାରରୁ କ୍ରମାଗତ ପୁଞ୍ଜି ପ୍ରତ୍ୟାହାର କରିବା ଘଟଣା ଶେୟାର ବଜାର ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି କୁହାଯାଉଛି। ଚଳିତ ମାସର ପ୍ରଥମାର୍ଦ୍ଧରେ ବିଦେଶୀ ନିବେଶକମାନେ ଭାରତୀୟ ଶେୟାର ବଜାରରୁ ୧୩,୧୩୮ କୋଟି ପ୍ରତ୍ୟାହାର କରି ନେଇଛନ୍ତି। ସେଣ୍ଟ୍ରାଲ ଡିପୋଜିଟରୀ ସର୍ଭିସେସ୍ (ଇଣ୍ଡିଆ)ର ତଥ୍ୟ ଅନୁଯାୟୀ, ଜୁଲାଇ ଏବଂ ଅଗଷ୍ଟରେ ଏଫ୍‌ପିଆଇମାନେ ଯଥାକ୍ରମେ ୨୦,୨୦୦ କୋଟି ଏବଂ ୨୯,୬୩୦ କୋଟି ନିବେଶ କରିଥିଲେ। ମଧ୍ୟପ୍ରାଚ୍ୟ ସଙ୍କଟ ସତ୍ତ୍ୱେ ଭାରତୀୟ ଶେୟାର ବଜାର ଉପରେ ଭରସା ଜୁଟାଇ ଏଫ୍‌ପିଆଇମାନଙ୍କ ଏହି ନିବେଶ ବୃଦ୍ଧି ପୁଞ୍ଜି ବଜାର ପାଇଁ ସକାରାତ୍ମକ ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏହି ସଦ୍ୟତମ ପୁଞ୍ଜି ପ୍ରତ୍ୟାହାର ଘରୋଇ ନିବେଶକାରୀଙ୍କ ପାଇଁ ମଧ୍ୟ ନୈରାଶ୍ୟ ଆଣିଥିବା କୁହାଯାଉଛି। ଏହା ପୂର୍ବରୁ ମାର୍ଚ୍ଚରୁ ଜୁନ ପର୍ଯ୍ୟନ୍ତ କ୍ରମାଗତ ଚାରି ମାସ ଧରି ଏଫ୍‌ପିଆଇମାନଙ୍କ ଦ୍ୱାରା ପର୍ଯ୍ୟାପ୍ତ ପୁଞ୍ଜି ପ୍ରତ୍ୟାହାର କରାଯାଇଥିଲା। ତେବେ ସଦ୍ୟତମ ପ୍ରତ୍ୟାହାର ସହିତ ୨୦୨୬ରେ ବର୍ତ୍ତମାନ ସୁଦ୍ଧା ଏଫ୍‌ପିଆଇମାନଙ୍କ ଦ୍ୱାରା ଭାରତୀୟ ଶେୟାର ବଜାରରୁ ମୋଟ ୨.୩୭ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରାଯାଇଛି, ଯାହାକି ସମ୍ପୂର୍ଣ୍ଣ ୨୦୨୫ ବର୍ଷ ମଧ୍ୟରେ ପ୍ରତ୍ୟାହାର କରାଯାଇଥିବା ୧.୬୬ ଲକ୍ଷ କୋଟିକୁ ଅତିକ୍ରମ କରିଛି।

## ଏଣିକି ଦ୍ରୁତ ହେବ ମାଲ ପରିବହନ

**୨୮୪୩ କିମିର ସ୍ୱତନ୍ତ୍ର ରେଳ ମାଲବାହୀ କରିଡର ସମ୍ପୂର୍ଣ୍ଣ**

ନୂଆଦିଲ୍ଲୀ,୧୪।୯: ଭାରତ ୨୮୪୩ କିମିର ସ୍ୱତନ୍ତ୍ର ମାଲବାହୀ କରିଡର (ଡିଏଫ୍‌ସି ) ନେଟୱର୍କର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ପଶ୍ଚିମ ଡିଏଫ୍‌ସିର ଚୂଡାନ୍ତ ୩୨୬ କିମି ସେକ୍ସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବା ସହ ସମଗ୍ର ନେଟ୍‌ଓ୍ୱାର୍କ ଏବେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଏହି ଚୂଡାନ୍ତ ପର୍ଯ୍ୟାୟ ପାଇଁ ୨୦,୭୦୦ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବିନିଯୋଗ କରାଯାଇଛି। ୧୫୦୬ କିମି ପଶ୍ଚିମ ଡିଏଫ୍‌ସି ଦାଦ୍ରିରୁ ମୁମ୍ବାଇର ଜେଏନ୍‌ପିଟି ବନ୍ଦର ପର୍ଯ୍ୟନ୍ତ ବିସ୍ତୃତ ହୋଇଛି। ଏହା ମୁଖ୍ୟତଃ କଣ୍ଟେନର ପରିବହନ ଏବଂ ବନ୍ଦର ସଂଯୋଗୀକରଣ ଉପରେ କାର୍ଯ୍ୟକରେ। ସେହିଭଳି ପୂର୍ବ ଡିଏଫ୍‌ସି ୧୩୩୭ କିମି ପଞ୍ଜାବର ନ୍ୟୁସାହନେୱାଲରୁ ବିହାରର ନ୍ୟୁସୋନନଗର ପର୍ଯ୍ୟନ୍ତ ବିଛାଯାଇଛି। ଏହା ଖଣିଜ ଏବଂ ବଲ୍‌କ ସାମଗ୍ରୀ ପରିବହନ ପାଇଁ ଉଦ୍ଦିଷ୍ଟ। ମାଲବାହୀ ଟ୍ରେନ ପାଇଁ ସ୍ୱତନ୍ତ୍ର ଟ୍ରାକ ଦ୍ୱାରା ସାଧାରଣ ଲାଇନରେ ଯାତ୍ରୀବାହୀ ଟ୍ରେନ ଚଳାଚଳ ଅଧିକ ନିୟମିତ ଏବଂ ଦ୍ରୁତ ହୋଇପାରିବ। ଡିଏଫ୍‌ସି ଗୁଡ଼ିକରେ ମାଲବାହୀ ଟ୍ରେନ ଗୁଡିକର ଘଣ୍ଟାପ୍ରତି ବେଗ ୫୦ କିମିରୁ ଅଧିକ। ଏହି କରିଡରରେ ଦୈନିକ ୪୦୦ରୁ ଊର୍ଦ୍ଧ୍ୱ ଟ୍ରେନ ଚାଲୁଛି। ଗୋଟିଏ ଟ୍ରେନରେ ୨ ମହଲା କଣ୍ଟେନର ପରିବହନ ଯୋଗୁ ପରିବହନ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ କମିବ।




# ଇ-କେୱାଇସି କରିନଥିଲେ ଆଜିଠୁ ମିଳିବନି ଏଲପିଜି ସିଲିଣ୍ଡର



ନୂଆଦିଲ୍ଲୀ,୧୪।୯: ସରକାର ଏବଂ ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ବୃଦ୍ଧି କରାଯାଇଥିବା ସମୟସୀମା ଅନୁଯାୟୀ, ବର୍ତ୍ତମାନ ୧୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଇ-କେୱାଇସି କରିବାକୁ ପଡ଼ିବ। ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ନକଲେ ଏଲପିଜି ସିଲିଣ୍ଡର ବୁକିଂ ଏବଂ ସବସିଡି ଉଭୟ ପ୍ରଭାବିତ ହୋଇପାରେ। ଏପରି ସ୍ଥିତିରେ ଯଦି ଆପଣଙ୍କ ଘରେ ମଧ୍ୟ ଏଲ୍ପିଜି ଗ୍ୟାସ ସଂଯୋଗ ରହିଛି ଏବଂ ଆପଣ ଏପର୍ଯ୍ୟନ୍ତ ଇ-କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିନାହାନ୍ତି, ତେବେ ସତର୍କ ହୋଇଯାଆନ୍ତୁ। ସରକାର ଏବଂ ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନୂଆ ସମୟସୀମା ଶେଷ ହେବାକୁ ଯାଉଛି। ଘରୋଇ ରନ୍ଧନ ଗ୍ୟାସ ଉପଭୋକ୍ତାମାନଙ୍କୁ ଯେକୌଣସି ପରିସ୍ଥିତିରେ ୧୪ ସେପ୍ଟେମ୍ବର ୨୦୨୬ ସୁଦ୍ଧା ନିଜର ଇ-କେୱାଇସି ପ୍ରକ୍ରିୟା ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ନକଲେ ଆପଣଙ୍କ ଗ୍ୟାସ ସଂଯୋଗ ବନ୍ଦ ହୋଇପାରେ, କିମ୍ବା ଭବିଷ୍ୟତରେ ରିଫିଲ ସିଲିଣ୍ଡର ବୁକିଂ କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସରକାର ଏବଂ ତୈଳ ତଥା ଗ୍ୟାସ କମ୍ପାନୀଗୁଡ଼ିକ ପକ୍ଷରୁ ପ୍ରଥମେ ଇ-କେୱାଇସିର ଅନ୍ତିମ ତାରିଖ ୧୬ ଅଗଷ୍ଟ ସ୍ଥିର କରାଯାଇଥିଲା, କିନ୍ତୁ ଅଧିକାଂଶ ଲୋକ କେୱାଇସି କରିନପାରିବାରୁ ଏହାକୁ ବୃଦ୍ଧି କରି ପ୍ରଥମେ ୨୩ ଅଗଷ୍ଟ, ତା'ପରେ ୩୧ ଅଗଷ୍ଟ ଏବଂ ପରେ ୭ ସେପ୍ଟେମ୍ବର କରାଯାଇଥିଲା, ଯାହାକୁ ଏବେ ପୁଣି ବଢ଼ାଇ ୧୪ ସେପ୍ଟେମ୍ବର କରାଯାଇଛି। ବର୍ତ୍ତମାନ ଏହି ଅନ୍ତିମ ତାରିଖ ପାଇଁ ଖୁବ କମ ସମୟ ବାକି ଅଛି, ତେଣୁ ଶେଷ ମୁହୂର୍ତ୍ତର ଭିଡ଼ ଏବଂ ସର୍ଭର ଜନିତ ସମସ୍ୟାରୁ ବର୍ତ୍ତିବା ପାଇଁ ଏହାକୁ ତୁରନ୍ତ ସମ୍ପୂର୍ଣ୍ଣ କରନ୍ତୁ। ଜଣେ ବ୍ୟକ୍ତିଙ୍କ ନାମରେ ଚାଲୁଥିବା ବେଆଇନ କିମ୍ବା ଏକାଧିକ ସଂଯୋଗକୁ ଚିହ୍ନଟ କରିବା। ଯୋଗ୍ୟ ଉପଭୋକ୍ତାମାନଙ୍କୁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସବସିଡି ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ନିରବଚ୍ଛିନ୍ନ ଭାବରେ ପହଞ୍ଚାଇବା। ଉପଭୋକ୍ତାଙ୍କ ଠିକଣା ଏବଂ ବାୟୋମେଟ୍ରିକ ବିବରଣୀ ମେଳ କରି ରେକର୍ଡ ଅଦ୍ୟତନ (update) କରିବା। ଘରେ ବସି ମୋବାଇଲ କିମ୍ବା ଏଜେନ୍ସି ଜରିଆରେ ଏପରି କରନ୍ତୁ ଇ-କେୱାଇସି। ନିଜ ସମ୍ପୃକ୍ତ ଗ୍ୟାସ କମ୍ପାନୀ ଯଥା HP Pay, IndianOil One କିମ୍ବା Hello BPCL ର ଅଫିସିଆଲ ମୋବାଇଲ ଆପ ଡାଉନଲୋଡ କରନ୍ତୁ। ନିଜର ପଞ୍ଜୀକୃତ ମୋବାଇଲ ନମ୍ବର ମାଧ୍ୟମରେ ଲଗ-ଇନ କରନ୍ତୁ ଏବଂ eKYC ବିକଳ୍ପକୁ ବାଛନ୍ତୁ। ଫେସ ଅଥେଣ୍ଟିକେସନ କିମ୍ବା ମୋବାଇଲ ଓଟିପି ଜରିଆରେ ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ କରନ୍ତୁ।

ଅଫଲାଇନ ମାଧ୍ୟମ ଅର୍ଥାତ ଗ୍ୟାସ ଏଜେନ୍ସିକୁ ଯାଇ କରିପାରିବେ ଇ-କେୱାଇସି। ଯଦି ଅନଲାଇନ ପ୍ରକ୍ରିୟାରେ କୌଣସି ଅସୁବିଧା ହେଉଛି, ତେବେ ନିଜର ସମ୍ପୃକ୍ତ ଏଲ୍ପିଜି ବିତରକ ଏଜେନ୍ସିକୁ ଯାଆନ୍ତୁ। ନିଜ ସହିତ ଗ୍ୟାସ ପାସବୁକ ଏବଂ ଆଧାର କାର୍ଡର ନକଲ ନେଇ ଯାଆନ୍ତୁ। ଏଜେନ୍ସିରେ ଉପଲବ୍ଧ ବାୟୋମେଟ୍ରିକ ମେସିନରେ ଫିଙ୍ଗରପ୍ରିଣ୍ଟ ସ୍କାନ କରାଇ ତୁରନ୍ତ ଇ-କେୱାଇସି ସମ୍ପୂର୍ଣ୍ଣ କରାନ୍ତୁ।

# ପୁଣି ବଢ଼ିବ ଏଲପିଜି ସିଲିଣ୍ଡର ଦାମ୍



ନୂଆଦିଲ୍ଲୀ, ୧୪।୯: ସମଗ୍ର ବିଶ୍ୱ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧର ପ୍ରଭାବ ବହନ କରୁଛି। ଶକ୍ତି ଯୋଗାଣରେ ବାଧା ସୃଷ୍ଟି ହେବା ଯୋଗୁଁ ଇନ୍ଧନ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ସମୟରେ, ତରଳୀକୃତ ପ୍ରାକୃତିକ ଗ୍ୟାସ (ଏଲଏନଜି)ର ଯୋଗାଣ ମଧ୍ୟ ହ୍ରାସ ପାଇଛି, ଯାହା କିଛି ଏସୀୟ ଦେଶ ପାଇଁ ମୂଲ୍ୟ ବୃଦ୍ଧି କରୁଛି। ଫେବୃଆରୀ ଶେଷ ଭାଗରେ ଦୁଇ ଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଏକ ଗୁରୁତ୍ୱପୂର୍ଣ୍ଣ ଜାହାଜ ପଥ, ହର୍ମୁଜ ପ୍ରଣାଳୀକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଛି। ଏହାର ବନ୍ଦ ହେବା ଦ୍ୱାରା ଏହି ଦେଶଗୁଡ଼ିକର ସବୁଠାରୁ ବଡ଼ ଯୋଗାଣକାରୀ କାତାରରୁ ଶସ୍ତା LNG ଯୋଗାଣ ମଧ୍ୟ ବନ୍ଦ ହୋଇଯାଇଛି। ଏସୀୟ ଦେଶଗୁଡ଼ିକ ବର୍ତ୍ତମାନ ବିଦ୍ୟୁତ୍ କେନ୍ଦ୍ର ଏବଂ ଶିଳ୍ପରେ ବ୍ୟବହୃତ ଏହି ଇନ୍ଧନର ସ୍ଥିର ଯୋଗାଣ ସୁରକ୍ଷିତ କରିପାରୁ ନାହାଁନ୍ତି, ଯାହା ସେମାନଙ୍କୁ ସ୍ପଟ ମାର୍କେଟକୁ ଯିବାକୁ ବାଧ୍ୟ କରୁଛି, ଯେଉଁଠାରେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହା ସ୍ପଷ୍ଟ ଯେ ବିଦ୍ୟୁତ୍ କେନ୍ଦ୍ର ଏବଂ କାରଖାନାରେ ବ୍ୟବହୃତ ଗ୍ୟାସ ଅଧିକ ମହଙ୍ଗା ହେବ, ଯାହା ଫଳରେ ବିଦ୍ୟୁତ୍ ହାର ବୃଦ୍ଧି ପାଇବ ଏବଂ ସାର, ପ୍ଲାଷ୍ଟିକ ଏବଂ ଇସ୍ପାତ ଭଳି ଉତ୍ପାଦର ମୂଲ୍ୟ ବୃଦ୍ଧି ପାଇବ। ନ୍ୟୁଜ ରିପୋର୍ଟ ଅନୁଯାୟୀ, ଚାଇନା ବ୍ୟତୀତ ଭାରତ, ପାକିସ୍ତାନ, ବାଂଲାଦେଶ, ଥାଇଲ୍ୟାଣ୍ଡ ଏବଂ ଭିଏତନାମ ଭଳି ଦେଶମାନେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ସ୍ପଟ୍ ଏଲଏନ୍‌ଜିରେ ମିଳିତ ଭାବରେ ୭.୪ ବିଲିୟନ ଡଲାର ଖର୍ଚ୍ଚ କରିଛନ୍ତି। ଗତ ବର୍ଷ, ଏହି ଦେଶଗୁଡ଼ିକ ଏହି ପରିମାଣର ଗ୍ୟାସ ପାଇଁ ପ୍ରାୟ ୩.୧ ବିଲିୟନ ଡଲାର ଦେଇଥିଲେ। ଏହାର ଅର୍ଥ ହେଉଛି ସେମାନେ ବର୍ତ୍ତମାନ ଦୁଇଗୁଣରୁ ଅଧିକ ପରିମାଣ ଦେଉଛନ୍ତି କାରଣ ପୂର୍ବରୁ ରାଜି ହୋଇଥିବା ଶସ୍ତା ଚୁକ୍ତିବଦ୍ଧ ଗ୍ୟାସ ଆସିବା ବନ୍ଦ ହୋଇଯାଇଛି। ଭାରତ, ପାକିସ୍ତାନ ଏବଂ ବାଂଲାଦେଶ ଭଳି ଦେଶ ପାଇଁ ୪.୩ ବିଲିୟନ ଡଲାରର ଅତିରିକ୍ତ ଖର୍ଚ୍ଚ (୭.୪ ବିଲିୟନ ଡଲାର ଏବଂ ୩.୧ ବିଲିୟନ ଡଲାର ମଧ୍ୟରେ ପାର୍ଥକ୍ୟ) ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଆଘାତ। ଏହି ଟଙ୍କା ବିକାଶ ପ୍ରକଳ୍ପ କିମ୍ବା ଭିତ୍ତିଭୂମି ପାଇଁ ବ୍ୟବହାର କରାଯାଇପାରିଥାନ୍ତା।

## ଲଞ୍ଚ କରିଛି ଜୱା ୪୨ ଏଫଜେ ଏଆଇଆଇ-ଷ୍ଟାର୍ସ ଏଡିସନ



ନୂଆଦିଲ୍ଲୀ, ୧୪।୯: ଭାରତରେ ସବୁବେଳେ ରୟାଲ ଏନଫିଲ୍ଡର ସମସ୍ତ ମଡେଲ ଏକ ସ୍ୱତନ୍ତ୍ର ପରିଚୟ ପାଇଆସିଛି। ଦମଦାର ଇଞ୍ଜିନ୍ ଏବଂ ଆକର୍ଷଣୀୟ ଲୁକ୍ ପାଇଁ ରୟାଲ ଏନଫିଲ୍ଡର ବାଇକ୍‌କୁ ଟକ୍କର ଦେବା କଷ୍ଟକର ହୋଇପଡେ। କିନ୍ତୁ ଆଜି ଆମେ ଆପଣଙ୍କୁ ଏଭଳି ଏକ ବାଇକ୍ ବିଷୟରେ କହିବୁ, ଯାହା ରୟାଲ ଏନଫିଲ୍ଡକୁ ଜବରଦସ୍ତ ଟକ୍କର ଦେବା ସହିତ ଏହାର ପ୍ରାଇସ୍ ମଧ୍ୟ କମ୍ ରହିବ। ଆମେ Jawa Yezdi (ଜାୱା ଏଜଦି) ମୋଟରସାଇକେଲ୍ କମ୍ପାନୀ ବିଷୟରେ କଥା ହେଉଛୁ। କମ୍ପାନୀ ବଜାରରେ ନୂଆ Jawa 42 FJ All-Stars Edition ଲଞ୍ଚ୍ କରିଛି। ଏହି ବାଇକ୍‌ର ଏକ୍ସ-ଶୋରୁମ୍ ମୂଲ୍ୟ ୧.୮୯ ଲକ୍ଷ ଟଙ୍କା ରଖାଯାଇଛି। ଏହି ଦାମ ଏହାକୁ ବଜେଟ୍ ସେଗମେଣ୍ଟରେ ପ୍ରିମିୟମ୍ କ୍ଲାସିକ୍ ଲୁକ୍ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ କିଫାୟତୀ ଏବଂ ଭଲ ବିକଳ୍ପରେ ପରିଣତ କରିଛି। ଏହି ବାଇକ୍ କେବଳ ଦେଖିବାକୁ ଆକର୍ଷଣୀୟ ନୁହେଁ, ଏହାର ମଡର୍ନ ମସ୍କୁଲାର୍ ଲୁକ୍ ଏବଂ ରାଇଡିଂ ଏକ୍ସପେରିଏନ୍ସ ମଧ୍ୟ ରୟାଲ ଏନଫିଲ୍ଡର ଲୋକପ୍ରିୟ ବାଇକ୍‌ଗୁଡ଼ିକୁ ଟକ୍କର ଦେବା ପାଇଁ ପ୍ରସ୍ତୁତ। ଯଦି ଆପଣ ରେଟ୍ରୋ ଡିଜାଇନ୍ ସହିତ ଭଲ ପରଫର୍ମାନ୍ସ ଖୋଜୁଛନ୍ତି, ତେବେ ଏହି ବାଇକ୍ ଆପଣଙ୍କ ପାଇଁ ଭଲ ବିକଳ୍ପ ହୋଇପାରେ। Jawa 42 FJ All-Stars Editionକୁ ଶାର୍ପ ଏବଂ ମସ୍କୁଲାର୍ ଡିଜାଇନରେ ଏହାକୁ ଲଞ୍ଚ କରାଯାଇଛି। କମ୍ପାନୀ ଏଥିରେ ଆନୋଡାଇଜ୍ଡ ଆଲୁମିନିୟମ୍ ଫିନିଶ୍ ଥିବା ଫ୍ୟୁଏଲ୍ ଟ୍ୟାଙ୍କ୍ ବ୍ୟବହାର କରିଛି। ଯାହା ରେଟ୍ରୋ ଏବଂ ମଡର୍ନ ଷ୍ଟାଇଲ୍‌ର ଏକ ଚମତ୍କାର ସମନ୍ୱୟ ପ୍ରଦାନ କରିଥାଏ। ବାଇକ୍‌ରେ ଚଉଡ଼ା ହ୍ୟାଣ୍ଡଲବାର୍, ଅଲ୍-LED ଲାଇଟିଂ ସେଟଅପ୍ ଏବଂ ଡିଜିଟାଲ୍-ଆନାଲଗ୍ କନସୋଲ୍ ମଧ୍ୟ ଦିଆଯାଇଛି। ଯାହା ରାଇଡର୍‌ଙ୍କୁ ବାଇକ୍ ଚଲାଇବା ସମୟରେ ପ୍ରିମିୟମ୍ ଫିଲ୍ ପ୍ରଦାନ କରିବ। ଏହାର ବଡି ଷ୍ଟାନ୍ସ ଏବଂ ଫିନିଶିଂ ରାସ୍ତାରେ ବାଇକ୍‌କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଏବେ ୧.୮୯ ଲକ୍ଷ ଟଙ୍କା ରେ ଉପଲବ୍ଧ ହେବ। ଯଦି ଆପଣ ଏହି ବଜେଟ୍‌ରେ ଏକ ପ୍ରିମିୟମ୍ ଏବଂ ଷ୍ଟାଇଲିଶ୍ ମୋଟରସାଇକେଲ୍ ଖୋଜୁଛନ୍ତି, ତେବେ ନୂଆ Jawa 42 FJ ଆପଣଙ୍କ ପାଇଁ ଏକ ଭଲ ଅପ୍ସନ ହୋଇପାରେ।

# ଗାଁ ଗାଁରେ ଛୁଟୁଛି ମଦର ବନ୍ୟା

## ଶୈଳେନ୍ଦ୍ର ସକ୍ସେନାଙ୍କ ଦୋକାନରୁ ଯାଉଛି ବିଦେଶୀ ମଦ

## ଅବକାରୀ ବିଭାଗ ଚୁପ

## ଦୋକାନ ଭିତରେ ନକଲି ମଦ ପ୍ରସ୍ତୁତ ହେଉଥିବା ଅଭିଯୋଗ

**ସଇଁତଲା,୧୪।୯ (ସଂଚାର ବ୍ୟୁରୋ)**: ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ସହର ସମେତ ସମଗ୍ର ବ୍ଲକ ଅଂଚଳରେ ଏବେ ବିଦେଶୀ ମଦର ବନ୍ୟା ଛୁଟୁଛି । ଏକ ବୋଲେରୋ ଯୋଗେ ଗାଁ ଗାଁରେ ବିଦେଶୀ ମଦ ରପ୍ତାନି ଚାଲିଛି। ଟିଟିଲାଗଡ଼ ସହର ହାଇସ୍କୁଲ ପଡାରେ ନୂଆ କରି ଖୋଲିଥିବା ବିଦେଶୀ ମଦ ଦୋକାନୀ ଦୋକାନ ଭିତରେ ଠିପି ବନ୍ଦ ବିଦେଶୀ ମଦ ବିକ୍ରି କରିବା ନେଇ ଅନୁମତି ବା ଲାଇସେନ୍ସ ପାଇଛି । ହେଲେ ଏକ ବୋଲେରୋ ଗାଡିରେ ବ୍ୟାପକ ପରିମାଣରେ ବିଦେଶୀ ମଦ ଲୋଡ଼ କରି ନିତିଦିନ ଟିଟିଲାଗଡ଼ ବ୍ଲକ ଅଂଚଳର ଲେସୁନବାହାଲି, ଲୁଥୁରବନ୍ଧ, ଖୋଲାଣ, ଶଗଡ଼ଘାଟ, ଦେଶିଲ, ମାର୍ଲାଡ଼, ସମେତ ଆହୁରି ଅନେକ ଗାଁର ମଦ ବ୍ୟବସାୟୀ ମାନଙ୍କ ନିକଟକୁ ଦୋକାନ ମାଲିକ ଶୈଳେନ୍ଦ୍ର ସକ୍ସେନା ପଠାଉଥିବା ଅଭିଯୋଗ ହେଉଛି । ଫଳରେ ଗାଁ ଗାଁରେ ଏବେ ବିଦେଶୀ ମଦର ବନ୍ୟା ଦେଖିବାକୁ ମିଳୁଛି ।

ପୁଣି ପ୍ରତିଦିନ ଉକ୍ତ ବୋଲେରୋ ଗାଡି ରେ ଶହ ଶହ ବୋତଲ ଦୋକାନ ଭିତରୁ ବାହାରକୁ ଚାଲାଣ ହେଉଥିବା ବେଳେ ଡିପୋରୁ ଦୈନିକ କେତେ ପରିମାଣରେ ବିଦେଶୀ ମଦ ସମ୍ପୃକ୍ତ ଦୋକାନୀ ଉଠାଉଛି ଏବଂ କେତେ ପରିମାଣରେ ମଦ ଲାଇସେନ୍ସପ୍ରାପ୍ତ ଦୋକାନରେ ବିକ୍ରି ହେଉଛି, କେତେ ପରିମାଣର ବିଦେଶୀ ମଦ ବାହାରକୁ ଚାଲାଣ ହେଉଛି ତାହା ଏବେ ତଦନ୍ତ ସାପେକ୍ଷ ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଦୋକାନୀ ଦୋକାନ ଭିତରେ ବିଭିନ୍ନ ବ୍ରାଣ୍ଡର ମଦ ବୋତଲରୁ ମଦ ଅଧରୁ ଅଧିକ ବାହାର କରି ଉକ୍ତ ବୋତଲରେ ନକଲି କେମିକାଲ ତଥା ବିଭିନ୍ନ ରାସାୟନିକ ପଦାର୍ଥ ସହ କେତେକ ଔଷଧ ବଟିକା ମିଶାଇ ନକଲି ମଦ ପ୍ରସ୍ତୁତ କରି ବାହାରେ ବିକ୍ରି କରୁଥିବା ନେଇ ସାଧାରଣରେ ଏବେ ଚର୍ଚ୍ଚା ଜୋର ଧରିଛି । ଜିଲ୍ଲାର ଜନୈକ ପ୍ରଭାବଶାଳୀ ରାଜନୈତିକ ନେତା ତଥା କ୍ଷମତାଶାଳୀ ବିଧାୟକ ଏବଂ ବଲାଙ୍ଗୀରର ଜନୈକ ମଦ ବେପାରୀଙ୍କ ଛତ୍ର ଛାୟା ତଳେ ରହିଥିବା ଯୋଗୁଁ ସ୍ଥାନୀୟ ଅବକାରୀ ବିଭାଗ ବି ଉକ୍ତ ମଦ ଦୋକାନକୁ ଖୋଲାଖୋଲି ସହଯୋଗ କରୁଥିବା ବିଷୟ ଆହୁରି ଚର୍ଚ୍ଚାର ଖୋରାକ ଯୋଗାଇଛି ।



ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବ୍ୟାପକ ପରିମାଣରେ ନକଲି ମଦ ଉକ୍ତ ଦୋକାନୀ ପ୍ରସ୍ତୁତ କରି ଗାଁ ଗାଁରେ କୁଚିଆମାନଙ୍କୁ ପ୍ରଦାନ କରୁଥିବା ଜଣାପଡିଛି।

ଏଠାରେ ସୂଚନା ଯୋଗ୍ୟ ଯେ ଯେଉଁ ବୋଲେରୋ ଗାଡିରେ ବିଦେଶୀ ମଦ ଶୈଳନ୍ଦ୍ର ସକ୍ସେନା ବାହାର ଅଞ୍ଚଳକୁ ଚାଲାଣ କରୁଛନ୍ତି ଉକ୍ତ ଗାଡିର ଫିଟନେସକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି । ଗାଡିର ପଛ ପଟେ ନମ୍ବର ପ୍ଲେଟ ନ ଥିବା ବେଳେ ଗାଡିର ଇନ୍‌ସୁରାନ୍ସ ତଥା ଫିଟନେସକୁ ନେଇ ଆରଟିଓ ବିଭାଗ ତଦନ୍ତ କଲେ ଆହୁରି ରୋଚକ ତଥ୍ୟ ମିଳିପାରିବ ବୋଲି ସାଧାରଣରେ ଅଭିଯୋଗ ହେବା ସହ ଚର୍ଚ୍ଚା ଲାଗି ରହିଛି ।

ଉକ୍ତ ବିଦେଶୀ ମଦ ଦୋକାନ ଚାରି ପାଖରେ ଜନବସତି ରହିଥିବା ବେଳେ ମଦ ଦୋକାନ ଯୋଗୁଁ ସବୁ ସମୟରେ ରାସ୍ତାରେ ମଦୁଆ ମାନଙ୍କ ଭିଡ଼ ଲାଗି ରହୁଥିବା ଯୋଗୁଁ ଟ୍ରାଫିକ ସମସ୍ୟା ବି ଉଦବେଗ ଜନକ ପରିସ୍ଥିତିରେ ରହିଛି । ବେଳ ଥାଉ ଥାଉ ଜିଲ୍ଲା ପ୍ରଶାସନ, ଜିଲ୍ଲା ଅବକାରୀ ବିଭାଗ ଓ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ନକଲି ମଦ ପିଇ ଲୋକଙ୍କ ଜୀବନହାନିକୁ ଏଡାଇ ଦିଆଯାଇନ ପାରେ।

## ମହାଦେବ ସେନା ଅନୁଷ୍ଠାନର ଶ୍ରୀ ଶ୍ରୀ ଗଣପତିଙ୍କର ୫ତମ ବାର୍ଷିକ ପୂଜା ଉତ୍ସବ



**ଯାଜପୁର ରୋଡ଼,୧୪।୯(ସଂଚାର ବ୍ୟୁରୋ)**: ବ୍ୟାସନଗର ପୌରାଅଂଚଳ ସହରର ୱାର୍ଡ ନଂ-୧୬ ସ୍ଥିତ ମଙ୍ଗଳା ବିହାର ସ୍ଥିତ ଉମାରାଣୀ ମଣ୍ଡପରେ ମହାଦେବ ସେନା ଅନୁଷ୍ଠାନର ଶ୍ରୀ ଶ୍ରୀ ଗଣପତିଙ୍କର ୫ତମ ବାର୍ଷିକ ପୂଜା ଉତ୍ସବ ବଡ଼ ଧୁମଧାମରେ ପାଳନ ହୋଇଯାଇଛି। ଠାକୁରଙ୍କ ପୂଜା ଅବସରରେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ କମିଟିର ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀରାମ ଯୁବାମଣ୍ଡଳ, ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ବ୍ୟାସନଗର ଶାଖା ପକ୍ଷରୁ ଗାୟତ୍ରୀ ମହା ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହାଦେବ ସେନା ଅନୁଷ୍ଠାନ ଓ ମଙ୍ଗଳା ବିହାର ଗଣେଶ ପୂଜା କମିଟିର ସମସ୍ତ ସଦସ୍ୟମାନେ ସହଯୋଗ ପ୍ରଦାନ କରିଥିଲେ।

# ରଙ୍ଗୋଲିରେ ଗଣେଶଙ୍କ ଜନ୍ମ କାହାଣୀ



**ବାଲିଆପାଳ,୧୪।୯ (ସଂଚାର ବ୍ୟୁରୋ)**: ଆଜି ପବିତ୍ର ଗଣେଶ ଚତୁର୍ଥୀ । ଗାଁଠୁ ସହର, ସବୁଠି ଧୁମଧାମରେ ପାଳନ ହେଉଛି ବିଘ୍ନବିନାଶକ ଶ୍ରୀଗଣେଶଙ୍କ ପୂଜା । ଏହି ପବିତ୍ର ଅବସରରେ ଜଳେଶ୍ୱର ଅଞ୍ଚଳର ବାଲୁକାଶିଳ୍ପୀ ତଥା ସହକାରୀ ଶିକ୍ଷକ ଅଜୟ କୁମାର ଘୋଷ ନିଜ କଳା ରଙ୍ଗୋଲି ମାଧ୍ୟମରେ ଗଣେଶଙ୍କ ପୌରାଣିକ କିମ୍ବଦନ୍ତୀକୁ ଜୀବନ୍ତ ରୂପ ଦେଇଛନ୍ତି। ପ୍ରାୟ ୮ ଫୁଟ୍ ଲମ୍ବ ଓ ୬ ଫୁଟ୍ ଓସାରର ଏକ ବିଶାଳ ରଙ୍ଗୋଲି ଆର୍ଟ ମାଧ୍ୟମରେ ଅଜୟ କୁମାର ଘୋଷ ଚିତ୍ରଣ କରିଛନ୍ତି ଗଣେଶଙ୍କ ଜନ୍ମ ସହ ଜଡ଼ିତ ପୌରାଣିକ କାହାଣୀର ଏକ ଭାବପ୍ରବଣ ଦୃଶ୍ୟ ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, ମା' ପାର୍ବତୀଙ୍କ ଆଦେଶରେ ଦ୍ୱାର ଜଗିଥିବା ବାଳକ ଗଣେଶ ମହାଦେବ ଶିବଙ୍କୁ ଭିତରକୁ ପ୍ରବେଶ କରିବାକୁ ଦେଇନଥିଲେ । ଏହାକୁ ନେଇ ମହାଦେବ ଓ ଗଣେଶଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। କ୍ରୋଧରେ ମହାଦେବ ଗଣେଶଙ୍କ ମସ୍ତକ ଛେଦନ କରିଥିବା କାହାଣୀ ରହିଛି।

ପରେ ମହାଦେବ ଜାଣିବାକୁ ପାଇଥିଲେ ଯେ, ଗଣେଶ ହେଉଛନ୍ତି ତାଙ୍କର ନିଜ ପୁତ୍ର। ଏହାପରେ ଗଣେଶଙ୍କୁ ପୁନର୍ଜୀବିତ କରିବା ପାଇଁ ମହାଦେବ ଉଦ୍ୟମ କରିଥିଲେ। କିମ୍ବଦନ୍ତୀ ଅନୁସାରେ, ହାତୀର ମସ୍ତକ ଆଣି ଗଣେଶଙ୍କ ଶରୀରରେ ସ୍ଥାପନ କରାଯାଇଥିଲା। ଆଉ ଏହି ମସ୍ତକ ଗଣେଶଙ୍କ ଶରୀର ସହ ଯୋଡ଼ି ହେଉଥିବା ସେହି ଦୃଶ୍ୟକୁ ନିଜ ରଙ୍ଗୋଲିରେ ଅତି ନିଖୁଣ ଭାବରେ ଫୁଟାଇଛନ୍ତି ଅଜୟ କୁମାର ଘୋଷ।

ରଙ୍ଗୋଲିର ପ୍ରତ୍ୟେକ ଅଂଶରେ ପୌରାଣିକ କାହାଣୀର ଭାବନା ଓ ଶ୍ରଦ୍ଧାକୁ ପ୍ରକାଶ କରିବାକୁ ପ୍ରୟାସ କରାଯାଇଛି। ଗଣେଶଙ୍କ ମାନବ ଶରୀର ସହ ହାତୀ ମସ୍ତକ ଯୋଡ଼ି ହେବାର ମୁହୂର୍ତ୍ତକୁ ରଙ୍ଗୋଲି ମାଧ୍ୟମରେ ଉପସ୍ଥାପନ କରି ଶିଳ୍ପୀ ଜଣକ ଭକ୍ତି ସହିତ ନିଜର କଳା ପ୍ରତିଭାର ମଧ୍ୟ ପରିଚୟ ଦେଇଛନ୍ତି । ଜଣେ ଶିକ୍ଷକ ଭାବେ ନିଜର ଦାୟିତ୍ୱ ତୁଲାଇବା ସହ କଳା ପ୍ରତି ଥିବା ଆଗ୍ରହକୁ ଜାରି ରଖିଛନ୍ତି ଅଜୟ। ବିଭିନ୍ନ ପର୍ବପର୍ବାଣୀ ଓ ସାମାଜିକ ବାର୍ତ୍ତାକୁ ନିଜ କଳା ମାଧ୍ୟମରେ ଲୋକଙ୍କ ନିକଟରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ।

## ଫୁଲବାଣୀ ଓକିଲ ସଂଘ ପକ୍ଷରୁ ପାଳିତ ହେଲା ଗଣେଶ ପୂଜା



**ଫୁଲବାଣୀ,୧୪।୯ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲା ଫୁଲବାଣୀ ଓକିଲ ସଂଘ ପକ୍ଷରୁ ପୁରୁଣା ଓକିଲ ବାର ପରିସରରେ ଗଣେଶ ପୂଜା ପାଳିତ ହୋଇଯାଇଛି। ପୂଜାରେ କର୍ତ୍ତା ଭାବରେ ବରିଷ୍ଠ ଆଇନଜୀବୀ ଭିଭି ରାମଦାସ କାର୍ଯ୍ୟ ତୁଲାଇ ଥିବା ବେଳେ ପୂଜକ ଭାବେ ଆଇନଜୀବୀ ପ୍ରଦୀପ ମହାପାତ୍ର ବସିଥିଲେ ।

ବିରୂପାକ୍ଷ ପଣ୍ଡା, ପ୍ରତାପ ବେହେରା, ଜୟନ୍ତ ମହାନ୍ତି,ଦୀପକ ମହାପାତ୍ର,ଜ୍ଞାନ ପାଢ଼ୀ, ଅଜୟ ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ , ସୁଶାନ୍ତ ପଟ୍ଟନାୟକ, ମାନସ ରଞ୍ଜନ ଡାକୁଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଭଗବାନ ମହାନ୍ତି, ପ୍ରତାପ ପାତ୍ର, ଚନ୍ଦ୍ର ଶେଖର ମିଶ୍ର, ବଂଶୀଧର ମହାପାତ୍ର, ରମେଶ ଚନ୍ଦ୍ର ମହାନ୍ତି, ବୀଣାପାଣି ପ୍ରଧାନ, ନନ୍ଦିତା କୁମାରୀ, ଜୟନ୍ତୀ ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜିବି ଉପସ୍ଥିତ ଥିଲେ । ଅମର ଭାଇ ଭୋଗ ଦାୟୀତ୍ୱ ପରିଚାଳନା କରିଥିଲେ ।

# ପୁରପଲ୍ଲୀରେ ଗଜାନନଙ୍କ ଜୟ ଜୟକାର

## ଗଣେଶ ଷ୍ଟାର କ୍ଲବର ୧୨ ବର୍ଷ ପୂର୍ତ୍ତି ଅବସରରେ ୨ ହଜାର ଭକ୍ତଙ୍କୁ ପ୍ରସାଦ

## ୩୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ବିଘ୍ନରାଜ

## ସୁସଜ୍ଜିତ ମଣ୍ଡପ ସାଙ୍ଗକୁ ଆଖି ଝଲସିବା ଭଳି ଆଲୋକ ତୋରଣ

**କାକଟପୁର/ଅସ୍ତରଙ୍ଗ,୧୪।୯ (ସଂଚାର ବ୍ୟୁରୋ)**: ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନଂ କୁରୁ ମେ ଦେବ ସର୍ବ କାର୍ଯ୍ୟେଷୁ ସର୍ବଦା। ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ସବୁଠି ଅଗ୍ରପୂଜ୍ୟ ଗଜାନନଙ୍କ ଆରାଧନା ଚାଲିଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକର ପୁର-ପଲ୍ଲୀ ସୋମବାର ଗଣେଶମୟ ହୋଇଛି। ପ୍ରତ୍ୟେକ ଗଳି କନ୍ଦିରେ ଗୁଞ୍ଜରିତ ହେଉଛି ଗଣପତି ବାପ୍ପା ମୋରୟା ଧ୍ୱନି।

ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ଏହି ଦୁଇ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ପାଖାପାଖି ୩୦୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପ୍ରଭୁ ଗଜାନନ ପୂଜା ପାଉଛନ୍ତି। କାକଟପୁର ମୁଖ୍ୟ ବଜାର, ଅସ୍ତରଙ୍ଗ ମୁଖ୍ୟ ବଜାର, ପ୍ରତ୍ୟେକ ପଞ୍ଚାୟତ, ଗାଁ ଛକ, ଶିକ୍ଷାନୁଷ୍ଠାନ ସବୁଠି ଆଖି ଝଲସିବା ଭଳି ଲାଇଟ୍ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ ହୋଇଛି ମଣ୍ଡପ। ସକାଳୁ ପଣ୍ଡିତଙ୍କ ମନ୍ତ୍ରଧ୍ୱନି, ଶଙ୍ଖ, ଘଣ୍ଟ, ଢୋଲ, ମୃଦଙ୍ଗର ତାଳେ ପୂଜାର୍ଚ୍ଚନା ଚାଲିଛି। ପ୍ରତ୍ୟେକ ମଣ୍ଡପରେ ଭକ୍ତଙ୍କ ଅସମ୍ଭାଳ ଭିଡ ପରିଲକ୍ଷିତ ହେଉଛି।



ଏଥରର ମୁଖ୍ୟ ଆକର୍ଷଣ ହେଉଛି ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତର ଗଣେଶ ଷ୍ଟାର କ୍ଲବ। ଏହି କ୍ଲବ ଚଳିତ ବର୍ଷ ୧୨ ବର୍ଷ ପୂରଣ କରିଛି। ୧୨ ବର୍ଷ ପୂର୍ତ୍ତି ଉପଲକ୍ଷେ କ୍ଲବ ପକ୍ଷରୁ ଭବ୍ୟ ମଣ୍ଡପ ଓ ସୁନ୍ଦର ମୂର୍ତ୍ତି ସ୍ଥାପନ କରାଯାଇଛି। ବିଶେଷ ପୂଜାର୍ଚ୍ଚନା ସହ ପାଖାପାଖି ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଛି। କ୍ଲବର ଯୁବ ସଦସ୍ୟଙ୍କ ଏକତା ଏଥର ଚର୍ଚ୍ଚାର ବିଷୟ ପାଲଟିଛି।

ସେହିପରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଧ୍ୟ ଭକ୍ତିର ମାହୋଲ। ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମର ହାପି ଟ୍ୟୁଟୋରିଆଲ୍ ସମେତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜରେ ଛାତ୍ରଛାତ୍ରୀମାନେ ନିଜେ ମେଢ ସଜାଇ ବିଦ୍ୟାଦାତାଙ୍କୁ ପୂଜା କରୁଛନ୍ତି। ଏହା ସହ ନଈଗୁଆଁର ପ୍ରସିଦ୍ଧ ଉତ୍ତରମୁଖୀ ଶୋଇଥିବା ଗଣେଶ ମନ୍ଦିର, ଅସ୍ତରଙ୍ଗ ମୁଖ୍ୟ ବଜାରରେ ଥିବା ଗଣେଶ ମନ୍ଦିର ସମେତ ବିଭିନ୍ନ ମଣ୍ଡପରେ ଗଜାନନ ପୂଜା ଆୟୋଜନ କରାଯାଇଛି। ହଜାର ହଜାର ଭକ୍ତଙ୍କ ସମାଗମ ହେଉଛି।

ସନ୍ଧ୍ୟାରେ ପ୍ରତ୍ୟେକ ମଣ୍ଡପରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶାନ୍ତି ଶୃଙ୍ଖଳା ସହ ପୂଜା ପାଳନ ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଗଣେଶ ପୂଜା କେବଳ ପୂଜା ନୁହେଁ, ଏହା ଆମ ମାଟିର ଏକତା ଓ ଭାଇଚାରାର ପର୍ବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ନୂତନ ଅନୁଦାନପ୍ରାପ୍ତ ସ୍କୁଲକୁ ଅଣଦେଖା ଅଭିଯୋଗ

## ନାହିଁ ସଭା ମଞ୍ଚ କି ଶୌଚାଳୟ ଭଳି ମୌଳିକ ସୁବିଧା



**ନିଶ୍ଚିନ୍ତକୋଇଲି,୧୪।୯ (ସଂଚାର ବ୍ୟୁରୋ)**: କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ତିଳକଣା ପଞ୍ଚାୟତସ୍ଥିତ ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟରେ ଦେଖାଦେଇଛି ମୌଳିକ ସୁବିଧାର ଅଭାବ। ନୂତନ ଅନୁଦାନପ୍ରାପ୍ତ ଏହି ବିଦ୍ୟାଳୟ ପ୍ରତି ସ୍ଥାନୀୟ ଲୋକପ୍ରତିନିଧି ତଥା କଟକ ସଦର ବିଧାୟକଙ୍କ ଅଣଦେଖା ନେଇ ଅଭିଯୋଗ ଉଠିଛି।

ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସଭା ମଞ୍ଚ ନଥିବା ବେଳେ ଶୌଚାଳୟ ଭଳି ମୌଳିକ ସୁବିଧାର ମଧ୍ୟ ଅଭାବ ରହିଥିବା ଅଭିଯୋଗ ହୋଇଛି। ଫଳରେ ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ଖେଳକୁଦ ଓ ଦୈନନ୍ଦିନ ଆବଶ୍ୟକତା ମଧ୍ୟ ପ୍ରଭାବିତ ହେଉଛି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଭାବେ ଏଠାରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନିଆଯିବା ଦରକାର ବୋଲି ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି— ଶିକ୍ଷାର ବିକାଶ ପାଇଁ ବଡ଼ ବଡ଼ ଦାବି ହେଉଥିବା ବେଳେ, ଏହି ବିଦ୍ୟାଳୟରେ କେବେ ପହଞ୍ଚିବ ମୌଳିକ ସୁବିଧା? ଛାତ୍ରଛାତ୍ରୀଙ୍କ ସମସ୍ୟା ପ୍ରତି କେବେ ଦିଆଯିବ ଗୁରୁତ୍ୱ? ଏନେଇ ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ କି ପଦକ୍ଷେପ ନିଆଯାଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

## ୨ ବର୍ଷ ହେଲା ୱାଟର ଫିଲ୍ଟର ଅଚଳ

**ମାଲକାନଗିରି,୧୪।୯ (ସଂଚାର ବ୍ୟୁରୋ)**: ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ତାଣ୍ଡବାଇ ପଞ୍ଚାୟତ ଅନ୍ତର୍ଗତ ଏମ୍ଭି-୭୯ ମାର୍କେଟ ଛକରେ ଲୋକଙ୍କ ପିଇବା ପାଣି ସୁବିଧା ପାଇଁ ପଞ୍ଚାୟତ ପକ୍ଷରୁ ସ୍ଥାପିତ ୱାଟର ଫିଲ୍ଟର ଏବେ ଅଚଳ ହୋଇ ପଡ଼ିଛି। ଫିଲ୍ଟର ଚାରିପାଖରେ ଅଳିଆ ଆବର୍ଜନା ଜମି ରହିଥିବା ବେଳେ ଦୀର୍ଘଦିନ ଧରି ଏହାର ମରାମତି ହୋଇନଥିବା ଅଭିଯୋଗ ହୋଇଛି। ପ୍ରାୟ ୨ ବର୍ଷ ଧରି ଫିଲ୍ଟରଟି ଅଚଳ ରହିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ମାର୍କେଟ ଛକରେ ପ୍ରତିଦିନ ବହୁ ଲୋକଙ୍କ ଯାତାୟାତ ହେଉଥିବାରୁ ପିଇବା ପାଣି ପାଇଁ ଏହି ଫିଲ୍ଟରଟି ଲୋକଙ୍କ ପାଇଁ ଉପଯୋଗୀ ଥିଲା। ହେଲେ ଅଚଳ ହୋଇ ପଡ଼ିବା ପରେ ଲୋକେ ପାଣି ପାଇଁ ଅସୁବିଧା ଭୋଗୁଛନ୍ତି। ପଞ୍ଚାୟତ ପକ୍ଷରୁ ତୁରନ୍ତ ଫିଲ୍ଟରଟିର ମରାମତି କରି ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧାନ କ୍ଷେତରେ ରୋଗପୋକ, ଚିନ୍ତାରେ ଚାଷୀ

**ଝାରସୁଗୁଡ଼ା,୧୪।୯ (ସଂଚାର ବ୍ୟୁରୋ)**: ଚଳିତ ଖରିଫ ଋତୁରେ ଝାରସୁଗୁଡ଼ା ଜିଲ୍ଲାର ଧାନ ଚାଷ ଉପରେ ରୋଗପୋକର ପ୍ରାଦୁର୍ଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଲଗାତାର ବର୍ଷା, ମେଘୁଆ ପାଗ ଏବଂ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣର ଅଭାବ ଯୋଗୁଁ ଅନେକ ଅଞ୍ଚଳରେ ଧାନ ଗଛ ହଳଦିଆ ପଡ଼ିବା ସହ ଚକଡ଼ା ଓ ଗଣ୍ଡି ପୋକ ଭଳି କୀଟର ପ୍ରାଦୁର୍ଭାବ ଦେଖାଦେଇଛି। ଏହା ଧାନ ଫସଲର ବୃଦ୍ଧି ଓ ଆଗାମୀ ଉତ୍ପାଦନ ଉପରେ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି କରିଛି। କୋଲାବିରା ବ୍ଲକର କେଲଡ଼ାମାଲ, ସମାସିଂହା, ରଘୁନାଥପାଲି, ଝିରଲାପାଲି ଓ ପୋଖରାସାଲେ ପଞ୍ଚାୟତ ସମେତ ଝାରସୁଗୁଡ଼ା, ଲଇକେରା, କିର୍ମିରା ଓ ଲଖନପୁର ଅଞ୍ଚଳରେ ମଧ୍ୟ ଏହି ସମସ୍ୟା ଦେଖାଦେଇଥିବା ଚାଷୀମାନେ କହିଛନ୍ତି।

ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ ବଜାରରୁ ବିଭିନ୍ନ ପ୍ରକାର କୀଟନାଶକ କିଣି ବ୍ୟବହାର କରୁଥିଲେ ମଧ୍ୟ ଆଶାନୁରୂପ ଫଳ ମିଳୁନଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ପାଇଁ ଧାନ ଫସଲ କେବଳ ଏକ ଚାଷ ନୁହେଁ, ବର୍ଷକର ଜୀବିକା ଓ ଆୟର ମୁଖ୍ୟ ଆଧାର। ଏଭଳି ସମୟରେ ରୋଗପୋକ ଦ୍ୱାରା ଫସଲ କ୍ଷତିଗ୍ରସ୍ତ ହେଲେ ଉତ୍ପାଦନ କମିବା ସହ ଚାଷୀଙ୍କ ଆୟ ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପଡ଼ିବ। ଅଧିକ ଔଷଧ କିଣିବା ଓ ପ୍ରୟୋଗ କରିବା ଯୋଗୁଁ ଚାଷ ଖର୍ଚ୍ଚ ବଢ଼ିବା ମଧ୍ୟ ଚାଷୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ସୃଷ୍ଟି କରୁଛି। ଏପଟେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳିତ ହେବାକୁ ଥିବା ବେଳେ ଧାନ ଫସଲର ଏଭଳି ସ୍ଥିତି ଚାଷୀଙ୍କ ଉତ୍ସାହକୁ କିଛିଟା ଫିକା କରିଦେଇଛି। କୋଲାବିରା ବ୍ଲକ ଗାୟତ୍ରୀ କୃଷକ ସଂଘ ସଭାପତି ହେମନ୍ତ ସାହୁ ଚାଷୀଙ୍କ ସମସ୍ୟା ନେଇ ଉଦ୍ବେଗ ପ୍ରକାଶ କରିବା ସହ ଧୈର୍ଯ୍ୟର ସହ ଏହି ସଙ୍କଟର ମୁକାବିଲା କରିବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ ନନ୍ଦଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଏସ୍‌ଏସ୍‌ଡି ସ୍କୁଲରେ ଗଣେଶ ଚତୁର୍ଥୀ ପାଳିତ



**ଭଞ୍ଜାଗୁଡା,୧୪।୯ (ସଂଚାର ବ୍ୟୁରୋ)**: ସାରା ରାଜ୍ୟରେ ଆଜି ପବିତ୍ର ଗଣେଶ ଚତୁର୍ଥୀ ପର୍ବ ପାଳିତ ହେଉଥିବା ବେଳେ ଭଞ୍ଜାଗୁଡା ଏସ୍‌ଏସ୍‌ଡ଼ି ସ୍କୁଲ ପରିସରରେ ମଧ୍ୟ ଭକ୍ତିମୟ ପରିବେଶ ମଧ୍ୟରେ ଗଣେଶ ପୂଜା ଅର୍ଚ୍ଚନା ଅନୁଷ୍ଠିତ ହୋଇଛି।

ସ୍କୁଲର ପ୍ରଧାନ ଶିକ୍ଷକ ସଂଜୀବ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଏହି ପୂଜା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଜା ଅବସରରେ ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ସ୍କୁଲର କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ପୂଜା ପୂର୍ବରୁ ସ୍କୁଲ ପରିସରକୁ ସୁନ୍ଦର ଭାବେ ସଜାଯାଇଥିଲା। ବିଧିବିଧାନ ଅନୁସାରେ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା, ଧୂପ-ଦୀପ ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଭକ୍ତିଭାବରେ ପୂଜାରେ ସାମିଲ ହୋଇ ଶ୍ରୀଗଣେଶଙ୍କ ଆଶୀର୍ବାଦ କାମନା କରିଥିଲେ।

ଏହି ଅବସରରେ ପ୍ରଧାନ ଶିକ୍ଷକ ଶ୍ରୀ ପଣ୍ଡା ଛାତ୍ରଛାତ୍ରୀଙ୍କୁ ଗଣେଶ ଚତୁର୍ଥୀର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଶିକ୍ଷା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧାର୍ମିକ ଓ ସାଂସ୍କୃତିକ ପରମ୍ପରା ପ୍ରତି ସମ୍ମାନବୋଧ ସୃଷ୍ଟି କରିବାରେ ଏଭଳି କାର୍ଯ୍ୟକ୍ରମ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ ପାଇଥିଲା।

ପୂଜା କାର୍ଯ୍ୟକ୍ରମ ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବା ବେଳେ ସ୍କୁଲ ପରିସରରେ ଦିନତମାମ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା।

## ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଗଣେଶ ପୂଜା



**ଫୁଲବାଣୀ,୧୪।୯ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲ୍ଲା ପ୍ରେସ କ୍ଲବ ଫୁଲବାଣୀ ଠାରେ ମହା ଆଡମ୍ବର ସହକାରେ ପାଳିତ ହେଲା ଗଣେଶ ପୂଜା । ପୂଜାରେ କର୍ତ୍ତା ଭାବରେ ସଙ୍ଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସୁନୀଲ କୁମାର ପଟ୍ଟନାୟକ କାର୍ଯ୍ୟ ତୁଲାଇ ଥିବା ବେଳେ ସମ୍ପାଦକ ତ୍ରିନାଥ ସାହୁ , ସହ ସମ୍ପାଦକ ରମେଶ ପ୍ରଧାନ ସାମ୍ବାଦିକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମୁସ୍କାନ ସୁଆର, କାହ୍ନୁ ପଟ୍ଟନାୟକ, ବିଶ୍ୱ ରଞ୍ଜନ ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୋପାଳ କୃଷ୍ଣ ପଟ୍ଟନାୟକ, ଶିବାନନ୍ଦ ପଟ୍ଟନାୟକ, ସନ୍ତୋଷ ଦିଗାଲ,କାହ୍ନୁ ଚରଣ ସତପଥୀ,ତ୍ରିନାଥ ସାହୁ,ସୁଜିତ୍ ବେହେରା,ଅଜିତ ମହାରଣା,ଅଶୋକ ମହାନ୍ତି, ଜୟସେନ ପରିଡା,ପ୍ରଶାନ୍ତ କୁମାର ବେହେରା, ବ୍ରଜ ମୋହନ ନାୟକ,ରଞ୍ଜନ ପ୍ରଧାନ, ରାକେଶ ରାଉତ,ପ୍ରଶାନ୍ତ ଜେନା, କ୍ଷିତୀଶ ମଲ୍ଲିକ ଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଧୁମଧାମରେ ପାଳିତ ହେଲା ଗଣେଶ ପୂଜା

**ଫୁଲବାଣୀ,୧୪।୯ (ସଂଚାର ବ୍ୟୁରୋ)**: କନ୍ଧମାଳ ଜିଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସର ରେ ଥିବା ବୌଦ୍ଧିକ ମଣ୍ଡପରେ ଛାତ୍ରଛାତ୍ରୀ ମାନେ ମହା ଆଡମ୍ବର ସହକାରେ ପାଳନ କଲେ ଗଣେଶ ପୂଜା । ପୂଜାରେ କର୍ତ୍ତା ଭାବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପାଢୀ କାର୍ଯ୍ୟ ତୁଲାଇ ଥିବା ବେଳେ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବ୍ରଜବନ୍ଧୁ ମଲ୍ଲିକ, ସମ୍ପାଦକ ଟି ଶିବ ଶଙ୍କର ପାତ୍ର, ବାସୁଦେବ ପ୍ରହରାଜ, କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ମାତୃ ଭାରତୀର ସମସ୍ତ ସଦସ୍ୟା,ଆଚାର୍ଯ୍ୟ ଆଚାର୍ଯ୍ୟା, ସେବକ ସେବିକା ବାହନ ଚାଳକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାୟ ୧୨ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ମଧ୍ୟ ଏହି ପୂଜାରେ ଉପସ୍ଥିତ ଥିଲେ।

# ଗାଁଠୁ ସହର ବିଭିନ୍ନ ସ୍ଥାନରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା



**ଧାମନଗର,୧୪।୯ (ସଂଚାର ବ୍ୟୁରୋ)**: ଧାମନଗର ପଞ୍ଚାୟତ ସମିତି, ତହସିଲ ଏବଂ ବିଭିନ୍ନ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗାଁ ଠୁ ସହର ସବୁ ଆଡେ ପବିତ୍ର ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଗୌରୀ ନନ୍ଦନ ତଥା ଦେବତାଙ୍କ ମଧ୍ୟରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ମହାସମାରୋହରେ ପାଳିତ ହୋଇଛି। ଗଜାନନଙ୍କ ପୂଜା ପାଇଁ ଗାଁଠୁ ସହର ସବୁଠି ଉତ୍ସାହ ଉଦ୍ଦୀପନା ପରିଲକ୍ଷିତ ହୋଇଛି।

ସରକାର ଓ ବେସରକାରୀ ବିଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ ଏପରିକି ସାହି ଗଳିରେ ବ୍ୟାପକ ଆୟୋଜନରେ ଅନୁଷ୍ଠିତ ସିଦ୍ଧିଦାତାଙ୍କ ଆରାଧନା। ବ୍ଲକ ଓ ଏନଏସି ଅଞ୍ଚଳରେ ବିଭିନ୍ନ ସୁସଜ୍ଜିତ ପୂଜା ମଣ୍ଡପରେ ଭକ୍ତି ଓ ଶ୍ରଦ୍ଧାର ସହ ପୂଜା ପାଇଲେ ବିଘ୍ନହର୍ତ୍ତା। କେଉଁଠି ସକାଳୁ ସକାଳୁ ପୂଜା ଆରମ୍ଭ ହୋଇଗଲାଣି ତ ଆଉ କେଉଁଠି ରାତ୍ରିରେ ପୂଜା ଲାଗି ପ୍ରସ୍ତୁତି ଚାଲିଛି। ବକ୍ରତୁଣ୍ଡ ମହକାୟ ସ୍ତୁତିର ଧ୍ୱନୀରେ ପ୍ରକମ୍ପିତ ହୋଇଛି ଗଗନ ପବନ। ଧୂପ,ଦୀପ ଝୁଣା ଓ ନୈବେଦ୍ୟର ମୋହନୀୟ ମହକ ଭିତରେ ଆର୍ବିଭୂତ ହେବେ ପ୍ରଭୁ ଶ୍ରୀ ଗଣେଶ।

ଏହି ଅବସରରେ ଧାମନଗର ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ, ରାଧାବଲ୍ଲଭପୁର ପଞ୍ଚାୟତ ଅଧିନ ଜାଗୁଲାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ,ଫିଡର ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତୋଫାନ ନାୟକଙ୍କ ତତ୍ତ୍ୱାବଧାନରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ମହା ସମାରୋହରେ ପାଳିତ ହୋଇଥିବା ବେଳେ ଧାମନଗର ବ୍ଲକ ଓ ସହରାଞ୍ଚଳର ବିଭିନ୍ନ ପ୍ରାଥମିକ,ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ବିଦ୍ୟା, ବୁଦ୍ଧି ଓ ସିଦ୍ଧିଦାତା, ବିଘ୍ନବିନାଶକ ଶ୍ରୀ ଗଣେଶଙ୍କ ପୂଜା ଭାବ ଭକ୍ତିର ସହ ପାଳିତ ହୋଇଛି।

ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ମୁତୟନ କରିଥିବା ବେଳେ ପାଟ୍ରୋଲିଙ୍ଗକୁ କଡାକଡି କରାଯାଇଥିଲା।

# କାଗଜ କଲମରେ ନୂଆ ଏନ୍‌ଏସି

## ବିଷମ କଟକ ଗ୍ରାମପଞ୍ଚାୟତ ଅର୍ଥ ହାତେଇ ମଧ୍ୟ ବିଜୁଳି ବିଲ୍ ବାକି

## ଅନ୍ଧାରରେ ଗତି କରୁଛି ସହର

**ରାୟଗଡା,୧୪।୯ (ସଂଚାର ବ୍ୟୁରୋ)**: ରାୟଗଡ଼ା ଜିଲ୍ଲା ବିଷମ କଟକକୁ ଛ ମାସ ହେବ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ କରାଗଲା। ହେଲେ ଆଜି ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତର ଛକାପଞ୍ଝା ପାଇଁ ଏନଏସିକୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ନାହିଁ। ଫଳରେ ସେବା ବ୍ୟବସ୍ଥା ଆଗକୁ ବଢ଼ିବା ବଦଳରେ ଏନଏସିର ଦାୟିତ୍ୱ ଓ ନୀୟମକୁ ଦଳି ଚକଟି ଦେଉଛି ସ୍ୱାର୍ଥ ଲୋଭି ଗ୍ରାମପଞ୍ଚାୟତ। ଦାୟିତ୍ୱ ହସ୍ତାନ୍ତର କରାନଯିବାରୁ ବିଷମ କଟକ ଏନ୍‌ଏସି କାର୍ଯ୍ୟକ୍ଷମ ହୋଇପାରୁନାହିଁ । ସ୍ଥାନୀୟ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷ ଏହାର ସୁଯୋଗ ନେଇ ପଂଚାୟତ ରେ ଆର୍ଥୀକ ଅନିୟମିତତା ଚଲାଇଥିବା ଅଭିଯୋଗ ହୋଇଛି।

ଗ୍ରାମପଞ୍ଚାୟତର ପ୍ରାୟ ୨,୦୦୦ରୁ ଊର୍ଦ୍ଧ୍ୱ ଚାଉଳ କାର୍ଡ ହିତାଧିକାରୀଙ୍କ ଠାରୁ ପ୍ରତ୍ୟେକ ମାସରେ ଷ୍ଟ୍ରିଟ୍ ଲାଇଟ୍ ବାବଦକୁ ୧୫ ଟଙ୍କା ଲେଖାଏଁ ମୋଟ ୩୦ହଜାର ଟଙ୍କା ପଞ୍ଚାୟତ ଆଦାୟ କରୁଛି । ଏହି ସଂଗୃହିତ ଟଙ୍କାରୁ ବିଦ୍ୟୁତ୍ ବିଭାଗକୁ ଥିବା ଲକ୍ଷାଧିକ ଟଙ୍କା ପଞ୍ଚାୟତ ପୈଠ କରିବାକୁ ଆନ୍ତରିକତା ନାହିଁ । ଅନ୍ଧାରର ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଉତ୍ତର ମିଳୁଛି ବିଜୁଳି ବିଲ୍ ନୂଆ ଏନ୍‌ଏସି ପଇଠ କରିବ ବୋଲି ପଂଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ପ୍ରଦୀପ ଅଡଙ୍ଗକା କହି ନିଜ ଦାୟୀତ୍ୱରୁ ଏଡାଇ ଯାଉଛନ୍ତି।

ଏହି ଦହଗଞ୍ଜ ଭିତରେ ନୂତନ ଭାବେ ଗଠିତ ଏନ୍‌ଏସିରେ ବର୍ତ୍ତମାନ ସୁଦ୍ଧା କୌଣସି ଆର୍ଥିକ କାରବାର ବ୍ୟବସ୍ଥା ଆରମ୍ଭ ହୋଇନାହିଁ କିମ୍ବା ସରକାରୀ ସ୍ତରରୁ କୌଣସି ଅନୁଦାନ ହସ୍ତଗତ ହୋଇନାହିଁ। ଏଭଳି ସ୍ଥିତିରେ ଗ୍ରାମ ପଂଚାୟତ ଦ୍ୱାରା ବାକି ବିଜୁଳି ବିଲ୍ ପୈଠ କରିବା ସମ୍ଭବପର ନୁହେଁ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସଦ ପଟ୍ଟନାୟକ ପ୍ରକାଶ କରିଛନ୍ତି । ଗୋଟିଏ ପଟେ ପଞ୍ଚାୟତ ହିତାଧିକାରୀ ନିୟମିତ ଭାବେ ହିତାଧିକାରୀ ମାନଙ୍କ ଠାରୁ ବିଜୁଳି ବିଲ ନାଁ ରେ ଅର୍ଥ ଆଦାୟ କରୁଥିବା ବେଳେ, ଅନ୍ୟପଟେ ନୂଆ ଏନ୍‌ଏସି ନାଁ ନେଇ ବିଲ୍ ପୈଠ ନକରି ଗ୍ରାମବାସୀଙ୍କୁ ବିଭ୍ରାନ୍ତ କରୁଛି ପଞ୍ଚାୟତ ।

ଏପରି ଟାଳଟୁଳ ନୀତି ଯୋଗୁଁ ଗତ ୫ ମାସ ହେଲା ଷ୍ଟ୍ରିଟ୍ ଲାଇଟ୍ ବିଲ ବକେୟା ରହିଥିବାରୁ ବିଦ୍ୟୁତ୍ ବିଭାଗ ଗତ ପନ୍ଦର ଦିନ ହେବ ବିଷମ କଟକ ସହରର ଅଧା ଅଂଚଳର ଷ୍ଟ୍ରିଟ୍ ଲାଇଟ୍ କଂନେକ୍‌ସନ୍ ବନ୍ଦ କରିଦେଇଛନ୍ତି । ଷ୍ଟ୍ରିଟ୍ ଲାଇଟ ନ ଜଳିବା ଯୋଗୁଁ ସନ୍ଧ୍ୟା ହେଲେ ଅଧାରୁ ଅଧିକ ଗାଁ ଅନ୍ଧାରରେ ବୁଡ଼ି ରହୁଛି, ଯାହା ଗ୍ରାମବାସୀଙ୍କ ସୁରକ୍ଷା ଓ ଗମନାଗମନରେ ବଡ଼ ବାଧା ସୃଷ୍ଟି କରିଛି। ଲୋକଙ୍କ ସରଳତାର ସୁଯୋଗ ନେଇ ଚାଉଳ ପ୍ରଦାନ ସମୟରେ ନିୟମିତ ବିଜୁଳି ବାବଦ ଟଙ୍କା ଆଦାୟ କରାଯାଉଥିବା ବେଳେ ବିଦ୍ୟୁତ୍ ବିଭାଗକୁ ସେହି ଟଙ୍କା କାହିଁକି ଦିଆଯାଉନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।







ଆଦାୟ ହୋଇଥିବା ବିପୁଳ ପରିମାଣର ଟଙ୍କା କୁଆଡ଼େ ଯାଉଛି? ଏଥିରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି ନାହିଁ, ସେ ନେଇ ଲୋକ ମାନଙ୍କ ମନରେ ଉଦ୍‌ବେଗ ପ୍ରକାଶ ପାଇଛି। ସରକାରୀ ବିଧି ବ୍ୟବସ୍ଥା ଭିତରେ ବକେୟା ବିଜୁଳି ବିଲ୍ ପଇଠ ସୁନିଶ୍ଚିତ ହୋଇଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ କିପରି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କଲା ସେ ନେଇ ବିଭାଗର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଷମ କଟକ ଷ୍ଟ୍ରିଟ୍‌ଲାଟ ବିଜୁଳି ସଂଯୋଗ ସ୍ୱାଭାବିକ କରିବା ଭଳି ସମ୍ବେଦନଶୀଳ ଘଟଣାରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରିବା ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି।




# ଥଣ୍ଡା ଓ କାଶ ସମସ୍ୟାରୁ ମୁକ୍ତି ପାଇବେ କିପରି ?



ବର୍ତ୍ତମାନ୍ ପାଣିପାଗରେ ପରିବର୍ତ୍ତନ ହେଉଛି। ଫଳରେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି। ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି। ଏଥିସହ ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ। ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ। ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଜାଣିବା ସେ ସମ୍ପର୍କରେ ଜାଣିବା। ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇଆସୁଅଛି। କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ନିଶ୍ଚୟ ଏହାକୁ ପିଅନ୍ତୁ। ଯାହା ଆମ ସ୍ୱାସ୍ଥ୍ୟ ଉପକାରୀ ବୋଲି ବିଶ୍ୱାସ କରାଯାଉଛି। ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧ୍ୟରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ।

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି ପାଇପାରିବେ। ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ। ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ୍ୟ କରାଯାଇପାରିବ।

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ। ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ। ଅର୍ଥାତ୍, ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ। ଏଥିସହ ଓଜନ ମଧ୍ୟ ହ୍ରାସ ପାଇବାକୁ ଲାଗିବ। ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ। ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ। ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ। ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ୍ୟ ମିଶାଇ ପାରିବେ। ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ।

## ପାକସ୍ଥଳୀ କର୍କଟ



ମନୁଷ୍ୟ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ପାକସ୍ଥଳୀ। ଖାଉଥିବା ଖାଦ୍ୟକୁ ପାକସ୍ଥଳୀ ହଜମ କରିଥାଏ। ହେଲେ ଦୁଃଖର କଥା ଯେ, ଶରୀରର ଅନ୍ୟ ଅଙ୍ଗ ଭଳି ପାକସ୍ଥଳୀରେ ମଧ୍ୟ କର୍କଟ ହେବାର ସମ୍ଭାବନା ଅଧିକ ଥାଏ। ପାକସ୍ଥଳୀରେ କର୍କଟର ହେବାର ବିଭିନ୍ନ କାରଣ ରହିଛି। ତେବେ ଏହି ପ୍ରକାର କର୍କଟ ହେଲେ ଏହାର ଲକ୍ଷଣକୁ ଚିହ୍ନଟ କରି ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା ଜରୁରି। ହେଲିକୋବ୍ୟାକ୍ଟର ପାଲୋରି ଜୀବାଣୁ ଏହି କର୍କଟ ହେବାର ମୁଖ୍ୟ କାରଣ। ଏହାବାଦ୍ ସମ୍ପ୍ରତି ଜୀବନଶୈଳୀ, ଅଧିକ ମସଲାଯୁକ୍ତ ଓ ଲୁଣଯୁକ୍ତଖାଦ୍ୟ, ନାଇଟ୍ରାଇଟଯୁକ୍ତ ଖାଦ୍ୟ ସେବନ, ବଂଶଗତ, ଧୂମପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପେଟରେ କୋଷଗୁଡିକ ନଷ୍ଟ ହୋଇ ପାକସ୍ଥଳୀ କ୍ୟାନ୍ସର ହୋଇପାରେ।

## ସ୍ମାଇଲ୍ ମୁଦ୍ରା ଥେରାପି

ଭାରତୀୟ ସଂସ୍କୃତି ଏବଂ ଆଧ୍ୟାତ୍ମିକ ପରମ୍ପରାରେ ହସ୍ତ ମୁଦ୍ରାର ସ୍ଥାନ ସ୍ୱତନ୍ତ୍ର। ଯୋଗ ଏବଂ ଧ୍ୟାନ ପରି ଯୋଗ ମୁଦ୍ରା ଶରୀର ଏବଂ ମନକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏମିତି ଏକ ଥେରାପି ହେଉଛି ସ୍ମାଇଲ୍ ମୁଦ୍ରା ଥେରାପି। ଏହା ସାମାନ୍ୟ ଯୋଗ ମୁଦ୍ରା ଠାରୁ ଭିନ୍ନ। ଏହି ମୁଦ୍ରା ଥେରାପିରୁ ବିଭିନ୍ନ ରୋଗର ଉପଶମ ମିଳିଥାଏ। ସ୍ମାଇଲ୍ ମୁଦ୍ରା ଏକ କ୍ଲିନିକାଲ ମୁଦ୍ରା କୌଶଳ। ଏହି ମୁଦ୍ରା ହାତ ଏବଂ ଅଙ୍ଗୁଠିର ଏକ ବିଶେଷ ସ୍ଥିତି। ଏଥିରେ ଜଣେ ବ୍ୟକ୍ତିଙ୍କୁ ତାଙ୍କର ରୋଗ ଅନୁସାରେ ହାତର ପାଞ୍ଚଟି ଆଙ୍ଗୁଠି ଯଥା ଅଗ୍ନି, ବାୟୁ, ଆକାଶ, ପୃଥିବୀ ଓ ଜଳ ତତ୍ତ୍ୱକୁ ନେଇ ମୁଦ୍ରା ହୋଇଥାଏ। ପ୍ରତ୍ୟେକ ରୋଗ ପାଇଁ ବିଭିନ୍ନ ପ୍ରକାର ମୁଦ୍ରା କରିବାକୁ ହୁଏ। ତେବେ ଏହି ପ୍ରକାର ମୁଦ୍ରାରେ ବୁଢ଼ା ଆଙ୍ଗୁଠି ଏବଂ ବାୟୁ ମୁଦ୍ରା (ବିଶି ଆଙ୍ଗୁଠି)କୁ ଚାପିବା ଦ୍ୱାରା ଚିନ୍ତା ଦୂର ହୁଏ। ଯକୃତ ଜନିତ ସମସ୍ୟା, କର୍କଟ, ଲିଭର ସିରୋସିସ୍ ଦୂର ହୁଏ। ଜଣେ ବ୍ୟକ୍ତି ଘରେ ଏହି ମୁଦ୍ରା ଅଭ୍ୟାସ କରିପାରିବେ। ଏଥିରେ ଶରୀରର ଶକ୍ତି ସନ୍ତୁଳିତ ରହିଥାଏ। ଶାରୀରିକ ଏବଂ ମାନସିକ ସମସ୍ୟାରୁ ଆରାମ ମିଳେ। ଜୀବନଶୈଳୀ ଜନିତ ରୋଗ ଯଥା- ଉଚ୍ଚ ରକ୍ତଚାପ, ମଧୁମେହ, ହର୍ମୋନାଲ ଅସନ୍ତୁଳନ ଆଦିକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଏହି ମୁଦ୍ରା ମାନସିକ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ। ହେଲେ ଦୈନିକ ଏହି ମୁଦ୍ରା କରିବା ଦ୍ୱାରା ଆର୍ଥରାଇଟିସ୍ ଜନିତ ସମସ୍ୟା ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଦୀର୍ଘ ସମୟରୁ ଶାରୀରିକ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତି ଏହି ସ୍ମାଇଲ୍ ମୁଦ୍ରା ଥେରାପି ସାହାଯ୍ୟରେ ଆରୋଗ୍ୟ ଲାଭ କରିପାରିବେ।




## ପରିସ୍ରା ସଂକ୍ରମଣର ଆୟୁର୍ବେଦ ଉପଚାର

ପରିସ୍ରା ସଂକ୍ରମଣ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ଯାହାକି ବିବାହିତା ମହିଳା, କମ୍ ପାଣିପିଉଥିବା ବ୍ୟକ୍ତି, ସ୍ୱଚ୍ଛତାକୁ ଧ୍ୟାନ ଦେଉ ନ ଥିବା, ମଧୁମେହ ପୀଡ଼ିତ ଓ ଗର୍ଭବତୀମହିଳାଙ୍କଠାରେ ଅଧିକ ଦେଖାଯାଇଥାଏ। ମୁଖ୍ୟତଃ ପୁରୁଷଙ୍କ ପରିସ୍ରା ଥଳୀଠାରୁ ମହିଳାଙ୍କ ପରିସ୍ରାଥଳୀ ଛୋଟ ଥିବାରୁ ମହିଳାଙ୍କଠାରେ ପରିସ୍ରା ସଂକ୍ରମଣ ଆଶଙ୍କା ଅଧିକ ଥାଏ। ତେବେ ପରିସ୍ରା ସଂକ୍ରମଣ ନିୟନ୍ତ୍ରଣ ପାଇଁ ଆୟୁର୍ବେଦ ଉପଚାର ବିଧି ରହିଛି। ପରିସ୍ରା ସଂକ୍ରମଣ ହେଲେ, ବାରମ୍ବାର ପରିସ୍ରା, ପରିସ୍ରାରେ ଜ୍ୱଳନ, ରକ୍ତଆସିବା, ତଳିପେଟ ବିନ୍ଧା ସହ ଜ୍ୱର, ପରିସ୍ରା ଲାଲ୍ ହେବା ଆଦି ଲକ୍ଷଣ ଦେଖାଯାଇଥାଏ। ତେଣୁ ୟୁରୋଲୋଜିଷ୍ଟଙ୍କ ପରାମର୍ଶ କ୍ରମେ ଅଲ୍ଟ୍ରାସାଉଣ୍ଡ, ବୃକ୍କ ଓ ବୃକ୍କ ନଳୀ ପରୀକ୍ଷା କରାଇବା ଆବଶ୍ୟକ। ତାସହିତ ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଶରୀରକୁ ଜଳାଭାବ ନହେବାକୁ ପ୍ରଚୁର ମାତ୍ରାର ପାଣି ଓ ସ୍ୱାସ୍ଥ୍ୟକର ଖାଦ୍ୟ ସହ ଜୁସ୍ ପିଇବା ଆବଶ୍ୟକ। ତ୍ରିଫଳା ସେବନ ଦ୍ୱାରା ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। ତେଣୁ ରାତିରେ ଶୋଇବା ପୂର୍ବରୁ ଏକ ଚାମଚ ତ୍ରିଫଳା ଚୂର୍ଣ୍ଣକୁ ଏକ ଗ୍ଲାସ ନଖ ଉଷୁମ ପାଣି ସହିତ କରିପାରିବେ। ଧଣିଆରେ ଆଣ୍ଟି ବ୍ୟାକ୍ଟେରିଆଲ ଏବଂ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ଥିବାରୁ ଏହା ସଂକ୍ରମଣ ଦୂର କରିଥାଏ। ତେଣୁ ଏକ ଚାମଚ ଧଣିଆ ମଞ୍ଜିକୁ ଏକ ଗ୍ଲାସ୍ ପାଣିରେ ରାତିସାରା ଭିଜାଇ ପରଦିନ ସକାଳୁ ଏହି ପାଣିକୁ ଛାଣିକରି ପିଇବା ଦ୍ୱାରା ପରିସ୍ରା ସଂକ୍ରମଣ ଦୂର ହୋଇଥାଏ। ଜଳାପୋଡ଼ା ସମସ୍ୟା ରୁହେ ନାହିଁ। ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶକ୍ରମେ ଗୋକ୍ଷୁରା ଚୂର୍ଣ୍ଣ ସେବନ କରିପାରିବେ। ପୁନର୍ନବା କାଢ଼ା ଓ ରସ ସେବନ ପରିସ୍ରା ସଂକ୍ରମଣ ଦୂର ପାଇଁ ହିତକର। ଚିକିତ୍ସକଙ୍କ ପରାମର୍ଶରେ ଚନ୍ଦ୍ରପ୍ରଭା ବଟି, ଗୁଖୁରାଦି ଗୁଗୁଲୁ, ଚନ୍ଦନା ଶବ ପ୍ରବାଳ ଭସ୍ମ, ଶତାବରୀ ଘୃତ ଆଦି ସେବନ କରିପାରିବେ।



## ଆଲର୍ଜି

ଋତୁପରିବର୍ତ୍ତନ ଜନିତ ପାଗର ପ୍ରଭାବ ଶରୀର ଓ ମନ ଉପରେ ପଡ଼େ। ହଜମ ପ୍ରକ୍ରିୟା ପ୍ରଭାବିତ ହୁଏ। ଯାହାଫଳରେ ନାନାଦି ଶାରୀରିକ ଓ ମାନସିକ ସମସ୍ୟା ସହିତ ଶୀତପିତ୍ତ ସମସ୍ୟା ଦେଖାଯାଇଥାଏ। ହେଲେ ତନ୍ମଧ୍ୟରୁ ଏଲାର୍ଜି ପ୍ରାୟ ସମସ୍ତଙ୍କୁ ହୋଇଥାଏ। ଏଲାର୍ଜି ଖାଲି ତ୍ୱଚାରେ ହୁଏ ତାହା ନୁହେଁ, ଏଲାର୍ଜି ଯୋଗୁଁ ସର୍ଦ୍ଦି, ଥଣ୍ଡା, କାଶ ଆଦି ହୋଇପାରେ। ତେଣୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରି। ଖାଦ୍ୟ କି ପାଗ ଯୋଗୁଁ ଏଲାର୍ଜି ହେଉଛି, ତାହାକୁ ପ୍ରଥମେ ନିରୀକ୍ଷଣ କରିବା ଜରୁରି। ଖାଦ୍ୟରୁ ହେଉଥିଲେ ପ୍ରଥମେ ଉକ୍ତ ଖାଦ୍ୟକୁ ପରିତ୍ୟାଗ କରିବା କଥା। ଖରାଦିନେ ପ୍ରଚୁର ପାଣି ପିଇବା ସହ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଭାବେ କଞ୍ଚା ହଳଦୀ, ନିମପତ୍ରବଟା ଗାଧୋଇବାର ଅଧଘଣ୍ଟା ପୂର୍ବରୁ ଶରୀରରେ ଲଗାଇ ଉଷୁମ ପାଣିରେ ଗାଧୋଇବା ଆବଶ୍ୟକ। ଗାଧୁଆ ପାଣିରେ ଫିଟିକିରି ମିଶାଇ ସ୍ନାନ କରାଯାଇପାରେ। ଲେମ୍ବୁ, ମହୁ, ମସୁରଡାଲିର ଗୁଣ୍ଡ, ଗୋଲାପଜଳର ଏହାର ଲେପ ଗାଧୋଇବାର ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଲଗାଇ ଗାଧୋଇବା ଦ୍ୱାରା ତ୍ୱଚା ଚିକ୍କଣ ହୁଏ। ଏଲାର୍ଜି ସମସ୍ୟା ଦୂର ହୁଏ। ଗାଧୋଇବା ଅଧଘଣ୍ଟା ପୂର୍ବରୁ ସମ୍ପୂର୍ଣ୍ଣ ଶରୀରରେ ଗେରୁ ଲେପନ କରି ଗାଧୋଇପାରିବେ। ଏହି ସମୟରେ ଶରୀରରେ ଯେପରି ସୂର୍ଯ୍ୟକିରଣ ନ ପଡ଼ିବ ତାହାକୁ ଧ୍ୟାନ ଦେବା ଦରକାର। ଚିକିତ୍ସକଙ୍କ ପରାମର୍ଶରେ ମହାମଞ୍ଜିଷ୍ଠାଦିରିଷ୍ଟ, କୈଶୁର ଗୁଗୁଳ, ଆରୋଗ୍ୟବର୍ଦ୍ଧନୀ, ହରିଦ୍ରାଖଣ୍ଡ ମୋଦକ ଇତ୍ୟାଦି ସେବନ କରାଯାଇପାରେ। ସେହିପରି ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ ଗରମ କ୍ଷୀରରେ ଏକ ଚାମଚ କଞ୍ଚାହଳଦୀ ଫୁଟାଇ ଉଷୁମ ଅବସ୍ଥାରେ ପାନ କରାଯାଇପାରେ। ନିମ୍ବଛାଲି, ଗୁଡୁଚି, ତୁଳସୀ ୧୦ଗ୍ରାମ୍ ନେଇ ପାଣିରେ ସିଝାଇ ୫୦ ମିଲି ରଖି ସକାଳ ସନ୍ଧ୍ୟାରେ ସେବନ କରାଗଲେ ହିତକର ହୋଇଥାଏ।



## ଫୁସ୍‌ଫୁସ୍ ରୋଗ ଚିହ୍ନିବି କିପରି ?

ଆଇଆଇଟି, କାନପୁର ଦ୍ୱାରା ବିକଶିତ କରାଯାଇଥିବା ଏକ ଉପକରଣ ମାତ୍ର ୫୦ ସେକେଣ୍ଡ ମଧ୍ୟରେ ଫୁସ୍ଫୁସ୍ ଜନିତ ରୋଗକୁ ଚିହ୍ନଟ କରିପାରିବ। ମେଡାନଟ୍ରିକ୍ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଉପକରଣ ନାଁ ନୋଡେକ୍ସ। କେବଳ ସେତିକି ନୁହେଁ, ଏହା ଜଣେ ବ୍ୟକ୍ତିଙ୍କର ଫୁସ୍ଫୁସ୍ ସୁସ୍ଥତା ବିଷୟରେ ଜଣାଇଥାଏ। ଆଜ୍ମା ଓ ସିଓପିଡି (କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲମୋନାରୀ ଡିଜିଜ) ପୀଡ଼ିତଙ୍କ ପାଇଁ ଏହା ବରଦାନ ସଦୃଶ। ଏନେଇ କାନପୁରର ଇନ୍କ୍ୟୁବେଟର ପ୍ରିୟରଞ୍ଜନ ତିୱାରୀ କୁହନ୍ତି, ସମ୍ପ୍ରତି ଏକାଧିକ ଲୋକ ଫୁସ୍‌ଫୁଁସ୍‌ଜନିତ ରୋଗରେ ପୀଡ଼ିତ। ଅନେକ ପ୍ରାରମ୍ଭିକ ଅବସ୍ଥାରୁ ଏହି ରୋଗ ବିଷୟରେ ଜାଣି ପାରୁନଥିବାରୁ ଏହି ଉପରକଣଟିକୁ ଘରେ ବସି ବ୍ୟବହାର କରିବା ଦ୍ୱାରା ସ୍ୱଳ୍ପ ସମୟ ମଧ୍ୟରେ ରୋଗ ଓ ଏହାର ସ୍ଥିତି ବିଷୟରେ ଜାଣିପାରିବେ। ଏହି ଉପକରଣଟି ଇନହେଲର ଭାବେ କାର୍ଯ୍ୟ କରିଥାଏ। ମେଡାନଟ୍ରିକ୍ ଆପ୍ଲିକେଶନ ଫୋନ୍ରେ ଡାଉନଲୋଡ କରି ଏହାକୁ ସ୍ମାର୍ଟ ଫୋନ୍ରେ ସଂଯୋଗ କରାଯାଏ। ଏଥିରେ ବୟସ, ଉଚ୍ଚତା ଏବଂ ବ୍ୟକ୍ତି ଜଣକ ଧୂମପାନ କରୁଛନ୍ତି କି ନାହିଁ ସୂଚନା ଦିଆଯାଏ। ଏହି ସୂଚନା ହିସାବରେ ଉପକରଣଟି ଫୁସ୍ଫୁସ୍ର ରିପୋର୍ଟ ପ୍ରଦାନ କରିଥାଏ। ଫଳରେ ଫୁସ୍ଫୁସ୍ ଜନିତ ରୋଗକୁ ସଠିକ୍ ସମୟରେ ଚିହ୍ନଟ କରି ଶ୍ୱାସଜନିତ ସମସ୍ୟାକୁ ଦୂରେଇ ଦିଆଯାଇଥାଏ। ଜଣେ ବ୍ୟକ୍ତି ନିଜ ରୋଗର ସ୍ଥିତି ବିଷୟରେ ଡାକ୍ତରଙ୍କୁ ଜଣାଇ ଔଷଧ ସେବନ କରି ଆରୋଗ୍ୟ ଲାଭ କରନ୍ତି।



## କାଣ୍ଡଗରଡ଼ି ସରପଞ୍ଚଙ୍କ ନାମରେ ଫାଣ୍ଡିରେ ଅଭିଯୋଗ

ନୀଳଗିରି,୧୪।୯ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅଧୀନ କାଣ୍ଡଗରଡ଼ି ଗ୍ରାମ ପଞ୍ଚାୟତ ସରପଞ୍ଚ ରାଜେନ୍ଦ୍ର ରାଉତ ଙ୍କ ନାମ ରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ର ଖଡ଼ିପଦା ଗ୍ରାମ ର ବଷ୍ଟିମ ସାହି ର ମହିଳା ମାନେ ଏକତ୍ର ହୋଇ ଈଶ୍ୱରପୁର ଫାଣ୍ଡି ରେ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଗତ ୬ ଦିନ ପୂର୍ବରୁ ଶ୍ୟାମସୁନ୍ଦର ପୁର ପଂଚାୟତ ବଷ୍ଟିମ ସାହି ର ମହିଳା ସସ୍ମିତା ରାଣୀ ଦାସ ଙ୍କୁ କାଣ୍ଡ ଗରଡ଼ି ପଂଚାୟତ ହୁଣ୍ଡାପୁର ଗ୍ରାମ ର ରାଜେନ୍ଦ୍ର ପ୍ରଧାନ ଙ୍କ ସପରିବାର ଚାଷ ବିଲ କୁ ଯାତାୟାତକରିବାକୁ ନେଇ ସଙ୍ଘବଦ୍ଧ ଭାବରେ ଆକ୍ରମଣ କରିଥିଲେ। ଏ ନେଇଶ୍ରୀମତୀ ଦାସ ପ୍ରଥମେ ଈଶ୍ୱର ପୁର ଫାଣ୍ଡିରେ ଓ ପରେପରେ ନୀଳଗିରି ଥାନା ରେ ଅଭିଯୋଗ କରିଥିଲେ। ଘଟଣାକୁ ସମାଧାନ ପାଇଁ କାଣ୍ଡ ଗରଡ଼ି ସରପଞ୍ଚ ଦାୟିତ୍ୱ ନେଇଥିଲେ। ଦୀର୍ଘ ୫ ଦିନ ଧରି ଘଟଣାର ସମାଧାନ କରିବାର ପ୍ରତିଶ୍ରୁତି ଦେଇ ଘଟଣାକୁ ଚପେଇ ଦେବା ପାଇଁ ଉଦ୍ୟମ କରୁଥିବା ଜାଣି ଗତ ୧୨ ତାରିଖଦିନ ୪୧୧/୧୬ଏ ମାମଲା ପ୍ରଧାନ ପରିବାର ନାଁ ରେ ମାମଲା ରୁଜୁ ହୋଇଥିଲା। ସେହିଦିନ ରାତ୍ରିପ୍ରାୟ ୯. ୩୦ ରୁ ଊର୍ଦ୍ଧ୍ୱ ସମୟରେ ଏକ କାର ଏବଂ ୪ ରୁ ୫ ଟି ବାଇକ ସହାୟତାରେ ବୈଷ୍ଣବ ସାହି ରେ ପହଁଚି ସମସ୍ତ ଗାଡି କୁ ଅନ୍ଧାରରେ ରଖି ଅଭିଯୁକ୍ତମାନେ ପ୍ରଥମେ ମଦ ସିଗାରେଟ ପିଇ ସାହି ଭିତରେ ପସି ଉତ୍ପାତ ମଚାଇବା ସହିତ ମହିଳା ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ପରେ ଶ୍ରୀମତୀ ଦାସ ଡାଟି ବାଡ଼କୁ ଭାଙ୍ଗିଥିଲେ। ପାଖାପାଖି ୧ରୁ ଦେଢ଼ ଘଣ୍ଟା ଧରି ଘର ସମ୍ମୁଖରେ ଉତ୍ପାତ କରିବା ସହ ଥାନାରେ ଅଭିଯୋଗ କଲେ ଗୋଟା ଗୋଟା କାଟି କେନାଲ କୁ ଫିଙ୍ଗି ଦେବାର ଧମକ ଦେଇଥିଲେ।ଉକ୍ତ ଘଟଣା ରେ ମହିଳା ମାନେ ଭୟଭୀତ ହୋଇ ଈଶ୍ୱରପୁର ଫାଣ୍ଡି ରେ ସରପଞ୍ଚ ରାଜେନ୍ଦ୍ର ରାଉତ ଙ୍କ ବିରୋଧ ରେ ଈଶ୍ୱର ପୁର ଫାଣ୍ଡି ରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ସରପଞ୍ଚ ରାଜେନ୍ଦ୍ର ରାଉତଙ୍କୁ ପଚାରିବାରୁ ବିଲରେ ଯାତାୟାତକୁ ନେଇ ଉଭୟ ପିଟାମାରା ଲାଗିଥିଲେ। ଘଟଣା ସମ୍ପର୍କରେ ମତେ କହିବାରୁ ମୁଁ ସମାଧାନ କରିବା ପାଇଁ ଚେଷ୍ଟା କରୁଥିଲି, ସମାଧାନ ନହେବାରୁ ମୋ ନାଁରେ ମିଛରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି।

## ଟ୍ରକ-କାର୍ ମୁହାଁମୁହିଁ, ପ୍ରଧାନ ଶିକ୍ଷକ ଗୁରୁତର



ବାରିପଦା,୧୪।୯ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅନ୍ତର୍ଗତ ରାଇରଙ୍ଗପୁର - ଟାଟା ଜାତୀୟ ରାଜପଥ ୨୨୦ ନମ୍ବର କାଦୁଆଣୀ - ବାସିଙ୍ଗୀ ମଝିରାସ୍ତା ଚିଡ଼ିଲି ଢ଼ାବା ନିକଟରେ କାର୍ କୁ ସାମନାପଟୁ ଏକ ଦ୍ରୁତଗାମୀ ଟ୍ରକ ଧକ୍କା ଦେଇଥିଲା। ଫଳରେ କାର ଚାଳକ ଗୁରୁତର ହେବା ସହ କାରର ସମ୍ମୁଖ ଭାଗ ଚୁରମାର୍ ହୋଇଅଛି। ଖବର ନେବାରୁ ଜଣା ପଡ଼ିଛି ଯେ ତିରିଂ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ ନନ୍ଦ ଗଣେଶ ପୂଜା ଉପଲକ୍ଷେ ନିଜ ଘର ରାଇରଙ୍ଗପୁର ରୁ ତିରିଂ ସ୍କୁଲ ଅଭିମୁଖେ ନିଜେ କାର ଚଳାଇ ଯାଉଥିବାବେଳେ କାଦୁଆଣି ପାଖରେ ଭୟଙ୍କର ଦୁର୍ଘଟଣାରେ ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲ ପଠାଇଥିଲେ। ତାଙ୍କର ଡାହାଣ ଗୋଡ ଓ ହାତ ଭାଙ୍ଗି ଯାଇଛି। ଗୁରୁତର ଯୋଗୁଁ ତାଙ୍କୁ ଭୁବନେଶ୍ୱର କିମସ୍ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଛି। ବହଳଦା ପୁଲିସ ଗାଡି ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

## ବନମାଳିପୁର ଦଣ୍ଡାସାହିରେ ଅଗ୍ନିକାଣ୍ଡ

ବାଲିପାଟଣା,୧୪।୯ (ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅଧୀନ ବନମାଳିପୁର ଦଣ୍ଡାସାହିରେ ସୋମବାର ଏକ ଘରର ଗୋଟିଏ ବଖରାରେ ଅଗ୍ନିକାଣ୍ଡ ଘଟିଛି। ଘର ମାଲିକ ରାଜେନ୍ଦ୍ର ଦିନରା, ପିତା ନରସିଂହ ଦିନରା ଘରର ଗୋଟିଏ ବଖରାରେ ହଠାତ୍ ନିଆଁ ଲାଗିଥିବା ନେଇ ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା।ଖବର ପାଇ ବାଲିପାଟଣା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କୌଣସି ମାନବହାନି ହୋଇନଥିବା ଜଣାପଡ଼ିଛି। ପ୍ରାଥମିକ ଭାବେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

## ଏସ୍‌ଏଚ୍-୧୦ରେ ବିପଦ ଡାକୁଛି ରାସ୍ତାକଡ଼ର ବାଲି

ଝାରସୁଗୁଡ଼ା,୧୪।୯ (ସଂଚାର ବ୍ୟୁରୋ):ଝାରସୁଗୁଡ଼ାରୁ ସମ୍ବଲପୁରକୁ ସଂଯୋଗ କରୁଥିବା ୧୦ ନମ୍ବର ରାଜ୍ୟ ରାଜପଥ (ଏସ୍‌ଏଚ୍-୧୦) ଏବେ ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତାକଡ଼ରେ ଜମି ରହିଥିବା ବାଲି ସାଙ୍ଗକୁ ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଥିବା ଅଭିଯୋଗ ହୋଇଛି। ଖଣି ଓ ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲା ଦେଇ ଯାଇଥିବା ଏହି ରାଜପଥରେ ପ୍ରତିଦିନ ହଜାର ହଜାର କୋଇଲା, ବାଲି ଓ ପାଉଁଶ ବୋଝେଇ ଟ୍ରକ୍ ସମେତ ଅନ୍ୟାନ୍ୟ ଭାରିଯାନ ଏବଂ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ତେବେ ରାସ୍ତା ମରାମତି ଓ ପିଚୁ କାମ କରୁଥିବା ସଂସ୍ଥାର ଅବହେଳା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଫୁଟେ ଉଚ୍ଚର ବାଲି ଜମି ରହିଛି। ଫଳରେ ରାସ୍ତାର ଚଉଡ଼ା କମିବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି।

ବିଶେଷକରି ଦୁଇଚକିଆ ଓ ସାଇକେଲ ଚାଳକଙ୍କ ପାଇଁ ରାସ୍ତାକଡ଼ରେ ଜମିଥିବା ବାଲି ବିପଦ ସୃଷ୍ଟି କରୁଛି। ଚକା ବାଲି ଉପରକୁ ଚଢ଼ିଗଲେ ଚାଳକ ନିୟନ୍ତ୍ରଣ ହରାଇ ରାସ୍ତା ମଝିକୁ ଚାଲିଆସୁଛନ୍ତି। ଏହି ସମୟରେ ପଛପଟୁ ଆସୁଥିବା ଭାରିଯାନ ସହ ଧକ୍କା ହୋଇ ଦୁର୍ଘଟଣା ଘଟିବାର ଆଶଙ୍କା ବଢ଼ିଛି। ରାସ୍ତାକଡ଼ରୁ ନିୟମିତ ବାଲି ସଫା କରାଯାଉନଥିବାରୁ ନିରୀହ ଲୋକଙ୍କ ଜୀବନ ପ୍ରତି ବିପଦ ବଢ଼ୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ନିୟମିତ ସଚେତନତା ବୈଠକ ଓ ଅଭିଯାନ କରାଯାଉଥିଲେ ମଧ୍ୟ ଦୁର୍ଘଟଣା ଉପରେ ରୋକ୍ ଲାଗୁନାହିଁ। ତେଣୁ ଏସ୍‌ଏଚ୍-୧୦ର ରାସ୍ତାକଡ଼ରେ ଜମିଥିବା ବାଲିକୁ ତୁରନ୍ତ ସଫା କରିବା ସହ ଯାତାୟାତକୁ ସୁରକ୍ଷିତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନିମ୍ନମାନର ରାସ୍ତା ନିର୍ମାଣ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ଚମ୍ପୁଆ,୧୪।୯ (ସଂଚାର ବ୍ୟୁରୋ): ଚମ୍ପୁଆ ବ୍ଲକ ସୁନାପଶି ପଞ୍ଚାୟତରେ ଏକ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅନୁଦାନରେ ଯୋଡ଼ାପୋଖରୀ ଗ୍ରାମରୁ ସରାସପଶି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଜଙ୍ଗଲସାହି ଠାରେ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ଏହି କାର୍ଯ୍ୟର ମାନ ଅତି ନିମ୍ନକୋଟୀର ହୋଇଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ, ଚମ୍ପୁଆ ପଞ୍ଚାୟତ ସମିତି ତତ୍ତ୍ୱାବଧାନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା। ତେବେ ଠିକାଦାର କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷ ପୂର୍ବରୁ ଥିବା ପୁରୁଣା ମେଷ୍ଟାଲିଙ୍ଗକୁ ନହଟାଇ, ତାହା ଉପରେ ହିଁ ସିଧାସଳଖ କଂକ୍ରିଟ କାମ କରିଦେଇଛନ୍ତି। ଏହାସହିତ ନିର୍ମାଣ କାର୍ଯ୍ୟରେ ଅତି ନିମ୍ନମାନର ବାଲି ବ୍ୟବହାର କରାଯିବା ସହ ସିମେଣ୍ଟ ପରିମାଣରେ ବ୍ୟାପକ ହେରଫେର ଓ ଘୋଟାଲା ହୋଇଥିବା ଗ୍ରାମବାସୀ ସିଧାସଳଖ ଅଭିଯୋଗ କରିଛନ୍ତି। ସରକାରୀ ପାଣ୍ଠିର ଏଭଳି ଅପବ୍ୟବହାର ଏବଂ ଦୁର୍ନୀତିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ବ୍ଲକ ପ୍ରଶାସନ ତୁରନ୍ତ ଏହି ଘଟଣାସ୍ଥଳ ଯାଞ୍ଚକରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଛଅ ମାସରୁ ଊର୍ଦ୍ଧ୍ୱ ହେଲା ନଳକୂପ ଅଚଳ

# ଚୁଆ ପାଣି ଭରସାରେ ୬ ପରିବାର

## ଅଭିଯୋଗ ପରେ ଆଶ୍ୱାସନା, ସମାଧାନ ଶୂନ

ଲାଞ୍ଜିଗଡ଼,୧୪।୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କାନକୁଟ୍ରୁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଚକା ଗ୍ରାମର କୁମ୍ ପଡ଼ାରେ ଦୀର୍ଘ ୬ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡ଼ିଛି ଏକମାତ୍ର ନଳକୂପ। ଫଳରେ ପଡ଼ାର ପ୍ରାୟ ୬ଟି ପରିବାରର ୧୫ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ନଳକୂପଟି ଅଚଳ ହେବା ପରେ ପାନୀୟ ଜଳ ପାଇଁ ପଡ଼ାବାସୀ ଜମି ଜୁଡ଼ା ତଳେ ବୋହି ଆସୁଥିବା ପାଣିକୁ ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡ଼ିଛି। ଏହାଛଡ଼ା କେତେବେଳେ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ଧରାଭଟା ଗାଁକୁ ଯାଇ ପିଇବା ପାଣି ଆଣିବାକୁ ପଡୁଛି ବୋଲି ଗଣମାଧ୍ୟମ ସମ୍ମୁଖରେ ମତପ୍ରକାଶ କରିଛନ୍ତି।

ନଳକୂପ ମରାମତି ପାଇଁ ପଡ଼ାବାସୀ ସରପଞ୍ଚଙ୍କ ନିକଟକୁ ଯାଇ ଅଭିଯୋଗ କରିଥିଲେ। ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ ସରପଞ୍ଚ ଗାଁକୁ ଆସି ନଳକୂପର ସ୍ଥିତି ଦେଖିବା ସହ ଫଟୋ ଉଠାଇ ନେଇଥିଲେ ହେଲେ ଏଯାଏଁ ନଳକୂପ ମରାମତି ହୋଇପାରିନାହିଁ। ଏନେଇ ପଡ଼ାବାସୀ ପାନୀୟଜଳ ବିଭାଗୀୟ ଯନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଯନ୍ତ୍ରୀ ଗାଁକୁ ଆସି ସ୍ଥିତି ପରଖିବା ସହ ନୂତନ ନଳକୂପ ଖନନ ପାଇଁ ସ୍ଥାନ ଚିହ୍ନଟ କରିଥିବା ପଡ଼ାବାସୀ କହିଛନ୍ତି। ତେବେ ଏତେ ସବୁ ପ୍ରକ୍ରିୟା ପରେ ମଧ୍ୟ ଅଚଳ ନଳକୂପ ମରାମତି ହୋଇପାରି ନାହିଁ କି ନୂତନ ନଳକୂପ ମଧ୍ୟ ଖନନ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଲୋକେ। ଅନ୍ୟପକ୍ଷରେ ସରପଞ୍ଚଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ପଡ଼ାବାସୀ ଚେଷ୍ଟା କରିଥିଲେ ମଧ୍ୟ ଫୋନ୍ ଗ୍ରହଣ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇ ଚାଷ ଜମିରେ ବୋହି ଯାଉଥିବା ପାଣି ଉପରେ ନିର୍ଭର କରୁଥିବା କୁମ୍ ପଡ଼ାବାସୀଙ୍କ ସମସ୍ୟା ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଅଚଳ ନଳକୂପ ମରାମତି କିମ୍ବା ନୂତନ ନଳକୂପ ଖନନ କରି ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ବଚକା କୁମପଡ଼ାର ବେନ୍ଦେଲ ବିଭାର,ଅମୁ ସୁନା,ସନ୍ଧ୍ୟା ହରିଜନ,ଯମୁନା ବିଭାର,ଅଷ୍ଟମୀ ବିଭାର,ଶଙ୍କର ତାଣ୍ଡି,ପୂର୍ଣ୍ଣମୀ ତାଣ୍ଡି, ବିଲମା ତାଣ୍ଡି,ମନନୀର ସୁନା,ସାନୁର୍ଯ୍ୟ ସୁନା,ଜ୍ୟୋଷ୍ଣା ବିଭାର,ଅନୁଷ୍କା ବିଭାର ସମେତ ପଡ଼ାବାସୀ ପ୍ରମୁଖ ଦାବି କରିଛନ୍ତି।



## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୩ ଗୁରୁତର

ବାଲିପାଟଣା,୧୪।୯ (ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅଧୀନ ମଧୁବନ ଛକରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଅଟୋ ଚାଳକଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଅଟୋ ଚାଳକ ଜାଗମରା ଅଞ୍ଚଳର ଶ୍ୟାମସୁନ୍ଦର ବେହେରା, ଦୋରବାଙ୍ଗର ଉମାକାନ୍ତ ବାରିକ(୭୫) ଓ ବେନି ବାରିକ(୭୦)।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ପଟୁ ଏକ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିଲା। ଏହି ସମୟରେ ବାଲିପାଟଣା ଛକ ପଟୁ ଏକ ଅଟୋ ଯାଉଥିବାବେଳେ ମଧୁବନ ଛକ ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଅଟୋକୁ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୩ ଜଣ ଗୁରୁତର ଆହତ ହୋଇଥିଲେ।ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।ଅନ୍ୟପକ୍ଷରେ ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନ୍ ଚାଳକ ଘଟଣାସ୍ଥଳରୁ ଗାଡ଼ି ନେଇ ଖସିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋଡ଼ାଇଥିଲେ ମଧ୍ୟ ଧରିପାରି ନ ଥିଲେ। ଖବର ପାଇ ବାଲିପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଭୋଗରାଇରେ ବିଜେପିର ପଞ୍ଚାୟତସ୍ତରୀୟ ବୈଠକ

### ସ୍ଥାନୀୟ ସମସ୍ୟା ସମାଧାନ ସହ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଉପରେ ଗୁରୁତ୍ୱ

ବାଲିଆପାଳ,୧୪।୯ (ସଂଚାର ବ୍ୟୁରୋ): ଭୋଗରାଇ ବ୍ଲକ ନହରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସାଏନ୍ତପଟା ଗ୍ରାମରେ ବିଜେପି ପକ୍ଷରୁ ଏକ ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ପ୍ରମୁଖ ରଂଜନ ଦେଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଦଳୀୟ ସଂଗଠନକୁ ମଜବୁତ କରିବା ସହ ଅଞ୍ଚଳର ବିଭିନ୍ନ ଲୋକାଭିମୁଖୀ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।ବୈଠକରେ ବିଜେପି ନେତା ରାଜକୁମାର ପରିଡ଼ା, ୱାର୍ଡ ମେମ୍ବର ଉତ୍ତମ ଦଳାଇ ଏବଂ ପୂର୍ବତନ ୱାର୍ଡ ମେମ୍ବର ନରନାରାୟଣ ଦାସ ମହାପାତ୍ର, ହାରା ଧନ ଦାସ ଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।



ଚଳିତ ବର୍ଷର ବନ୍ୟା ଯୋଗୁଁ ଅଞ୍ଚଳର ବିଭିନ୍ନ ରାସ୍ତା ନଷ୍ଟ ହୋଇଥିବାରୁ ସେଗୁଡ଼ିକର ମରାମତି ଓ ନୂତନ ପ୍ରକଳ୍ପ ମାଧ୍ୟମରେ ରାସ୍ତା ବିକାଶ ନେଇ ବୈଠକରେ ମତାମତ ନିଆଯାଇଥିଲା। ଏଥିସହ ବିଜିବିଓ ଅଧୀନରେ ଆସିଥିବା ୩ ଲକ୍ଷ ଟଙ୍କାର ଭୋଗମଣ୍ଡପ ନିର୍ମାଣ କାର୍ଯ୍ୟ କିପରି ସଠିକ୍ ଭାବେ କରାଯିବ, ସେନେଇ ମଧ୍ୟ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇଥିଲା।

ସେହିପରି ସାଏନ୍ତପଟା ଉପ୍ରା ବିଦ୍ୟାଳୟର ମରାମତି ଓ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ନୂତନ ପ୍ରକଳ୍ପ ଆଣିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶିକ୍ଷାନୁଷ୍ଠାନର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ସମସ୍ୟାଗୁଡ଼ିକୁ ସମ୍ପୃକ୍ତ ବିଭାଗ ନିକଟରେ ଉପସ୍ଥାପନ କରାଯିବ ବୋଲି ଆଲୋଚନା ହୋଇଥିଲା।

ବୈଠକରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ମଧ୍ୟ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁଭଦ୍ରା ଯୋଜନା, ରେସନ କାର୍ଡ ଏବଂ ଆବାସ ଯୋଜନାର ସୁବିଧାରୁ ଯେପରି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନହୁଅନ୍ତି, ସେଥିପାଇଁ ଲୋକଙ୍କୁ ଆବଶ୍ୟକ ସହଯୋଗ ଯୋଗାଇବା ନେଇ ଆଲୋଚନା ହୋଇଥିଲା।

ବୈଠକରେ ଉଠିଥିବା ସମସ୍ତ ସମସ୍ୟା, ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ଏବଂ ବିକାଶମୂଳକ ପ୍ରସ୍ତାବଗୁଡ଼ିକୁ ଭୋଗରାଇ ବିଜେପି ନେତା ଆଶିଷ ପାତ୍ରଙ୍କ ନିକଟକୁ ପଠାଯିବ ବୋଲି ବିଜେପି ନେତା ରାଜକୁମାର ପରିଡ଼ା ସୂଚନା ଦେଇଛନ୍ତି। ତୃଣମୂଳସ୍ତରର ସମସ୍ୟାକୁ ଚିହ୍ନଟ କରି ସେଗୁଡ଼ିକର ସମାଧାନ ପାଇଁ ଦଳ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା।

## ନୀଳଗିରି ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ପାଳିତ

ନୀଳଗିରି,୧୪।୯ (ସଂଚାର ବ୍ୟୁରୋ): ଶ୍ରୀ ଗଜାନନଙ୍କ ପୂଜା ପାଇଁ ଗାଁ ଠାରୁ ସହର ସବୁଠି ଉତ୍ସବମୁଖର ହୋଇ ଉଠିଛି। ନୀଳଗିରି ଉପଖଣ୍ଡ ରେସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ରେ ଗଣେଶ ପୂଜା ମହା ଆଡମ୍ବର ରେ ପାଳିତ ହୋଇଯାଇଛି । ଏଥିରେ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ତଥା ସ୍କୁଲ, କଲେଜ, ଅଫିସ୍ ଏବଂ ସମସ୍ତ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଅଗ୍ରପୂଜ୍ୟ ଶ୍ରୀ ଗଜାନନ ଗଣେଶ। ଏଥିପାଇଁ ଗାଁ ଠାରୁ ସହର ସବୁଠି ମନୋଜ୍ଞ ପରିବେଶ ରେ ପୂଜା କରାଯାଉଛି।

ନୀଳଗିରି ସହର ରେ ଥିବା ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ନୀଳଗିରି ଉପଖଣ୍ଡ ରେ ଥିବା ସମସ୍ତ ଏସଏସଡ଼ି ବିଦ୍ୟାଳୟ, ସେବାଶ୍ରମ, ଆଶ୍ରମ, କନ୍ୟା ଶ୍ରମ, ଓଡ଼ିଶା ଆଦର୍ଶ, କଳିଙ୍ଗ ମଡେଲ, ଏକଲବ୍ୟ ବିଦ୍ୟାଳୟରେ ମଧ୍ୟ ଶ୍ରୀ ଗଜାନନଙ୍କ ପୂଜା ଅତ୍ୟନ୍ତ ଭାବମୟ ଆଧ୍ୟାତ୍ମିକ ପରିବେଶ ରେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ବୈଦିକ ରୀତିନୀତି ଏବଂ ସରକାରଙ୍କ ନିୟମ ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜାରେ, ସ୍କୁଲ ର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ସମସ୍ତ ଛାତ୍ର/ଛାତ୍ରୀ ମାନେ ଉପସ୍ଥିତ ରହି , ପୁଷ୍ପାଞ୍ଜଳୀ ଦେବା ସହିତ ନିଜ ନିଜର ଭକ୍ତି ନୈବେଦ୍ୟ ଅର୍ପଣ କରିଥିବା ଦେଖାଯାଇଛି।




ଅପରପକ୍ଷରେ ନୀଳଗିରି ବସଷ୍ଟାଣ୍ଡ ଠାରୁ ବାଇପାଶ ଦେଇ ଘାଟଘରସାହି ପର୍ଯ୍ୟନ୍ତ ମୌର୍ଯ୍ୟ ବୟଜେ କ୍ଲବ, କୁମାର ଯୁବକ ସଙ୍ଘ, ସଂଘର୍ଷ କ୍ଲବ, ମହାରାଜ କ୍ଲବ, ଗଜାନନ କ୍ଲବ, ବାରିବାର କ୍ଲବ, ହେପି କ୍ଲବ, କିଷ୍ଟୋ କ୍ଲବ, ଫ୍ରେଣ୍ଡ ସ କ୍ଲବ, ଲାୟନ୍ସ କ୍ଲବ, କଳିଙ୍ଗ ପାଠାଗାର ସମେତ୧୫ଉର୍ଦ୍ଧ୍ୱ ମେଢ଼ରେ ୨୫ଫୁଟ ପର୍ଯ୍ୟନ୍ତ ବିଶାଳ ମୂର୍ତ୍ତି ରେ ପୂଜା ପାଉଛନ୍ତି । ସବୁ ମେଢ଼ ରେ ସୁନ୍ଦର ସାଜଶଯ୍ୟା ସହିତ ରଙ୍ଗୀନ ଆଲୋକ ମାଳା ଝଲସି ଉଠୁଥିବାରୁ ଭକ୍ତ ଓ ଦର୍ଶକ ମନ ମହୁଛି। ପ୍ରତ୍ୟେକପୂଜା ମଣ୍ଡପରେ ସନ୍ଧ୍ୟାରେ ଭଜନ, କୀର୍ତ୍ତନ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

## ହିନ୍ଦୁ, ମୁସଲମାନ ଓ ଖ୍ରୀଷ୍ଟୀୟାନ ତିନି ସମ୍ପ୍ରଦାୟ ଏକ ହୋଇ ପାଳିଲେ ଗଣେଶ ପୂଜା

ନୀଳଗିରି,୧୪।୯ (ସଂଚାର ବ୍ୟୁରୋ): ଆଜି ଅଗ୍ରପୁଜ୍ୟ ବିଘ୍ନ ବିନାଶକ ଗଜାନନଙ୍କ ପୂଜା ।ଏନେଇ ସବୁଠି ଉତ୍ସବ ମୁଖର ହୋଇଉଠିଛି । ତେବେ ନୀଳଗିରି ସହରରେ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ବିଭିନ୍ନ କ୍ଲବ ରେ ଗଣେଶ ପୂଜା ମହା ଧୁମ ଧାମ ରେ ପାଳନ କରାଯାଉଛି । ନୀଳଗିରି ଏନଏସି ୮ ନମ୍ବର ୱାଡ଼ ଚିମିନିଭାଟି ଗାଁରେ ହିନ୍ଦୁ ମୁସଲମାନ ଓ ଖ୍ରୀଷ୍ଟିୟାନ ତିନି ସମ୍ପ୍ରଦାୟ ର ଲୋକ ବସବାସ କରନ୍ତି । ଏହି ତିନି ସମ୍ପ୍ରଦାୟ ର ଲୋକମାନେ ଏକ ହୋଇ ପାଳିଛନ୍ତି ଗଣେଶ ପୂଜା । ଯାହା ଭାଇଚାରର ନିଆରା ଉଦାହରଣ ପାଲଟିଛି ଚିମିନିଭାଟି ଗାଁ।

ଗ୍ରାମରେ ଥିବା ହେପି କ୍ଲବରେ ଗତ ୨୦୧୭ରୁ ଆରମ୍ଭ ହୋଇ ଆଜି ୧୦ବର୍ଷ ରେ ପଦାର୍ପଣ କରିଛି । ତେବେ କ୍ଲବ ରେ ଏହି ତିନି ଧର୍ମାବଲମ୍ବି ଲୋକମାନେ ଏକଯୋଟ ହୋଇ ସହଯୋଗ ସହିତ ଭାଇଚାରା ନୀତି ରେ ପୂଜା ସମ୍ପାଦନ ହୋଇ ଥାଏ । କ୍ଲବ ର ସଦସ୍ୟ ସ୍ୱର୍ଗତ ସ୍ନେହାଶିଷ ଦାସ ଙ୍କ ର ତିନିବର୍ଷ ତଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ମୃତ୍ୟୁ ହୋଇଥିଲା ବେଳେ ଆଜି ପୂଜା ଅବସରରେ ତାଙ୍କର ଆତ୍ମାର ସଦଗତି କାମନା କରାଯାଇଥିଲା । କ୍ଲବ ର ସଭାପତି ମଣ୍ଟୁ ବେହେରା, ସମ୍ପାଦକ ବିଭୂ ବେହେରା, କୋଷାଧ୍ୟକ୍ଷ ରବି କୁମାର, ସଦସ୍ୟ ନିହାର ବେହେରା, ରାଜେନ୍ଦ୍ର ପ୍ରଧାନ, ବସନ୍ତ କୁଅଁର, ବସନ୍ତ ଦାସ, ମନୋଜ ବେହେରା, ବସନ୍ତ ବେହେରା, ହିମାଂଶୁ ବେହେରା, ଶେଖ୍ କମରୁଦ୍ଦିନ,ଶେଖ୍ ତୌର ମହମ୍ମଦ, ଶେଖ୍ ତରିମ ଅଲ୍ଲି ଖାଁ, ଶେଖ୍ ମନସୁର୍ ମହମ୍ମଦ ପ୍ରମୁଖ ପୂଜାରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପୂଜା ପାଇଲେ କୁନି କୁନି ପିଲାଙ୍କ ହାତରେ ତିଆରି ଗଣେଶ ମୂର୍ତ୍ତି

ବାରିପଦା,୧୪।୯ (ସଂଚାର ବ୍ୟୁରୋ): କୁନି କୁନି ପିଲାମାନେ ଦେଖିଥିବା ଓ ଶିଖିଥିବା କାର୍ଯ୍ୟକୁ ଅତି ସହଜରେ ଅନୁକରଣ କରି ନିଜ ପ୍ରତିଭାର ପରିଚୟ ଦେଇପାରନ୍ତି ବୋଲି ଏକ ବିଦ୍ୟାଳୟ ରେ ଦେଖିବାକୁ ମିଳିଅଛି । ବାରିପଦା ସହରର ୧୫ ନମ୍ବର ୱାର୍ଡ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ପ୍ରତିବର୍ଷ ବିଦ୍ୟାଳୟରେ ଗଣେଶ ଓ ସରସ୍ୱତୀ ପୂଜା ଅବସରରେ ନିଜ ହାତରେ ମୂର୍ତ୍ତି ତିଆରି କରି ପୂଜା କରିଥାନ୍ତି ।

ଚଳିତ ବର୍ଷ ପୂଜାସ୍ଥଳର ସାଜସଜ୍ଜାଠାରୁ ଆରମ୍ଭ କରି ବିଭିନ୍ନ କଳାକୃତି ପର୍ଯ୍ୟନ୍ତ ସବୁକିଛିରେ ପିଲାମାନେ ନିଜର ଦକ୍ଷତାର ପରିଚୟ ଦେଇଛନ୍ତି। କୁନି କୁନି ହାତରେ ଗଢ଼ା ଗଣେଶଙ୍କ ମୂର୍ତ୍ତି ଓ ନିଜ ହାତରେ କରାଯାଇଥିବା ସୁନ୍ଦର ସାଜସଜ୍ଜା ଯେକୌଣସି ବ୍ୟକ୍ତିଙ୍କ ମନକୁ ଆକର୍ଷିତ କରୁଛି। ସୀମିତ ସାଧନ ମଧ୍ୟରେ ପିଲାମାନେ ନିଜର କଳ୍ପନାଶକ୍ତି ଓ ସୃଜନଶୀଳତାକୁ ବ୍ୟବହାର କରି ଯେଉଁ କାର୍ଯ୍ୟ କରିଛନ୍ତି, ତାହା ଅନ୍ୟମାନଙ୍କଠାରୁ ସେମାନଙ୍କୁ ଅଲଗା ପରିଚୟ ଦେଇଛି। ବିଶେଷକରି ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ଛାତ୍ରମାନେ ଏହି ମୂର୍ତ୍ତି ତିଆରି ଓ ପୂଜା ସାଜସଜ୍ଜା କାର୍ଯ୍ୟରେ ସମ୍ପୂର୍ଣ୍ଣ ସମୟ ଦେଇଛନ୍ତି। ପାଠପଢ଼ା ସହିତ ନିଜର କଳା ପ୍ରତିଭାକୁ ବିକଶିତ କରି ବିଦ୍ୟାଳୟ ପାଇଁ ଗର୍ବ ଆଣିଦେବା ସହିତ ସେମାନେ ଅନ୍ୟ ପିଲାମାନଙ୍କ ପାଇଁ ମଧ୍ୟ ପ୍ରେରଣା ପାଲଟିଛନ୍ତି।



ଏହି ବିଦ୍ୟାଳୟର ଛାତ୍ରଛାତ୍ରୀ କେବଳ ଚିତ୍ରକଳା ଓ ହସ୍ତକଳାରେ ପାରଙ୍ଗମ ନୁହନ୍ତି, ଖେଳକୁଦ, ନୃତ୍ୟ, ସଙ୍ଗୀତ ସମେତ ବିଭିନ୍ନ କ୍ଷେତ୍ରରେ ମଧ୍ୟ ସେମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଆସୁଛନ୍ତି। ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହୋଇ ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି। କୁନି କୁନି ହାତରେ ଗଢ଼ା ମୂର୍ତ୍ତି ଓ ହୃଦୟସ୍ପର୍ଶୀ ସାଜସଜ୍ଜା ମାଧ୍ୟମରେ ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରମାଣ କରିଛନ୍ତି ଯେ, ସୁଯୋଗ ମିଳିଲେ ପିଲାମାନଙ୍କ ସୃଜନଶୀଳତା ଚମତ୍କାର ସୃଷ୍ଟି କରିପାରେ।

ବିଦ୍ୟାଳୟ ପରିସରରେ ଥିବା ଗଣଶିକ୍ଷା ବିଭାଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ହଷ୍ଟେଲର ଦେବାଶିଷ ଗିରି, ନୀତିକ କୁଣ୍ଡ, ବିଶ୍ୱନାଥ ମହାନ୍ତ, ରାହୁଲ ବେହେରା, ଦେବାଶିଷ କୁଅଁର, ଗୌରାଙ୍ଗ ବେହେରା ଓ ଶିବ ସିଂହ ପ୍ରମୁଖ ସମ୍ପୂର୍ଣ୍ଣ ନେତୃତ୍ୱ ନେଇ ମୂର୍ତ୍ତି ନିର୍ମାଣ ଓ ସାଜସଜ୍ଜା କରିଥିଲେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ଜଣାଇଛନ୍ତି ।

## ବୈଶିଙ୍ଗାର ବିଭିନ୍ନ ସ୍ଥାନରେ ବିଘ୍ନରାଜଙ୍କ ପୂଜାର୍ଚ୍ଚନା



ବୈଶିଙ୍ଗା,୧୪।୯ (ସଂଚାର ବ୍ୟୁରୋ): ଅଗ୍ରପୂଜ୍ୟ ଗଣନାଥ ଙ୍କ ପୂଜାର୍ଚ୍ଚନା ପାଇଁ ସାରା ଦେଶ ଆଜି ଉତ୍ସବ ମୂଖର ହୋଇ ଉଠିଛି।ଏଥିପାଇଁ ବୈଶିଙ୍ଗାର ବିଭିନ୍ନ ବିଦ୍ୟାଳୟ, ଯୁବକ ସଂଘ, ଘରୋଇ ଅନୁଷ୍ଠାନ ଗୁଡିକରେ ଗଜାନନଙ୍କ ପୂଜାର୍ଚ୍ଚନା ମହା ଧୂମ ଧାମରେ ପାଳିତ ହୋଇଥିବା ଜଣାଯାଇଛି । ଏଥିପାଇଁ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ପରିଚାଳନାରେ ଅନ୍ତେ ବାସୀ ଛାତ୍ରଛାତ୍ରୀ ମାନେ ନବ ବସ୍ତ୍ର ପରିଧାନ କରି ପୂଜାରେ ସହଯୋଗ କରି ଥିଲେ । ପୂଜାର୍ଚ୍ଚନା ପରେ ଏହି କୁନି କୁନି ଛାତ୍ର ଛାତ୍ରୀ ମାନେ ନାଚ ଗୀତରେ ମସଗୁଲ ହୋଇ ଯାଇଥିଲେ । ସେହିପରି ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରୀଶ୍ରୀ ଗଜାନନଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଥିଲା। ବାବା ସିଦ୍ଧେଶ୍ୱର ମହାଦେବ ଯୁବକ ସଂଘ ଆନୁକୂଲ୍ୟରେ ପ୍ରଥମ କରି ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାର୍ଚ୍ଚନା ମହା ଧୂମ ଧାମରେ ପାଳିତ ହୋଇଥିବାର ଜଣା ଯାଇଛି । ବୈଶିଙ୍ଗାର ମୁନିଲାଲ ଉଚ୍ଚ ବିଦ୍ୟାଳୟ , ବାଳିକା ଉଚ୍ଚ ବିଦ୍ୟାଳୟ, ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖୁଣ୍ଟାପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ହେମପୁର କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ , ପୁରୁଣିଆ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ, ଖଇରବଣି ଆଶ୍ରମ ବିଦ୍ୟାଳୟ ଗୁଡିକରେ ଶ୍ରୀଗଣେଶ ଙ୍କ ପୂଜାର୍ଚ୍ଚନା ହୋଇଯାଇଛି।

## ନିର୍ମାଣ ଆରମ୍ଭର ୩ ବର୍ଷ ପରେ ବି ଅଧପନ୍ତରିଆ ହଷ୍ଟେଲ

ଝାରସୁଗୁଡ଼ା,୧୪।୯ (ସଂଚାର ବ୍ୟୁରୋ):ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଶେଷ ହୋଇପାରୁନାହିଁ ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ପତ୍ରାପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲ ଗୃହ। ନିର୍ମାଣ କାମ ଦୀର୍ଘଦିନ ଧରି ଅଧପନ୍ତରିଆ ଭାବେ ପଡ଼ିରହିଥିବାରୁ ଏହାର ସୁବିଧା ଛାତ୍ରଛାତ୍ରୀଙ୍କୁ ମିଳିପାରୁନାହିଁ। ଫଳରେ ବିଦ୍ୟାଳୟର ପ୍ରାୟ ୪ ଶହ ଛାତ୍ରଛାତ୍ରୀଙ୍କ ଯାତାୟାତ ନେଇ ଘୋର ସମସ୍ୟା ଦେଖାଦେଇଛି।

ସୂଚନା ଅନୁଯାୟୀ, ପତ୍ରାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରଛାତ୍ରୀ ଗରିବ ଓ ଗ୍ରାମାଞ୍ଚଳର ପରିବାରରୁ ଆସିଥାନ୍ତି। ଦୂରଦୂରାନ୍ତରୁ ପିଲାମାନେ ବିଦ୍ୟାଳୟକୁ ଆସୁଥିବା ବେଳେ ହଷ୍ଟେଲ ଗୃହ ନିର୍ମାଣ ଶେଷ ହୋଇ ନଥିବାରୁ ସେମାନଙ୍କ ଯାତାୟାତ ଓ ରହଣିକୁ ନେଇ ଅଭିଭାବକମାନେ ମଧ୍ୟ ଚିନ୍ତାରେ ରହିଛନ୍ତି।

ହଷ୍ଟେଲ ଗୃହର ଛାତ ପଡ଼ିବା ସହ ରଙ୍ଗ କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇସାରିଛି। ତେବେ ଗୃହର ଭିତର ଭାଗର ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଏବେ ସୁଦ୍ଧା ଅସମ୍ପୂର୍ଣ୍ଣ ରହିଛି। ବିଶେଷକରି ମାର୍ବଲ ପକାଇବା, ବିଦ୍ୟୁତ୍ ୱାୟାରିଂ ଏବଂ ପାଣି ପାଇପ୍ ୱାୟାରିଂ ଭଳି ଆବଶ୍ୟକୀୟ କାର୍ଯ୍ୟ ଶେଷ ହୋଇନାହିଁ। ବାହାର ଭାଗର କାମ ଅନେକାଂଶରେ ସରିଥିଲେ ମଧ୍ୟ ଭିତରର ଏହି ମୌଳିକ କାମଗୁଡ଼ିକ ଅଧାରେ ଅଟକି ରହିବା ଯୋଗୁଁ ହଷ୍ଟେଲଟି ଛାତ୍ରଛାତ୍ରୀଙ୍କ ବ୍ୟବହାର ପାଇଁ ଉପଯୋଗୀ ହୋଇପାରୁନାହିଁ।

ଏପଟେ ହଷ୍ଟେଲ ଅଭାବରୁ ଦୂରଦୂରାନ୍ତର ଛାତ୍ରଛାତ୍ରୀଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ଯିବାଆସିବା କରିବାକୁ ପଡୁଛି। ଯାତାୟାତ ବ୍ୟବସ୍ଥା ସୁବିଧାଜନକ ନଥିବା ଅଞ୍ଚଳରୁ ଆସୁଥିବା ପିଲାଙ୍କ ପାଇଁ ଏହି ସମସ୍ୟା ଆହୁରି ଗୁରୁତର ହୋଇପଡ଼ିଛି। ଗରିବ ଓ ଗ୍ରାମାଞ୍ଚଳର ପରିବାରର ପିଲାମାନଙ୍କ ଶିକ୍ଷାକୁ ସହଜ କରିବା ଉଦ୍ଦେଶ୍ୟରେ ଆଦର୍ଶ ବିଦ୍ୟାଳୟ ଭଳି ଅନୁଷ୍ଠାନ ଖୋଲାଯାଇଥିବା ବେଳେ ହଷ୍ଟେଲ ନିର୍ମାଣରେ ଏଭଳି ବିଳମ୍ବ ପ୍ରଶ୍ନ ସୃଷ୍ଟି କରିଛି।

ତିନି ବର୍ଷ ଧରି ନିର୍ମାଣାଧୀନ ଥିବା ଏହି ହଷ୍ଟେଲ ଗୃହର ଅବଶିଷ୍ଟ କାମ କେବେ ସରିବ ଏବଂ କେବେ ଏହା ଛାତ୍ରଛାତ୍ରୀଙ୍କ ବ୍ୟବହାରରେ ଆସିବ, ତାହାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଅଧପନ୍ତରିଆ କାର୍ଯ୍ୟକୁ ଶୀଘ୍ର ଶେଷ କରି ହଷ୍ଟେଲଟିକୁ ଛାତ୍ରଛାତ୍ରୀଙ୍କ ଉପଯୋଗରେ ଆଣିବାକୁ ଦାବି ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀ ଗଣେଶ ପୂଜା ପାଳିତ



ସୁବର୍ଣ୍ଣପୁର,୧୪।୯ (ସଂଚାର ବ୍ୟୁରୋ): ସୋନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶ୍ରୀ ଗଣେଶ ପୂଜା ଉତ୍ସବ ମହାସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସମ୍ମାନନୀୟ ଶ୍ରୀ ପ୍ରଣବ କୁମାର ନାୟକ, ପ୍ରାନ୍ତ ପ୍ରଚାର ପ୍ରମୁଖ, ପଶ୍ଚିମ ପ୍ରାନ୍ତ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭାଇ ଭଉଣୀ ମାନଙ୍କୁ ଶୁଭାଶିର୍ବାଦ କରିଥିଲେ। କାର୍ଯ୍ୟକ୍ରମର ପୂଜା ପ୍ରମୁଖ ଶାନ୍ତନୁ କୁମାର ଯୋଶୀ ଗୁରୁଜୀଙ୍କ ଦାୟିତ୍ୱ କ୍ରମେ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂପାଦିତ ହୋଇଥିଲା । ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟଙ୍କ ଦ୍ୱାରା ପ୍ରକାଶିତ ଏବଂ ଗୁରୁଜୀ ଶ୍ରୀ ସୁବ୍ରତ ବିଶି, ଗୁରୁମା ଶ୍ରୀମତୀ ପଦ୍ମିନୀ ପଣ୍ଡା, ପ୍ରତିଭା ପଣ୍ଡା, ହିମାନୀ ମାହାଣା ଓ ଶିଶୁମାନଙ୍କ ଦ୍ୱାରା ସମ୍ପାଦିତ ବିଦ୍ୟାଳୟର ପ୍ରାଚୀର ପତ୍ର "ଚିନ୍ମୟୀ, ସୁଚିତ୍ରା ଓ ଶିଶୁ ବାଟିକା ପତ୍ରିକା "କଳିକା"" ବିଦ୍ୟାଳୟର ସଭାପତି ଡ. ମିଶ୍ରଙ୍କ ଦ୍ୱାରା ଉନ୍ମୋଚନ ହରପ୍ରସାଦ କରାଯାଇଥିଲା ।